# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 6 MAY 2026
ବୁଧବାର ୬ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 347 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୪୭ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


### ଇନ୍‌ଷ୍ଟା ପ୍ରେମର ରକ୍ତାକ୍ତ ପରିଣାମ

## ନ୍ୟାୟ ମାଗୁଥିବା ଭାଉଜକୁ ହାଣିଦେଲା ଦିଅର

**ହିଞ୍ଜିଳିକାଟୁ, ୫।୫/ଏନ୍‌ଏନ୍‌ଏସ୍:**

ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ହିଞ୍ଜିଳି ଥାନା ଖରିଡ଼ା ଗାଁରେ ଏକ ଅତ୍ୟନ୍ତ ବୀଭତ୍ସ ତଥା ଅମାନୁଷିକ ହତ୍ୟାକାଣ୍ଡ ଦେଖିବାକୁ ମିଳିଛି। ଏଠାରେ ନ୍ୟାୟ ପାଇଁ ପ୍ରତାରିତ ପ୍ରେମିକର ଘର ସାମ୍ନାରେ ନିଜ ୩ ବର୍ଷର ଝିଅକୁ ଧରି ଧାରଣାରେ ବସିଥିବା ଜଣେ ମହିଳାଙ୍କୁ ପ୍ରାଣ ହରାଇବାକୁ ପଡିଛି। ମହିଳାଜଣକ ଭଲପାଉଥିବା ପ୍ରେମିକର ସାନଭାଇ ହିଁ ତାଙ୍କୁ ହତ୍ୟା କରିଥିବା ଜଣାପଡିଛି। ଅଭିଯୋଗ ଅନୁସାରେ ହତ୍ୟାକାରୀ ସମସ୍ତଙ୍କ ସାମ୍ନାରେ ପୀଡିତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା ଯେଉଁଥିରେ



ମହିଳାଜଣକ ପ୍ରାଣ ହରାଇଛନ୍ତି। ମୃତା ମହିଳାଙ୍କ ନାମ ପୂଜା ସ୍ୱାଇଁ (୨୧) ଏବଂ ସେ ରମ୍ଭା ଥାନା ଅନ୍ତର୍ଗତ ଅଗସ୍ତି ନୂଆଗାଁର ବାସିନ୍ଦା ବୋଲି ଜଣାପଡିଛି।

୩ ବର୍ଷ ପୂର୍ବେ ଖରିଡା ଗାଁର ଚିଣ୍ଟୁ ଗୌଡଙ୍କୁ ଏକ ମନ୍ଦିରରେ ପ୍ରେମ ବିବାହ କରିଥିଲେ ପୂଜା ସ୍ୱାଇଁ। ଉଭୟଙ୍କ ମଧ୍ୟରେ ଇନ୍‌ଷ୍ଟାଗ୍ରାମ୍‌ରୁ ପ୍ରଥମେ ପରିଚୟ ହୋଇଥିଲା ଯାହାକି ପରେ ପ୍ରେମର ରୂପ ନେଇଥିଲା। ଏହି ସମୟ ମଧ୍ୟରେ ପୂଜା ଏକ କନ୍ୟା ସନ୍ତାନକୁ ମଧ୍ୟ ଜନ୍ମ ଦେଇଥିଲେ। ତେବେ ଗତ ୬ ମାସ ଧରି ଦୁଇଜଣ ପୁରୀରେ ଭଡା ଘର ନେଇ ରହୁଥିବା ବେଳେ ପ୍ରାୟ ୧୫ ଦିନ ପୂର୍ବରୁ ଜିଣ୍ଟୁ, ପୂଜାଙ୍କୁ ବ୍ରହ୍ମପୁର ରେଲୱେ ଷ୍ଟେସନରେ ଛାଡ଼ି ହଠାତ୍ ନିଖୋଜ ହୋଇଯାଇଥିଲେ। ଏନେଇ ପୂଜା ହିଞ୍ଜିଳି ଥାନାରେ ଅପ୍ରିଲ ୧୯ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ କେସ ନଂ ୨୪୧/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ▶▶ ୬

### ଲାଞ୍ଜିଗଡ଼ରେ ବଡ଼ ଧରଣର ଡକାୟତି

## ଛୁରୀ ଦେଖାଇ ୮ ଲକ୍ଷ ଟଙ୍କା, ୧୫ ଭରି ସୁନା ଲୁଟ୍

**ଲାଞ୍ଜିଗଡ,୫।୫/ଏନ୍ ଏନ୍‌ଏସ୍:**

ଶିଳ୍ପ ସହର ଲାଞ୍ଜିଗଡ଼ରେ ଘଟିଛି ଏକ ବଡ଼ ଧରଣର ଡକାୟତି। ଲାଞ୍ଜିଗଡ଼ ଥାନା ଜଗନ୍ନାଥପୁରରେ ଘର ତିଆରି କରି ରହୁଥିବା ବ୍ୟବସାୟୀ ଆନନ୍ଦ ଅଗ୍ରୱାଲଙ୍କ ଦୁଇମହଲା ଘରେ ରବିବାର ବିଳମ୍ବିତ ରାତିରେ ପାଞ୍ଚରୁ ଛଅଜଣ ଦୁର୍ବୃତ୍ତ ହଠାତ୍ ପଶି ଆସିବା ସହିତ ତାଙ୍କ ଘର ମୁଖ୍ୟ କବାଟ ଭାଙ୍ଗି ଘର ଭିତରେ ଧସେଇ ପଶିଥିଲେ। ଏହାପରେ ନିଦରେ ଶୋଇଥିବା ବ୍ୟବସାୟୀ ଶ୍ରୀ ଅଗ୍ରୱାଲ ଓ ତାଙ୍କ ପତ୍ନୀ ବବିତାଙ୍କୁ ଉଠାଇ ସେମାନଙ୍କ ଗଳାରେ ଛୁରୀ ଲଗାଇ ଭୟଭୀତ କରିବା ସହିତ ଘରେ ଥିବା



ନଗଦ ୮ ଲକ୍ଷ ଟଙ୍କା, ୧୫ ତୋଳା ସୁନା, ୫୦ ତୋଳା ରୁପା ଅଳଙ୍କାର ଆଦି ନେଇଯାଇଥିବା ଅଭିଯୋଗ ହୋଇଛି।ଏପରିକି ଲୁଟ ପୂର୍ବରୁ ସେମାନଙ୍କ ତିନିଗୋଟି ମୋବାଇଲ ଛଡାଇ ନେଇ ଗଲାବେଳେ ଘର ବାହାରେ ଫିଙ୍ଗି ଦେଇ ଚାଲିଯାଇଥିଲେ। ରାତି ପ୍ରାୟ ୨.୩୦ରୁ ୩.୩୦ ପର୍ଯ୍ୟନ୍ତ ଦୀର୍ଘ ଘଣ୍ଟାଏ କାଳ ଡକାୟତ ଦଳ ନିଜର ଆତଙ୍କରାଜ ଚଳାଇ ପଳାଇ ଯିବାପରେ କୌଣସି ପ୍ରକାରେ ସେ ଲୋକଙ୍କୁ ସୂଚନା ଦେବା ସହ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କେସିଙ୍ଗା ଏସଡିପିଓ ସଦୀପ ମାଝୀ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ତଦନ୍ତ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଲାଞ୍ଜିଗଡ଼ ଅଞ୍ଚଳରେ ▶▶ ୬

### ଅହମଦାବାଦ ନିବେଶକ ସମ୍ମିଳନୀରେ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧି

# ଭାରତର ପୂର୍ବାଞ୍ଚଳକୁ ସମୃଦ୍ଧ କରିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫/୫, ଏନ୍‌ଏନ୍‌ଏସ୍:**

'ପୂର୍ବୋଦୟ' ପରିକଳ୍ପନାରେ ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କାରଣ,

**ଭିଜନ୍‌ରୁ ଆକ୍ସନ୍- ଭାରତର ପୂର୍ବାଞ୍ଚଳ ଅଭିବୃଦ୍ଧିର ଅଭିଯାନ ଅହମଦାବାଦରୁ ଆରମ୍ଭ**



ଭାରତର ପଶ୍ଚିମ ଭାଗକୁ ସମୃଦ୍ଧ କରିଛି ଗୁଜରାଟ୍। ବର୍ତ୍ତମାନ ଭାରତର ପୂର୍ବ ଭାଗକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦ୍ରୁତ ଅଭିବୃଦ୍ଧି ଓ ରଣନୈତିକ ଯୋଜନା ସହିତ ଓଡ଼ିଶା ବର୍ତ୍ତମାନ ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି। ଏହା ସହିତ ପ୍ରତିଯୋଗିତାମୂଳକ ପରିବେଶରେ ନିବେଶକଙ୍କୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତି ମଧ୍ୟ ପ୍ରଦାନ କରୁଛି। ସୋମବାର ଅହମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୃଢ଼, ଦୂରଦୃଷ୍ଟିସମ୍ପନ୍ନ ବାର୍ତ୍ତା ଦେଇଛନ୍ତି। ଗୁଜରାଟ ଗସ୍ତର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି । ଏହା ଓଡ଼ିଶାର ବିକଶିତ ଶିଳ୍ପ ବ୍ୟବସ୍ଥା ପ୍ରତି ବଢୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି। ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ। ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ। ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମେ ଗୁଜରାଟକୁ ଏକ ସ୍ପଷ୍ଟ ସନ୍ଦେଶ ନେଇ ଆସିଛୁ। ଭାରତର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଆମେ ଶିଳ୍ପଜଗତକୁ ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରିତ କରୁଛୁ, ଏବଂ ମିଳିତ ଅଭିବୃଦ୍ଧି ମାଧ୍ୟମରେ ଦେଶର ସମୃଦ୍ଧିରେ ଯୋଗଦାନ ରଖିବାକୁ ଅନୁରୋଧ କରୁଛୁ। ତେବେ ରୋଡ୍-ଶୋ ଅବସରରେ ମୁଖ୍ୟମନ୍ତ୍ରୀ ୨୬ଟି 'ୱାନ୍-ଟୁ-ୱାନ୍' ବୈଠକରେ ଅଧ୍ୟକ୍ଷତା କରି ଶିଳ୍ପପତିଙ୍କ ସହ ନିବେଶ ସୁଯୋଗ ଓ ନୀତିଗତ ସହାୟତା ବିଷୟରେ ଆଲୋଚନା କରିଥିଲେ। ବସ୍ତ୍ର ଓ ବୟନ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଭିତ୍ତିକ ଆଲୋଚନା ଏବଂ ଉଦ୍ୟୋଗପତିଙ୍କ ସହ ସିଧାସଳଖ ଆଲୋଚନା ହୋଇଥିଲା। ▶▶ ୬

## ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ବଡ଼ ଦାୟିତ୍ୱ

### ପଶ୍ଚିମବଙ୍ଗ ପାଇଁ 'ସହ-ପର୍ଯ୍ୟବେକ୍ଷକ' ନିଯୁକ୍ତ

**ଭୁବନେଶ୍ୱର,୫/୫, ଏନ୍‌ଏନ୍‌ଏସ୍ :**

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମିଳିଛି ବଡ଼ ଦାୟିତ୍ୱ। ପଶ୍ଚିମବଙ୍ଗ ବିଧାୟକ ଦଳ ନେତା ନିର୍ବାଚନ ପାଇଁ ସେ 'ସହ-ପର୍ଯ୍ୟବେକ୍ଷକ'ଭାବେ ଦାୟିତ୍ୱ ସମ୍ପାଦନ କରିବେ। ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ମଇ ୯ରେ ଅନୁଷ୍ଠିତ ହେବ। ଗଣମାଧ୍ୟମକୁ ବିଜେପି ରାଜ୍ୟ ସଭାପତି ସମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ବିଜେପି ପଶ୍ଚିମବଙ୍ଗ ବିଧାୟକ ଦଳ ନେତା ନିର୍ବାଚନ ନିମନ୍ତେ 'କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ' ନିଯୁକ୍ତ କରିଛି। ତାଙ୍କୁ ସହଯୋଗ କରିବାକୁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ନାମ ଘୋଷଣା ହୋଇଛି। ଅର୍ଥାତ ସେ ହେବେ ସହ ପର୍ଯ୍ୟବେକ୍ଷକ। ▶▶ ୬

### ବେଙ୍ଗଲରେ ଚାଲିଛି ମମତାଙ୍କ ମେଲୋ ଡ୍ରାମା

## ଇସ୍ତଫା ଦେବିନି, ଆମେ ହାରିନୁ; ଆମକୁ ହରାଯାଇଛି

**କୋଲକାତା, ୫।୫/ଏଜେନ୍ସି:**



ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯାଇଛି। ରାଜ୍ୟର ମୋଟ୍ ୨୯୪ ବିଧାନସଭା ଆସନ ମଧ୍ୟରୁ ବିଜେପି ଏଠାରେ ୨୦୭ ଆସନ ଅକ୍ତିଆର ପୂର୍ବକ ଏକ ଐତିହାସିକ ବିଜୟ ହାସଲ କରିଥିବା ବେଳେ ୧୫ ବର୍ଷ ଧରି କ୍ଷମତାରେ ରହିଆସିଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) କିନ୍ତୁ ୮୦ ଆସନରେ ସୀମିତ ରହିଯାଇଛି। ତେବେ ଫଳାଫଳ ଆଧାରରେ ବିଜେପି ଏବେ ପଶ୍ଚିମବଙ୍ଗରେ ସରକାର ଗଢ଼ିବାକୁ ଜନାଦେଶ ପାଇଥିବା ସ୍ପଷ୍ଟ ହୋଇସାରିଥିଲେ ମଧ୍ୟ ୭୧ ବର୍ଷୀୟା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ କିନ୍ତୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେନାହିଁ ବୋଲି ଅଜବ ଜିଦ୍ ଧରିଛନ୍ତି। ମମତା ମଙ୍ଗଳବାର କୋଲକାତାରେ ଏକ ସମ୍ବାଦିକ ସମ୍ମିଳନୀ କର କହିଛନ୍ତି, 'ମୁଁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବି ନାହିଁ। ଆମେ ଜନମତ ଦ୍ୱାରା ନୁହେଁ, ବରଂ ଏକ ଷଡ଼ଯନ୍ତ୍ର ଯୋଗୁଁ ହାରିଛୁ। ସେଥିପାଇଁ ଇସ୍ତଫା ଦେବାକୁ ରାଜଭବନ ଯିବି ନାହିଁ। ତାଙ୍କ କହିବାନୁସାରେ 'ନିର୍ବାଚନ କମିଶନ ହେଉଛନ୍ତି ପ୍ରକୃତ ଭିଲେନ୍। ମୁଖ୍ୟ ନିର୍ବାଚନ ଆୟୁକ୍ତ ବିଜେପି ସହ ମିଶି ୧୦୦ଟି ଆସନ ଲୁଟିଛନ୍ତି। ଏବେ ମୋ ପାଖରେ କୌଣସି ପଦବୀ ନାହିଁ, ମୁଁ ଏକ ମୁକ୍ତ ବିହଙ୍ଗ। ଯେକୌଣସି ସ୍ଥାନରୁ ନିର୍ବାଚନ ଲଢ଼ିପାରିବି, ରାଜପଥରେ ରହିବି।' ମମତା ଏହି ପରିପ୍ରେକ୍ଷୀରେ ଅଭିଯୋଗ କରିଛନ୍ତି ଯେ, ବିଜେପି ଗଣତି

**'ନିର୍ବାଚନ କମିଶନ୍ ଭିଲେନ୍, ବିଜେପି ସହ ମିଶି ୧୦୦ଟି ସିଟ୍ ଲୁଟିଛନ୍ତି'**

କେନ୍ଦ୍ରଗୁଡ଼ିକୁ କବଜା କରି ନେଇଥିଲା। ତାଙ୍କ ସହ ଦୁର୍ବ୍ୟବହାର କରାଯାଇଛି। ପ୍ରାର୍ଥୀ ଏବଂ କର୍ମକର୍ତ୍ତାଙ୍କ ଉପରେ ଅତ୍ୟାଚାର କରାଯାଇଛି। ଦଳ ଏବଂ 'ଇଣ୍ଡିଆ' ମେଣ୍ଟର ନେତାମାନେ ତାଙ୍କ ସହିତ ଅଛନ୍ତି। ସେମାନେ ପୁଣି ଥରେ ଛିଡ଼ା ହେବେ ଏବଂ ସିଂହ ଭଳି ଲଢ଼ିବେ। ସୂଚନାଯୋଗ୍ୟ ଆସନ୍ତା ୯ ତାରିଖ, ରବୀନ୍ଦ୍ର ନାଥ ଟାଗୋରଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ପଶ୍ଚିମବଙ୍ଗରେ ବିଜେପିର ଶପଥଗ୍ରହଣ ▶▶ ୬

## ଚିକେନ୍ ସେଣ୍ଟର୍ ଭିତରେ ୧୨ ଫୁଟିଆ ଅହିରାଜ



**କପ୍ତିପଦା, ୫।୫/ଏନ୍‌ଏନ୍‌ଏସ୍:**

କପ୍ତିପଦା ବନାଞ୍ଚଳ ପଦ୍ମପୋଖରୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଦୋକାନ ଭିତରେ ଏକ ବିଶାଳ ଅହିରାଜ ପଶିଆସିବା ଏବଂ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅନେକ ସମୟ ଧରି ଭୟ ସଞ୍ଚାର ହେବା ଭଳି ଏକ ଘଟଣା ଦେଖିବାକୁ ମିଳିଛି। ଉଦ୍ଧାର ଅହିରାଜ ସାପର ଲମ୍ୱ ୧୨ ଫୁଟରୁ ଅଧିକ ଥିବା କୁହାଯାଉଛି। ତେବେ ଏହି ବିଶାଳ କାୟ ସାପକୁ ଦେଖି ଲୋକ କପ୍ତିପଦା ବନ ବିଭାଗକୁ ଖବର ଦେଇଥିଲେ। ତେବେ ଏହି ବିରାଟ ଅହିରାଜକୁ ସ୍ନେକ ହେଲ୍ପଲାଇନ ଓ ବନ ବିଭାଗ କର୍ମୀ ମିଳିତ ଭାବେ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଏବଂ ଶିମିଳିପାଳରେ ଛାଡିଥିବା ନେଇ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଏଠାରେ ଥିବା ଏକ ଚିକେନ୍ ସେଣ୍ଟରରେ ଥିବା କୁକୁଡାଙ୍କ ଭାଡି ମଧ୍ୟକୁ ଏହି ସାପଟି କୌଣସି ମତେ ଚାଲିଆସିଥିଲା। ନିକଟସ୍ଥ ଜଙ୍ଗଲରୁ ସାପଟି ଆସିଥିବା ଅନୁମାନ କରାଯାଉଛି।

## ବଙ୍ଗୋପସାଗର ଉପରେ ବିମାନ ଉଡ଼ାଣ ମନା

**ନୂଆଦିଲ୍ଲୀ, ୫।୫/ଏଜେନ୍ସି:**

**ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ ନେଇ ନୋଟାମ୍ ଜାରି**

ଭାରତୀୟ ପ୍ରତିରକ୍ଷା ବିଭାଗ ପକ୍ଷରୁ ବଙ୍ଗୋପସାଗରରେ ଏକ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ 'ନୋଟାମ୍' ବା ନୋଟିସ୍ ଟୁ ଏୟାରମ୍ୟାନ୍' ଜାରି କରାଯାଇଛି। ରିପୋର୍ଟ ଅନୁସାରେ ଏହି ନୋଟାମ୍ ୬ ମେ ରୁ ୯ ମେ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହି ସମୟ ମଧ୍ୟରେ ଚିହ୍ନିତ ଅଞ୍ଚଳ ଦେଇ କୌଣସି ବେସାମରିକ ବିମାନ ଚଳାଚଳ କରିପାରିବ ନାହିଁ। ଓଡ଼ିଶା ଉପକୂଳ ଧାମରା ନିକଟସ୍ଥ ଡକ୍ଟର ▶▶ ୬

## କାଳବୈଶାଖୀ ବର୍ଷା ଜାରି, ୧୦ ଜିଲ୍ଲାକୁ ଅରେଞ୍ଜ୍ ଆଲର୍ଟ

**ଭୁବନେଶ୍ୱର,୫।୫/ଏନ୍‌ଏନ୍‌ଏସ୍:**

ଗତ ୨/୩ଦିନ ହେବ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଥିବା ବେଳେ ଜାରି ରହିଛି କାଳବୈଶାଖୀ ବର୍ଷା। ଫଳରେ ସାରା ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏପରିକି କିଛି ଜିଲ୍ଲାରେ ପ୍ରବଳ ବର୍ଷା ସହ କୁଆପଥର ବର୍ଷା ନେଇ ଚେତାବନୀ ହେଇଛି ପାଣିପାଗ ବିଭାଗ। ଆସନ୍ତା ୨୪ ଘଣ୍ଟାରେ ୧୦ଟି ଜିଲ୍ଲା ଯଥା ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱରରେ ବିଜୁଳି, ଘଡଘଡି ସହ ପ୍ରବଳ ବର୍ଷା ଓ ଅନୁଗୋଳ, ମୟୂରଭଞ୍ଜ, କେନ୍ଦୁଝର, ଦେଓଗଡ଼, ସମ୍ବଲପୁର ଓ ସୁନ୍ଦରଗଡରେ କୁଆପଥର ବର୍ଷା ସମ୍ଭାବନା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଏହି ସମୟରେ ୫୦ରୁ ୬୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି। ଅବଶିଷ୍ଟ ୨୦ଟି ଜିଲ୍ଲାରେ ବିଜୁଳି, ଘଡଘଡି ସହ ୩୦ରୁ ୫୦ କିମି ବେଗରେ ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ରାଜ୍ୟରେ ଆସନ୍ତା ୧୧ ତାରିଖ ଯାଏଁ କାଳବୈଶାଖୀ ବର୍ଷା ଲାଗି ରହିବ। ସେହିପରି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମୁଦ୍ର ଅଶାନ୍ତ ରହିବ, ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ▶▶ ୬



## ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ପାଇଁ ଶକ୍ତି ବିଭାଗର ପ୍ରସ୍ତୁତି ସମୀକ୍ଷା କଲେ ଉପ-ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୫/ଏନ୍‌ଏନ୍‌ଏସ୍:**

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଲୋକ ସେବା ଭବନଠାରେ ଶକ୍ତି ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍‌ର ସିଏମଡି ଭାସ୍କର ଜ୍ୟୋତି ଶର୍ମା ଏବଂ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀର ସିଇଓମାନେ ଉପସ୍ଥିତ ଥିଲେ। ଚଳିତ ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ଝଡ଼ ପାଇଁ ପ୍ରସ୍ତୁତିର ସମୀକ୍ଷା କରି, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସାରା ରାଜ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ବିଦ୍ୟୁତ ବିତରଣ ▶▶ ୬

### ଆଖୁର ଉଚିତ୍ ଓ ଲାଭକାରୀ ମୂଲ୍ୟକୁ କ୍ୟାବିନେଟ୍ ମଞ୍ଜୁରୀ

# କ୍ୱିଣ୍ଟାଲ୍ ପିଛା ଚାଷୀଙ୍କୁ ମିଳିବ ୩୬୫ ଟଙ୍କା

**ନୂଆଦିଲ୍ଲୀ, ୫।୫/ଏଜେନ୍ସି:**

ଆଖୁ ଚାଷୀଙ୍କ ହିତକୁ ଦୃଷ୍ଟିରେ ଖେ଼ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଆଖୁର ଉଚିତ୍ ଏବଂ ଲାଭକାରୀ ମୂଲ୍ୟ (ଏଫ୍‌ଆର୍‌ପି) ବୃଦ୍ଧିକୁ ଅନୁମୋଦନ କରାଯାଇଛି। ୨୦୨୬-୨୭ ଋତୁ (ଅକ୍ଟୋବର-ସେପ୍ଟେମ୍ବର) ପାଇଁ ଆଖୁ କ୍ୱିଣ୍ଟାଲ ପିଛା ୩୬୫ ଟଙ୍କାରେ କିଣାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଦର ୧୦.୨୫% ମୂଳ ଅସୁଲି ଦର ଉପରେ ଆଧାରିତ। ଏହା ଅଧୀନରେ ୧୦.୨୫% ଠାରୁ ଅଧିକ ଅସୁଲିରେ ହେଉଥିବା ପ୍ରତ୍ୟେକ ୦.୧% ବୃଦ୍ଧି ଲାଗି କ୍ୱିଣ୍ଟାଲ ପିଛା ୩.୬୫ ଟଙ୍କା ପ୍ରିମିୟମ ପ୍ରଦାନ କରାଯିବ। ଅସୁଲିରେ ହେଉଥିବା ପ୍ରତ୍ୟେକ ୦.୧% ହ୍ରାସ ଲାଗି ଏଫ୍‌ଆରପିରେ କ୍ୱିଣ୍ଟାଲ ପିଛା ୩.୫୬ ଟଙ୍କା କାଟି ଦିଆଯିବ। ଯେଉଁ ଚିନି କଳରେ ଅସୁଲି ହାର ୯.୫% ରୁ କମ୍ ଅଛି ସେଠାରେ କୌଣସି ପ୍ରକାର କାଟ୍ କରାଯିବ ନାହିଁ।

ଆଖୁ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଚାଷୀମାନେ ଆଗାମୀ ଚିନି ଋତୁ ୨୦୨୬-୨୭ରେ ଆଖୁ ପାଇଁ କ୍ୱିଣ୍ଟାଲ ପିଛା ୩୩୮.୩ ଟଙ୍କା ପାଇବେ। ୨୦୨୬-୨୭ ଚିନି ଋତୁ ପାଇଁ ଆଖୁର ଉତ୍ପାଦନ ଖର୍ଚ୍ଚ (ଏଟୁ +ଏଫ୍ଏଲ) କ୍ୱିଣ୍ଟାଲ ପିଛା ୧୮୨ଟଙ୍କା ରହିଛି। ୧୦.୨୫% ଅସୁଲି ହାରରେ ଏହି ଏଫ୍‌ଆରପି କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ଧାର୍ଯ୍ୟ ହୋଇଥିବାରୁ ଏହା ଉତ୍ପାଦନ ଖର୍ଚ୍ଚ ତୁଳନାରେ ୧୦୦.୫% ଅଧିକ। ୨୦୨୬-୨୭ ଚିନି ଋତୁ ପାଇଁ ଏଫ୍‌ଆରପି ଚଳିତ ଚିନି ଋତୁ ୨୦୨୫-୨୬ ତୁଳନାରେ ୨.୮୧% ଅଧିକ। ଅନୁମୋଦିତ ଏଫ୍‌ଆରପି ଚିନି କଳଗୁଡ଼ିକ ଦ୍ୱାରା ଚିନି ଋତୁ ୨୦୨୬-୨୭ ▶▶ ୬



**ଲାଭାନ୍ୱିତ ହେବେ ୫ କୋଟି ଆଖୁ ଚାଷୀ ଏବଂ ଚିନି କଳ ଓ ଆନୁସଙ୍ଗିକ କ୍ଷେତ୍ରରେ କାମ କରୁଥିବା ୫ ଲକ୍ଷରୁ ଅଧିକ ଶ୍ରମିକ**

## ୩୩ରୁ ୩୭କୁ ବୃଦ୍ଧି ପାଇବ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା

**ନୂଆଦିଲ୍ଲୀ, ୫।୫/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଆଜି ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬କୁ ସଂସଦରେ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି, ଯାହାଦ୍ୱାରା ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମ, ୧୯୫୬ରେ ସଂଶୋଧନ କରାଯାଇ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ଆଉ ୪ ବୃଦ୍ଧି କରାଯାଇ ବର୍ତ୍ତମାନର ୩୩ରୁ ୩୭କୁ (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ୍ ଦେଇ) କରାଯାଇପାରିବ। ୧୯୫୬ ମସିହାରୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ପର୍ଯ୍ୟାୟକ୍ରମେ ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମକୁ ସଂଶୋଧନ କରାଯାଇଆସୁଛି ଏବଂ ବିଚାରପତିଙ୍କ ସଂଖ୍ୟା ୩୩କୁ ବୃଦ୍ଧି କରାଯାଇଥିଲା। ଏବେ ଏହି ଅଧିନିୟମରେ ପୁନଃ ସଂଶୋଧନ ପୂର୍ବକ ମୋଟ୍ ବିଚାରପତିଙ୍କ ସଂଖ୍ୟା ୩୩ରୁ ୩୭କୁ ବୃଦ୍ଧି କରାଯିବା ନେଇ ପ୍ରସ୍ତାବ ଦିଆଯାଇଛି।

ନିତିଦିନ NITIDIN

## ଦୁଇ ଚୋରା ବାଲି ବୋଝେଇ ହାଇୱା ଜବତ, ୨ ଗିରଫ

**କୋଣାର୍କ,୪।୫/ଏନ୍ଏନ୍ଏସ୍:** କୋଣାର୍କ ପୁଲିସ ପକ୍ଷରୁ କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳରେ ବାଲି ଚୋରା ଚାଲାଣ ଉପରେ ରୋକ ଲଗାଇବା ପାଇଁ ଜୋର୍‌ଦାର ଚଢ଼ଉ ଜାରି ରଖିଥିଲା ବେଳେ ସୋମବାର ବିଳମ୍ବିତ ରାତିରେ କୋଣାର୍କ ପୁଲିସ ପକ୍ଷରୁ କୋଣାର୍କରେ ଚୋରା ଚାଲାଣ ହେଉଥିବା ଦୁଇଟି ବାଲି ବୋଝେଇ ହାଇୱା ଟ୍ରକ୍‌କୁ ଜବତ କରିଥିବା ଜଣାପଡିଛି। ଖବର ମୁତାବକ କୋଣାର୍କ ଭୁବନେଶ୍ୱର ମୁଖ୍ୟରାସ୍ତା ମାଧିପୁର ଛକ ନିକଟରେ ଦୁଇଟି ହାଇୱା ଟ୍ରକ୍‌ରେ ବାଲି ଚାଲାଣ ହେଉଥିବା ବିଶେଷ ସୂତ୍ରରୁ କୋଣାର୍କ ପୁଲିସ ଖବର ପାଇ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀଙ୍କ ନିର୍ଦ୍ଦେଶରେ ବରିଷ୍ଠ ପୋଲିସ ଅଫିସର କେଦାର ଚନ୍ଦ୍ର ଡୋରା ଓ ସ୍ୱରାଜ କେଶରୀ ସିଂଙ୍କ ନେତୃତ୍ୱରେ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ବାଲି ବୋଝେଇ ହାଇୱା ଦୁଇଟିକୁ ଜବତକରି କୋଣାର୍କ ଥାନାକୁ ଆଣିଥିଲେ। ଦୁଇଗାଡ଼ିର ଚାଳକଙ୍କୁ ପୋଲିସ ଥାନାକୁ ଆଣି ଅଟକରଖି ପଚରାଉଚରା ପରେ ଏକ ମାମଲା ରୁଜୁକରି ଦୁଇ ହାଇୱା ଟ୍ରକ୍‌କୁ ଜବତ କରି ଥାନାକୁ ଆଣିଥିଲେ। ମଙ୍ଗଳବାର ଗିରଫ ହୋଇଥିବା ଚାଳକ ଦୁଇଜଣଙ୍କୁ ପୋଲିସ କୋର୍ଟଚାଲାଣ କରିଥିବା କୋଣାର୍କ ଥାନା ଦାୟିତ୍ୱରେ ଥିବା ବରିଷ୍ଠ ଅଫିସର କେଦାର ଚନ୍ଦ୍ର ଡୋରା ପ୍ରକାଶ କରିଛନ୍ତି।

### ନିଖୋଜ ନାବାଳକ ଘଟଣା

## ପୁରସ୍କାର ରାଶି ୫୦ହଜାର ଟଙ୍କା ଘୋଷଣା



**ବୟାଳିଶମୌଜା,୪।୫/ଏନ୍ଏନ୍ଏସ୍:** କମିଶନରେଟ ଅଧୀନ ୪୨ମୌଜା ଥାନା ଅନ୍ତର୍ଗତ କଳପଡା ପଞ୍ଚାୟତ ତଥା କଳପଡା ଗ୍ରାମର ସ୍ୱର୍ଗତ ସୁରେଶ ପରିଡ଼ାଙ୍କ ନାବାଳକ ପୁଅ ଅଂଶୁମାନ ପରିଡ଼ା(୧୪) ଗତମାସ ୨୭ ତାରିଖ ସଂଧ୍ୟା ସମୟରେ ଘରପାଖ କଳପଡା ବଜାରକୁ ମୋମୋ ଖାଇବାକୁ ଆସି ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ପୋଲିସ ନିଖୋଜ ମାମଲା ରୁଜୁକରି ତଦନ୍ତକୁ ତ୍ୱରାନ୍ୱିତ କରିଥିବା ବେଳେ ଘଟଣାସ୍ଥଳକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ଏହାର ପର୍ଦ୍ଦାଫାଶ କରିପାରି ନଥିବା ଜଣାପଡିଛି। ଘଟଣାକୁ ଗୁରୁତ୍ୱ ଦେଇ କଟକ ଡିସିପି ରିଷିକେଶ ଖିଲାରୀ ଘଟଣାସ୍ଥଳକୁ ଆସି ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ସହ ଛାନଭିନ କରି ଫେରିଥିବା ଜଣାପଡିଛି। ଏଥିପାଇଁ ଅଂଶୁମାନର ସନ୍ଧାନ ପାଇଲେ ୨୦ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବ ବୋଲି ପୁଲିସ ପକ୍ଷରୁ ଘୋଷଣା କରାଯାଇଥିଲା। ଆଜି ମଙ୍ଗଳବାର ଏହି ପୁରସ୍କାର ରାଶି ୫୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ ଅଂଶୁମାନର ରଙ୍ଗ ଗୋରା, ଉଚ୍ଚତା ୫', ଏବଂ ନିଖୋଜ ହେବା ଦିନ ଏକ ନାଲି ରଙ୍ଗର ଟି ସାର୍ଟ ଓ କଳାରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧିଥିବା ଜଣାଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଅଂଶୁମାନର ସନ୍ଧାନ ପାଆନ୍ତି ତେବେ ନିକଟସ୍ଥ ପୋଲିସ ଥାନା କିମ୍ବା ୪୨ ମୌଜା ଥାନାକୁ ୮୨୭୦୦୪୦୮୯୩ / ୮୨୮୦୪୦୫୬୯୪ ନମ୍ବରରେ ଜଣାଇବାକୁ ସବୁ ମହଲରୁ ନିବେଦନ କରାଯାଇଛି।

## ଏଭରେଷ୍ଟ୍ ଶିଖରରେ ପହଞ୍ଚିଲେ ନିକୁଞ୍ଜ



**ଅସ୍ତରଙ୍ଗ,୪।୫/ଏନ୍ଏନ୍ଏସ୍:** ଜଣେ ଏମିତି ବ୍ୟକ୍ତି ଯିଏ ପ୍ରମାଣ କରିଦେଇଛନ୍ତି ଯେ ଇଚ୍ଛାଶକ୍ତି ଆଗରେ ବୟସ କେବଳ ଏକ ସଂଖ୍ୟା ମାତ୍ର। ୬୮ବର୍ଷୀୟ ନିକୁଞ୍ଜ ସାହୁଙ୍କ ଏହି ରୋମାଞ୍ଚକର ଯାତ୍ରା ସମସ୍ତଙ୍କ ପାଇଁ ଏକ ପ୍ରେରଣା। ବୟସକୁ ମାତ୍ ଦେଇ ଏଭେରେଷ୍ଟ ଶିଖର ଅଭିମୁଖେ ସେ ୬ଜଣିଆ ଏକ ଦଳ ସହ ଗତ ଏପ୍ରିଲ ୨୬ ତାରିଖରେ ଏଭେରେଷ୍ଟ ବେସ୍ କ୍ୟାମ୍ପ ଅଭିଯାନରେ ବାହାରିଥିଲେ। ପ୍ରାୟ ୧୫,୫୦୦ ଫୁଟ୍‌ର ଅତି କଷ୍ଟକର ପଦଯାତ୍ରା ପରେ ମେ ୩ ତାରିଖରେ ସେ ସଫଳତାର ସହ ବେସ୍ କ୍ୟାମ୍ପରେ ପହଞ୍ଚିଥିଲେ। ସେ ମେ ୧୦ ତାରିଖ ସୁଦ୍ଧା ଭାରତ ଫେରିବାର କାର୍ଯ୍ୟକ୍ରମ ରହିଛି। ଏକ ପ୍ରେରଣାଦାୟୀ କାହାଣୀ ଯେଉଁ ବୟସରେ ଅନେକ ଲୋକ ବିଶ୍ରାମ ନେବା କଥା ଚିନ୍ତା କରନ୍ତି, ସେହି ବୟସରେ ନିକୁଞ୍ଜ ସାହୁ ରଚିଛନ୍ତି ଏକ ନୂଆ ଇତିହାସ। ପାହାଡ଼ ପରି ଦୃଢ଼ ମନୋବଳ ନେଇ ସେ ବାହାରିଥିଲେ ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ଏଭେରେଷ୍ଟର ପାଦଦେଶକୁ ଛୁଇଁବା ପାଇଁ। ଏପ୍ରିଲ ୨୬ରେ ୫ଜଣ ସାଥୀଙ୍କ ସହ ସେ ଏହି ସାହସିକ ଯାତ୍ରା ଆରମ୍ଭ କରିଥିଲେ। ଦୀର୍ଘ ୮ ଦିନର କଠିନ ପରିଶ୍ରମ ପରେ ମେ ୩ ତାରିଖରେ ସେ ନିଜର ଲକ୍ଷ୍ୟସ୍ଥଳ ଅର୍ଥାତ୍ ଏଭେରେଷ୍ଟ ବେସ୍ କ୍ୟାମ୍ପରେ ପହଞ୍ଚି ଭାରତର ଗୌରବ ବଢ଼ାଇଛନ୍ତି। ତାଙ୍କର ଏହି ବିଜୟ ଯାତ୍ରା ଯୁବପିଢ଼ିଙ୍କ ପାଇଁ ସଦାସର୍ବଦା ଏକ ମାର୍ଗଦର୍ଶକ ହୋଇରହିବ ବୋଲି କୁହାଯାଇଛି।

### ନାହାକା ଅଖ ଓ ଉଭୟପାର୍ଶ୍ୱ ଗୋଲେଇ ସହ ମାଠେଣି କାର୍ଯ୍ୟ ଶେଷ

# ତିନି ରଥର ୧୦ ଚକ ନିର୍ମାଣ ଶେଷ



**ପୁରୀ,୪।୫/ଏନ୍ଏନ୍ଏସ୍:** ରଥ ନିର୍ମାଣର ଷୋଡ଼ଶ ତମ ଆଜିର ଦିନରେ ତିନି ରଥର ନିର୍ମାଣ କାରୀ ସେବକ ବୃନ୍ଦ ସକାଳ ଘ.୮.୦୦ ଟିକା ପୂର୍ବରୁ ରଥଖଳା ଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ନିଜ ନିଜର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ରଥ ନିର୍ମାଣ ରେ ତିନିରଥ ମହାରଣା ସେବକ ୭୭ ଜଣ, ଭୋଇ ସେବକ ୬୯ ଜଣ, କରତୀ ସେବକ ୪ ଜଣ, ତିନି ରଥ ଓଝା କମାର ସେବକ ୧୭ ଜଣ, ତୁମ୍ବ ବିନ୍ଧ କାରିଗର ୨ ଜଣ, ରୂପକାର ସେବକ ୨୧ ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୧୯୧ ଜଣ ଯୋଗ ଦେଇଥିଲେ। ଗତକାଲି ସମାନ୍ତରାଳ ଭାବେ ତିନି ରଥର ୩ ଗୋଟି ଲେଖାଏଁ ଚକ ନିର୍ମାଣ ଶେଷ ହେବାସହ ତିନି ରଥର ଗୋଟିଏ ଗୋଟିଏ ନାହାକା ଅଖ ର ଅନୁକୂଳ ପୂଜା ପରେ ଅଖ ର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରୀ ରହିଥିଲା। ଆଜି ତିନିରଥ ର ଗୋଟିଏ ଗୋଟିଏ ନାହାକା ଅଖ ଉଭୟ ପାର୍ଶ୍ୱ ଗୋଲେଇ ସହ ମାଠେଣି କାର୍ଯ୍ୟ ଶେଷ ହୋଇଛି। ତିନିରଥ ର ମୋଟ ୪୨ ଗୋଟି ଚକ ମଧ୍ୟରୁ ଆଜି ସୁଦ୍ଧା ତିନି ରଥର ୧୦ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଆଜି ସୁଦ୍ଧା ତାଳଧ୍ୱଜ ରଥ ଏବଂ ଦର୍ପ ଦଳନ ରଥର ତିନି ଗୋଟି ଲେଖାଏଁ ଚକ ନିର୍ମାଣ ଶେଷ ହୋଇଥିବା ବେଳେ ନନ୍ଦିଘୋଷ ରଥର ୪ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ରଥର ୪ ନମ୍ବର ଚକର ତୁମ୍ବରେ ପଇ ପିନ୍ଧା ପରେ ଠେକ ବାଡ଼ିଆ ପରେ ପଇ ରେ କାପ ପାଇଁ ମାପଚିହ୍ନ ପକା ଶେଷ ହୋଇଛି ଏବଂ ୫ ମ ଚକ ନିର୍ମାଣ ପାଇଁ ପଇ ବିନ୍ଧ ଜାରୀ ରହିଛି। ଏଥିସହ ପଞ୍ଚମ ଚକ ଅର ର ବଳକା ଅଂଶ କୁ ମାପ ପ୍ରକାରେ କଟିଙ୍ଗ କରାଯାଇ ମୁଖ ସାଲ ଶେଷ ହୋଇଛି। ସେହିପରି ଦର୍ପ ଦଳନ ରଥର ୪ ନମ୍ବର ଏବଂ ୫ ନମ୍ବର ଚକ ପଇ ରେ କାପ ଚିହ୍ନ ଗାରିଆ ଶେଷ ହୋଇଛି,ଏତତ୍ ବ୍ୟତୀତ ତିନି ରଥର ଚାରିଟି ଲେଖାଏଁ ୧୨ ଫୁଟିଆ ପ୍ରଥମ ଭୂଇଁ ଓରା ଚଉପଟ ପରେ ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ଶେଷ ହୋଇଛି।ଏଥିସହ ତିନି ରଥର ପ୍ରଥମ ଭୂଇଁ ଏବଂ ମଝୀ ଭୂଇଁ ପାଇଁ ଆବଶ୍ୟକ ୪ ଟି ଲେଖାଏଁ ଭୂଇଁ ଖମ୍ବୀ ର ଚଉପଟ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ସେହିପରି ରୂପକାର ସେବକ ମାନେ ତିନି ରଥର ସାଲ ଗୁଜ ରେ ନୃସିଂହ ରୂପ ଖୋଦେଇ ଜାରୀ ରଖିଛନ୍ତି। ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳ ରେ ତିନି ରଥର ୧୦ ଟି ଲେଖାଏଁ ଚକ ପାଇଁ ଆବଶ୍ୟକ ଅର କଣ୍ଟା ନିର୍ମାଣ ଶେଷ କରି ବାକି ଚକ ଗୁଡ଼ିକ ପାଇଁ ଅର କଣ୍ଟା ନିର୍ମାଣ ସହ ବାକି ଚକ ଗୁଡ଼ିକର ତୁମ୍ବ ପାଇଁ ପଦାରି ବଳା, ତୁମ୍ବ ବାହ୍ୟ ବଳା ନିର୍ମାଣ ଜାରୀ ରଖିଛନ୍ତି। ଆଜି ସନ୍ଧ୍ୟାରେ ରଥ ନିର୍ମାଣ ତଦାରଖ କମିଟି ର ସମସ୍ତ ସଦସ୍ୟ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସେବକ ସଦସ୍ୟ ବୃନ୍ଦ ତଦାରଖ କରିଛନ୍ତି ରଥ ନିର୍ମାଣ କାର୍ଯ୍ୟ। ଆଜି ଅପରାହ୍ନ ଘ.୫.୦୦ ଟିକା ସମୟରେ ଜିଲାପାଳ ତଥା ଉପମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ଅନୁଷ୍ଠିତ ରଥ ନିର୍ମାଣ କମିଟି ବୈଠକ ପରେ ରଥ ଖଳାକୁ ପରିଦର୍ଶନ ରେ ଯାଇ ତଦାରଖ କରିଛନ୍ତି ରଥ ନିର୍ମାଣ କାର୍ଯ୍ୟ, ତଦାରଖ କମିଟିର ବରିଷ୍ଠ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ ନିର୍ମାଣ ଶେଷ ହୋଇଥିବା ରଥ ଚକକୁ ବୈଷୟିକ ଦୃଷ୍ଟି କୋଣରୁ ଅନୁଧ୍ୟାନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ପୁରୀ ଏସପି ରଥ ନିର୍ମାଣ କାର୍ଯ୍ୟ କୁ ତଦାରଖ କରି ସେବକ ଙ୍କ ସହ ଅନୁଧ୍ୟାନ କରି ସନ୍ତୋଷ ବ୍ୟକ୍ତ କରିଥିଲେ।

### ଏସ୍ଏଚ୍‌ଜି ଗ୍ରୁପ୍ ନାମରେ ବ୍ୟାଙ୍କ ମିତ୍ରଙ୍କ ୧୦ଲକ୍ଷ ଟଙ୍କା ଉଠାଣ ଘଟଣା

## ସରକାରୀ କର୍ମଚାରୀଙ୍କ ଦୁର୍ବ୍ୟବହାରକୁ ନେଇ ଥାନାରେ ମହିଳାଙ୍କ ଏତଲା



**ଟାଙ୍ଗୀ,୪।୫/ଏନ୍ଏନ୍ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଉଚ୍ଚପଦା ପଞ୍ଚାୟତ ଦମକା ଗ୍ରାମର ମଙ୍ଗଳା ଏସ୍ଏଚ୍‌ଜି ଗ୍ରୁପ୍ ନାମରେ ଚଞ୍ଚକତା କରି ୧୦ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବା ଘଟଣାକୁ ନେଇ ବିଡ଼ିଓ କାର୍ଯ୍ୟାଳୟ କକ୍ଷରେ ବିଜେପି କର୍ମୀ ବିପିଏମ୍, ବ୍ୟାଙ୍କମିତ୍ରଙ୍କ ଉପରେ ବର୍ଷିଥିବା ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଯେ ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ୪ଜଣ ସଦସ୍ୟଙ୍କୁ ବିନା କାରଣରେ ଗ୍ରୁପ୍‌ରୁ ବାହାର କରି ୪ଜଣ ନୂଆ ସଦସ୍ୟଙ୍କୁ ଯୋଡ଼ି ବ୍ୟାଙ୍କ ମିତ୍ର ଭୁଲ ତଥ୍ୟ ଦେଇ ଉଚ୍ଚପଦା ପଞ୍ଚାୟତର ଦମକା ଗ୍ରାମର ମା'ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ନାମରେ ୧୦ଲକ୍ଷ ଟଙ୍କା ଋଣ ଉଠାଇଛନ୍ତି। ହେଲେ ବ୍ୟାଙ୍କ ମିତ୍ର ଚଞ୍ଚକତା କରି ନିଜ ଫାଇଦା ପାଇଁ ଦମକା ଗ୍ରାମ ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ଉଚ୍ଚପଦା ପଞ୍ଚାୟତ ହୋଇଥିବା ବେଳେ ଉକ୍ତ ଗ୍ରୁପ୍‌କୁ ଜରିପଡା ପଞ୍ଚାୟତ ଦର୍ଶାଇ ଋଣ କରାଯାଇଥିବା ଜଣାପଡ଼ିଛି। ତେବେ ଏହି ଗ୍ରୁପ୍‌ର ୪ଜଣ ସଦସ୍ୟ ଶିଲୁଲତା ଜେନା, ସେହ୍ନଲତା ବାରିକ, ଟୁନି ବେହେରା ବିଜେପି ରାଲିରେ ଯାଇଥିବାରୁ ବିନା କାରଣ ଦର୍ଶାଇ ଗ୍ରୁପ୍‌ରୁ ବାହାର କରାଯାଇଥିବା ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିବା ସମୟରେ ବିପିଏମ୍ ପ୍ରମୋଦିନୀ ବେହେରା, ବ୍ୟାଙ୍କମିତ୍ର ସୀମାରାଣୀ ରାୟ, ଅନ୍ୟ ସରକାରୀ ଅଧିକାରୀମାନେ ସେମାନଙ୍କୁ ଦୁର୍ବ୍ୟବହାର କରିଛନ୍ତି ବୋଲି ଟାଙ୍ଗୀ ଥାନା ଅଧିକାରୀ ଡ଼ ବିକାଶ କୁମାର ସେଠୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ବିଜେପି ନାରୀନେତ୍ରୀ ରଶ୍ମିତା ରାଉତ, କୋଟସାହି ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ, ସୋତମ୍ବର ସ୍ୱାଇଁ, ଗୋବିନ୍ଦପୁର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ଅମରେଶ ସାହୁ, ଦୁର୍ଗା ପ୍ରସାଦ ଜେନା, ବିଭୂତି ଭୂଷଣ ସ୍ୱାଇଁ, ସତ୍ୟାବ୍ରତ ସାହୁ, ପ୍ରଦୀପ୍ତ ପଣ୍ଡା, ରବିନ୍ଦ୍ର ମହାନ୍ତି, ସମିର ଖିଲାର ବିଡ଼ିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍ୱୟଂ ସହାୟିକା ଗୋଷ୍ଠୀରୁ ୪ଜଣ ସଦସ୍ୟାଙ୍କୁ ବିନା କାରଣରେ କାହିଁକି ବାହାର କରାଗଲା ବୋଲି ପ୍ରଶ୍ନ କରିବା ସହ ଜରିପଡ଼ା ପଞ୍ଚାୟତ ନାମରେ ଉଚ୍ଚପଦା ପଞ୍ଚାୟତ ଦମକା ମା'ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧୦ଲକ୍ଷ ଟଙ୍କା କେମିତି ପ୍ରଦାନ କରାଗଲା ବୋଲି ବିଜେପି କର୍ମୀ ପ୍ରଶ୍ନ କରି ବିପିଏମ୍ ପ୍ରମୋଦିନୀ ବେହେରା, ବ୍ୟାଙ୍କ ମିତ୍ର ସୀମାରାଣୀ ରାୟଙ୍କ ଉପରେ ବର୍ଷି ଥିଲେ। ବିପିଏମ୍ ମାଡାମ୍ ନିଜକୁ ଘଣ୍ଟ ଘୋଡ଼େଇବାକୁ ଚେଷ୍ଟା କରୁଥିବା ବେଳେ ସବୁ ଭୁଲ୍ ବ୍ୟାଙ୍କର ବୋଲି ସଫେଇ ଦେଇଛନ୍ତି। ଅନ୍ୟପଟେ ବ୍ୟାଙ୍କ ମିତ୍ର ଗୋଟିଏ ପଞ୍ଚାୟତ ଦର୍ଶାଇ ଅନ୍ୟ ପଞ୍ଚାୟତକୁ ଋଣ ଦେବା ବିପିଏମ୍ ଓ ବ୍ୟାଙ୍କ ମିତ୍ର ମଧ୍ୟରେ ମୋଟା ଅଙ୍କର ଅର୍ଥ କାରବାର କରାଯାଉଥିବା ବିଜେପି ଅଭିଯୋଗ କରିଛି। ଅଭିଯୋଗ ପାଇବା ପରେ ବିଡିଓ ଏନ୍ଏମ୍ ରାଜଲକ୍ଷ୍ମୀ ଓଝା ଘଟଣା ବୁଝିବା ସହ ତୁରନ୍ତ ବ୍ୟାଙ୍କ ମିତ୍ରଙ୍କୁ କାରଣ ଦର୍ଶାଅ ବୋଲି ନୋଟିସ୍ କରିବେ ବୋଲି ପ୍ରକାଶ କରିଛନ୍ତି। ଯଦି ଦୁଇ ଦିନ ମଧ୍ୟରେ ଘଟଣାର ସମାଧାନ ସହ ଅଭିଯୋଗକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ବ୍ଲକ୍ ଅଫିସ୍ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି ବିଜେପି କର୍ମୀ।

## ବେଆଇନ ବାଣ ତିଆରି, ଜଣେ ଗିରଫ

**ନିଶ୍ଚିନ୍ତକୋଇଲି,୪।୫/ଏନ୍ଏନ୍ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମପଞ୍ଚାୟତର ପର୍ଶୁରାମ ବେହେରା ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିବା ନେଇ ଗିରଫ କରାଯାଇ ବାଣରେ ବ୍ୟବହୃତ ବାରୁଦ ସହିତ ବିଭିନ୍ନ ପ୍ରକାର ଉପକରଣ ଜବତ କରାଯାଇଛି। ସାଲେପୁର ଥାନା ପୋଲିସ ପକ୍ଷରୁ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ସମୟରେ ବେଆଇନ ଭାବେ ବାଣ ପ୍ରସ୍ତୁତ କରୁଥିବା ଖବର ପାଇ ଶ୍ରୀ ବେହେରାଙ୍କୁ ଗିରଫ କରାଯିବା ସହିତ ବରାଦୋ ପଞ୍ଚାୟତ ତିରବିନ୍ଧା ଗ୍ରାମର ଅନ୍ୟ ଜଣେ ବେଆଇନ ବାଣ ପ୍ରସ୍ତୁତକାରୀ ପୋଲିସକୁ ଦେଖି ଘଟଣା ସ୍ଥଳରୁ ଦୌଡ଼ି ପଳାଇ ଯାଇଥିଲା ବେଳେ ସେ ଛାଡ଼ି ଯାଇଥିବା ବାରୁଦ ଓ ବାଣ ଜବତ କରିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏ ସମ୍ପର୍କରେ ସାଲେପୁର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ଜଣାଯାଇଛି। ବେଆଇନ ଭାବେ ବାଣ ପ୍ରସ୍ତୁତକାରୀଙ୍କ ବିରୁଦ୍ଧରେ ଆଗାମୀ ଦିନରେ ଚଢ଼ଉ ଜୋର୍‌ଦାର୍ ଜାରି ରହିବ ବୋଲି ସାଲେପୁର ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

### ଘରେ ପଶି ମହିଳାଙ୍କୁ ଆକ୍ରମଣ ଘଟଣା

## ୧୦ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ



**ନୟାହାଟ,୪।୫/ଏନ୍ଏନ୍ଏସ୍:** ଗାଁ ଦାଣ୍ଡରେ ମହିଳାଙ୍କୁ ପୁରୁଷ ଲୋକମାନେ ଘୋଷାଡ଼ି ଆକ୍ରମଣ କରି ଲହୁଲୁହାଣ କରିବା ଘଟଣାକୁ ତିନିଦିନ ବିତିଯାଇଥିଲେ ମଧ୍ୟ ୧୦ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ବି ପୁଲିସ ଗିରଫ କରିନଥିବାରୁ ବିଜେପିର ନାରୀନେତ୍ରୀ ରାଜଲକ୍ଷ୍ମୀ ଦାସ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଓଟାଙ୍ଗ ଗ୍ରାମର ଜମିବାଡ଼ିକୁ କେନ୍ଦ୍ରକରି ଦୀର୍ଘଦିନ ହେଲା ତନୁଲତା ସ୍ୱାଇଁ ଓ ଝରିଆ ଖଟୋଇଙ୍କ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ଶନିବାର ଉଭୟଙ୍କ ଜମି ମାପଚୁପ ହେବା ପାଇଁ ଘଟଣାସ୍ଥଳେ ପୋଲିସ ପହଞ୍ଚି ଥିଲା। ଗୋଟିଏ ପକ୍ଷର ଅମିନ ନ ଆସିବାରୁ ପୋଲିସ ଫେରି ଆସିଥିଲା। ସେହି ଜମିର ଥିବା ନଡ଼ିଆ ଗଛରୁ ନଡିଆ ଝାଡ଼ିବା ଓ ଲିପିନା ସ୍ୱାଇଁ ନଡ଼ିଆ ଆଣିବାକୁ କେନ୍ଦ୍ରକରି ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଲିପୀନା ସ୍ୱାଇଁଙ୍କୁ ଗାଁ ଦାଣ୍ଡରେ ସଙ୍ଗବଦ୍ଧ ଗୋଡ଼ାଇବାରୁ ଜୀବନ ବିକଳରେ ସେ ଜଣଙ୍କ ଘରେ ପଶିଯାଇଥିଲେ। ଆକ୍ରମଣକାରୀମାନେ ତାଙ୍କୁ ଘରୁ ଘୋଷାରି ଆଣି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ମା' ଝିଅଙ୍କୁ ଗ୍ରାମବାସୀମାନେ ୧୦୮ ଯୋଗେ ପ୍ରଥମେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ଗୁରୁତର ହେବାରୁ ପରେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିଲେ। ଏ ସଂପର୍କରେ ଲୀପିନାଙ୍କ ବଡ଼ବାପା ପ୍ରକାଶ ଚନ୍ଦ୍ର ସ୍ୱାଇଁ ଗୋପ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଗନ୍ନାଥ ଖୋଟୋଇ, ଭଗତ ଖୋଟୋଇ, ଆକୁଳା ଖୋଟୋଇ, ସାବିତ୍ରୀ ଖୋଟୋଇ, ଝରିଆ ଖୋଟୋଇ, ଭାଲୁ ଖୋଟୋଇ, ଇନ୍ଦ ଖୋଟୋଇ ପ୍ରମୁଖଙ୍କ ନାମରେ ମକଦ୍ଦମା ରୁଜୁ ହୋଇଛି। ଆକ୍ରମଣକାରୀମାନେ ନିଜେ ବଞ୍ଚିବା ପାଇଁ ଗୋପ ଥାନାରେ ବିଧବା ମହିଳା ଦୁଇ ଝିଅଙ୍କ ନାମରେ ଏକ ମକଦ୍ଦମା ରୁଜୁ କରିଛନ୍ତି। ଏହି ମିଥ୍ୟା ମକଦ୍ଦମାକୁ ସୋରଭା ପଞ୍ଚାୟତର ବିଜେପି ନାରୀ ନେତ୍ରୀ ତଥା ଗୋପ ବ୍ଲକ୍‌ର ଏମ୍‌ପିଙ୍କ ପ୍ରତିନିଧି ରାଜଲକ୍ଷ୍ମୀ ଦାସ ପୁଲିସର ଏପରି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିବା ସହିତ ଅଭିଯୁକ୍ତମାନଙ୍କୁ ଯଦି ଧାରା ନଯାଏ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଚିଲିକା ନୌକାଚାଳନାରେ ଯାତ୍ରୀଙ୍କ ନିମନ୍ତେ ଜୀବନରକ୍ଷାକାରୀ ଜ୍ୟାକେଟ୍ ବାଧ୍ୟତାମୂଳକ

**ଖୋର୍ଦ୍ଧା,୪।୫/ଏନ୍ଏନ୍ଏସ୍:** ଚିଲିକା ହ୍ରଦରେ ଯାତ୍ରୀ ବାହି ନୌକା ଚାଳନା ସମୟରେ ଯାତ୍ରୀ ମାନଙ୍କ ଜୀବନ ସୁରକ୍ଷିତ ନିମନ୍ତେ ରାଜ୍ୟ ସରକାର ଓଡିଶା ନୌକା ଏବଂ ବିଭିନ୍ନ ପ୍ରକାର ଯାତ୍ରୀ ବାହି ବୋଟ, ନୌକା, ଡଙ୍ଗା ନିୟମ ୨୦୦୪କୁ ଜିଲ୍ଲା ପ୍ରଶାସନ, ଖୋର୍ଦ୍ଧା ପକ୍ଷରୁ ଲାଗୁ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗ୍ରୀଷ୍ମ ଋତୁ ସମୟରେ ପ୍ରାୟତଃ କାଳବୈଶାଖୀ ଏବଂ ଘୂର୍ଣ୍ଣି ବାତ୍ୟା ଘଟୁଥିବା ହେତୁ ଚିଲିକା ହ୍ରଦରେ ଡଙ୍ଗା ବା ବୋଟରେ ଯାଉଥିବା ସମୟରେ ଯାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ଥିବା ଓ ଆଗକୁ ଆସୁଥିବା ମୌସୁମୀ ବର୍ଷା ଋତୁ ଭିତ୍ତିକ ପ୍ରତିକୂଳ ପାଗ ପାଇଁ ଦୁର୍ଘଟଣାର ଆଶଙ୍କା ବହୁ ମାତ୍ରାରେ ଅଛି। ଏପରି ସ୍ଥଳେ ଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ଏବଂ ସେମାନଙ୍କ ଜୀବନ ସୁରକ୍ଷା ପାଇଁ ସୁରକ୍ଷିତ ପଦକ୍ଷେପ ଡଙ୍ଗା ବା ବୋଟ୍ ମାଲିକମାନଙ୍କର ନେବାର ଆବଶ୍ୟକତା ବାଧ୍ୟତାମୂଳକ ଅଟେ। ଏହି କ୍ରମେ ଡଙ୍ଗାରେ ଜୀବନ ରକ୍ଷାକାରୀ ଜ୍ୟାକେଟ୍ ସମସ୍ତ ଯାତ୍ରୀମାନଙ୍କ ନିମନ୍ତେ ଡଙ୍ଗାମାଲିକମାନେ ଚିଲିକା ହ୍ରଦରେ ଡଙ୍ଗା ବା ବୋଟ୍ ଚଳାଇବା ସମୟରେ ବାଧ୍ୟତାମୂଳକ କରାଯାଇଛି। ଏଥିସହ ଯାତ୍ରୀମାନଙ୍କ ସଂଖ୍ୟା ଡଙ୍ଗା ବା ବୋଟ୍‌ର ଆବଶ୍ୟକ କ୍ଷମତା ଓ ସାମର୍ଥ୍ୟ ଠାରୁ କୌଣସି ମତେ ଅଧିକ ହବା ଉଚିତ ନୁହେଁ ବୋଲି କୁହାଯାଇଛି। ନିୟମ ଉଲ୍ଲଂଘନ ବା ବ୍ୟତିକ୍ରମକଲେ ସରକାର ସେମାନଙ୍କ ବୋଟ୍ ପଞ୍ଜିକରଣକୁ ରଦ୍ଦ କରିବା ସହ ଓଡିଶା ବୋଟ୍ ନିୟମ ୨୦୦୪ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସଭାପତି କାଳିଜାଇ ମୋଟର ବୋଟ୍ ସଂଘ, ବାଲୁଗାଁ, ବଡ଼କୁଳ ଏବଂ ମା' କାଳିଜାଇ ଶ୍ରମିକ ସଂଗଠନ ବଡ଼ଡକୁଳ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବିଶାଳ ଯୋଗ ମହୋତ୍ସବ




**ବାରଙ୍ଗ,୪।୫/ଏନ୍ଏନ୍ଏସ୍:** 'ଯୋଗ ହେଉଛି ସମଗ୍ର ମାନବ ସମାଜର ସ୍ୱାସ୍ଥ୍ୟ ସୁରକ୍ଷାକାରୀ। ଗୋଟିଏ ପୃଥିବୀ ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯଦି କାହାର ସର୍ବାଧିକ ଭୂମିକା ଥାଏ, ତେବେ ସିଏ ହେଉଛି ଯୋଗ। ଏହା ସମଗ୍ର ପୃଥିବୀ ଓ ମାନବ ସମାଜର ସାମଗ୍ରିକ ସ୍ୱାସ୍ଥ୍ୟ ନିମନ୍ତେ ନିଶ୍ଚିତ ଭାବରେ ଏକ ଅବ୍ୟର୍ଥ ମହୌଷଧି ବୋଲି ଆସନ୍ତା ଜୁନ୍ ୨୧ ତାରିଖ ପାଳନ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଦେଶବ୍ୟାପୀ ୧୦୦ ଦିନିଆ ଅବଗଣନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ୪୭ତମ ଦିନ ଅବଗଣନା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ବିଶାଳ ଯୋଗ ମହୋତ୍ସବରେ ଯୋଗଦେଇ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏକଥା କହିଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଇଁ ଅବଗଣନା କାର୍ଯ୍ୟକ୍ରମର ଅଂଶ ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅଧୀନସ୍ଥ ମୋରାରଜୀ ଦେଶାଇ ଜାତୀୟ ଯୋଗ ସଂସ୍ଥା ସହଯୋଗରେ 'ଯୋଗ ମହୋତ୍ସବ-୨୦୨୬' ନାମକ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା। କାର୍ଯ୍ୟକ୍ରମରେ ଆଡମିନ୍ ଅଧିକାରୀ ସୌରଭ ବାଓ୍ୱେଜା ଏବଂ ଯୋଗ ସହକାରୀ ପ୍ରାଧ୍ୟାପକ ଡ. ପ୍ରାଗ୍ ଭରଦ୍ୱାଜଙ୍କ ଦ୍ୱାରା ଆହୂତ ୪୦ ମିନିଟର ଯୋଗ ଅଧିବେଶନରେ ଏନ୍‌ଡିଆର୍‌ଏଫ୍, ସିଆର୍‌ପିଏଫ୍ ଏବଂ ସିଆଇଏସ୍‌ଏଫରୁ ୩୦୦ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୨୦୦ବିଦ୍ୟାର୍ଥୀ, ପ୍ରାଧ୍ୟାପକ ଓ କର୍ମଚାରୀଙ୍କୁ ମିଶାଇ ସମୁଦାୟ ୫୦୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ। ଯୋଗବିଜ୍ଞାନ କାର୍ଯ୍ୟକ୍ରମର ଶିକ୍ଷାର୍ଥୀମାନେ ବିଭିନ୍ନ ଯୋଗମୁଦ୍ରା ପ୍ରଦର୍ଶନ କରିଥିଲେ। ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଧ୍ୟାନ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ଏ'ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଶିକ୍ଷାର୍ଥୀଙ୍କୁ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୪।୫/ଏନ୍ଏନ୍ଏସ୍:** କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚଳିତ ଦଶମଶ୍ରେଣୀ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶିଶୁ ଭାଇଭଉଣୀମାନଙ୍କୁ ଶିଶୁବିଦ୍ୟାମନ୍ଦିର ପରିସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ଉତ୍ସବରେ ଶିଶୁବିଦ୍ୟାମନ୍ଦିରର ପୂର୍ବତନ ସଭାପତି ତଥା ଶୈକ୍ଷିକ ପରାମର୍ଶଦାତା ପ୍ରମୋଦ କିଶୋର ପୃଷ୍ଟି, ନୂତନ ସଭାପତି ଶିକ୍ଷାବିତ ପୀତବାସ ଦୀକ୍ଷିତ, ସମ୍ପାଦକ ରବିନ୍ଦ୍ର ପ୍ରଧାନ, ଉପ ସଭାପତି ମନୋଜ ସାହୁ, ରାଜକିଶୋର ମଲ୍ଲିକ, ସହସମ୍ପାଦିକା ସୁଭଦ୍ରା ସାହୁ, ପ୍ରଧାନ ଆଚାର୍ଯ୍ୟ ତନ୍ମୟ ପାତ୍ର, ସହ ପ୍ରଧାନା ଆଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ବରିଷ୍ଠ ଗୁରୁଜୀ ଅନ୍ନଦା ବେହେରା ପ୍ରମୁଖ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁବିଦ୍ୟାମନ୍ଦିର ଗୁରୁଜୀ, ଗୁରୁମା କମଳାକାନ୍ତ, ଲକ୍ଷ୍ମୀଧର,ଦିଲ୍ଲୀପ, ସୁବର୍ଣ୍ଣ, ବ୍ରହ୍ମାନନ୍ଦ, ଜ୍ୟୋତି ରଞ୍ଜନ, ଗୀତାଞ୍ଜଳି, ବ୍ରହ୍ମୋତ୍ରୀ, ଦିବ୍ୟରୂପା, ନିବେଦିତା, ନିରୁପମା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିଶୁ ବିଦ୍ୟାମନ୍ଦିରର କୋଷାଧକ୍ଷ ସୂର୍ଯ୍ୟନାରାୟଣ ଜେନା ସମସ୍ତ ଧନ୍ୟବାଦ ଅର୍ପଣ କରିଥିଲେ।









ଅହମଦାବାଦ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭବ୍ୟ ସ୍ୱାଗତ

# ଭିଜିଲାନ୍ସ ଜାଲରେ ଏଡିଇଓ ଦେବେନ୍ଦ୍ର ସାହୁ

## ଆବାସ ଘର ପାଇଁ ଲାଞ୍ଚ ନେଲାବେଳେ ମାଡ଼ି ବସିଲା ଟିମ୍

**ଭବାନୀପାଟଣା,୫।୫/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲାରେ ଦୁର୍ନୀତିଖୋର ସରକାରୀ ବାବୁଙ୍କ ବିରୋଧରେ ଭିଜିଲାନ୍ସର ଅଭିଯାନ ଜାରି ରହିଛି। ଜଣକ ପରେ ଜଣେ ଅସାଧୁ କର୍ମଚାରୀ ଜେଲ୍ ଯାଉଥିବା ବେଳେ ଆଜି ପୁଣି ଜଣେ ସରକାରୀ ବାବୁ ଭିଜିଲାନ୍ସ ପଞ୍ଝାରେ ପଡ଼ିଛନ୍ତି। ଜୁନାଗଡ଼ ବ୍ଲକ ଆଟିଗାଁ ପଞ୍ଚାୟତର ଏଡିଇଓ ଦେବେନ୍ଦ୍ର ସାହୁ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ଆଟିଗାଁ ପଞ୍ଚାୟତର ଶ୍ରୀବସ୍ ଭୋଇଙ୍କ ନାମରେ ମଞ୍ଜୁର ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ କରାଇଦେବା ପାଇଁ ଏଡିଇଓ ଦେବେନ୍ଦ୍ର ସାହୁ ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଆଜି ଜୁନାଗଡ଼ ବ୍ଲକ ସମ୍ମୁଖରେ ଶ୍ରୀବସ୍ଙ୍କ ଠାରୁ ଟଙ୍କା ଗ୍ରହଣ କରୁଥିବା ସମୟରେ ପୂର୍ବରୁ ଲୁଚି ରହିଥିବା



ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଟଙ୍କା ଜବତ କରିବା ସହ ଭିଜିଲାନ୍ସ ବିଭାଗ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଏବଂ ଆଟିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଛାନ୍‌ଭିନ୍ କରାଯାଇଛି। ବର୍ତ୍ତମାନ ଦେବେନ୍ଦ୍ର ସାହୁ ଭବାନୀପାଟଣା ଭିଜିଲାନ୍ସ ହାଜତରେ ଅଛନ୍ତି। ଆସନ୍ତା ବୁଧବାର ଦିନ ତାଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

## ବୟନିକାର ୭୦ତମ ପ୍ରତିଷ୍ଠା ଦିବସ

# ଆମ ସମୃଦ୍ଧ ହସ୍ତତନ୍ତ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିଛି: ମନ୍ତ୍ରୀ

**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ହେଉଛି ଆମ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଅସ୍ମିତାର ଜୀବନ୍ତ ପ୍ରତିଛବି। ଏହା ହଜାର ହଜାର ବୁଣାକାରଙ୍କୁ ଜୀବିକା ଯୋଗାଇବା ଶହ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି।




ସ୍ଥାନୀୟ ବୟନ ଭବନ ସ୍ଥିତ ବୟନିକା ଅନନ୍ୟ ଶାଖାଠାରେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି (ବୟନିକା)ର ୭୦ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇ ସେ କହିଛନ୍ତି ଯେ ବୟନିକା ବିଶ୍ୱାସ, ଭରଷା, ଗୌରବ, ଆତ୍ମନିର୍ଭରଶୀଳତା ଓ ଉତ୍କର୍ଷତାର ପ୍ରତୀକ ସାଜିଛି। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ସାତ ଦଶକର ଏହି ଯାତ୍ରାରେ ବୟନିକା ଏକ ବିଶ୍ୱାସଯୋଗ୍ୟ ପ୍ରତିଷ୍ଠାନ ଭାବେ ପରିଗଣିତ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବୟନିକା ୨୩୩.୫୬ କୋଟିର ବ୍ୟବସାୟ କରିଥିବାବେଳେ ୨୦୨୬-୨୭ ପାଇଁ ୨୮୦.୦୦ କୋଟିର ଲକ୍ଷ୍ୟ ରଖିଛି। ଏହା ଆମର ଉତ୍କୃଷ୍ଟ ପାରମ୍ପରିକ କୌଶଳକୁ ବଞ୍ଚାଇ ରଖିବା ସହ ହଜାର ହଜାର ବୁଣାକାରଶିଳ୍ପୀଙ୍କ ଜୀବିକାକୁ ସମର୍ଥନ କରି ବୟନ ଅସ୍ମିତାକୁ ସୁରକ୍ଷିତ ରଖିଛି। ବର୍ତ୍ତମାନ ବୟନିକାରେ ୬୫୮ଟି ବୁଣାକାର ସମିତି ପଞ୍ଜିକୃତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ପ୍ରତିଷ୍ଠା ଦିବସ ଅବସରରେ ଗ୍ରାହକ ଆକର୍ଷଣ ବଢାଇବା ପାଇଁ ବୟନିକା ପକ୍ଷରୁ ଚାଲୁଥିବା ୨୦% ରିହାତି ଉପରେ ଅତିରିକ୍ତ ୧୦% ବିଶେଷ ରିହାତି ଦିଆଯାଉଛି। ଏହା ଦ୍ୱାରା ଗ୍ରାହକମାନେ ମୋଟ ୨୦% + ୧୦% ର ଲାଭ ଉଠାଇପାରିବେ। ଏହା ଗ୍ରାହକଙ୍କ ଆକର୍ଷଣ ବଢାଇବା ସହ ବୁଣାକାରମାନଙ୍କ ଆୟ ବୃଦ୍ଧିରେ ସିଧାସଳଖ ସହଯୋଗ କରିବ। ଏହି ବିଶେଷ ରିହାତି ସୁବିଧା ତିନି ଦିନ (୫, ୬ ଓ ୭ ତାରିଖ) ପାଇଁ ଉପଲବ୍ଧ ରହି। ଏହି କାର୍ଯ୍ୟକ୍ରମରେ ବୟନଶିଳ୍ପ ଏବଂ ହସ୍ତତନ୍ତ ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୟନିକାର ପରିଚାଳନା ନିର୍ଦ୍ଦେଶିକା ଡଃ ନିବେଦିତା ପୃଷ୍ଟି, ବିଭାଗୀୟ ଅଧିକାରୀ ତଥା ବୟନିକାର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ସବୁ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦେଲେ ପରିବହନ କମିଶନର୍

# ସଡ଼କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା

**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ସଡ଼କ ଦୁର୍ଘଟଣା ହ୍ରାସ ଉପରେ ପ୍ରାଧାନ୍ୟ ଦେଇଛନ୍ତି ସରକାର। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସମସ୍ତ ଉପପରିବହନ ଆୟୁକ୍ତ (ଡିସିଟି), ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଏଆରଟିଓ)ଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି ପରିବହନ କମିସନର। ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିବା ବେଳେ ଆଭାସୀ ଜରିଆରେ ଆରଟିଓମାନେ ଉପସ୍ଥିତ ଥିଲେ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ନିଜ ନିଜ ଜିଲ୍ଲା ଅନୁଯାୟୀ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ବ୍ୟାପକ ଭାବରେ ଗ୍ରହଣ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




ପରିବହନ କମିସନର୍ ଅମିତାଭ ଠାକୁର କହିଛନ୍ତି ଯେ ପ୍ରତିଦିନ ଯେଉଁଭଳି ସଡ଼କ ଦୁର୍ଘଟଣା ଘଟୁଛି, ଏହା ଏକ ଚିନ୍ତାଜନକ ସ୍ଥିତି ସୃଷ୍ଟି କରୁଛି। ଏହାକୁ ହ୍ରାସ କରିବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେଣୁ ସମସ୍ତ ଆରଟିଓଙ୍କୁ ଗ୍ରାଉଣ୍ଡ ଜିରୋରରେ ଏ ଦିଗରେ ବ୍ୟାପକ କାର୍ଯ୍ୟ କରିବାକୁ ହେବ। ଅନେକ ଗାଡ଼ି ଚାଳକ ସଡ଼କ ସୁରକ୍ଷା ନିୟମ ମାନୁନାହାନ୍ତି। ମନଇଚ୍ଛା ଗାଡ଼ି ଚଲାଉଛନ୍ତି। ଆଉ ନିଜ ସହ ଅନ୍ୟମାନଙ୍କ ଜୀବନ ମଧ ନେଇଯାଉଛନ୍ତି। ଏହାକୁ ରୋକିବାକୁ ହେଲେ ଯୋଜନା ଭିତ୍ତିରେ ଏନଫୋର୍ସମେଣ୍ଟ କରିବାକୁ ହେବ ବୋଲି ଶ୍ରୀ ଠାକୁର କହିଛନ୍ତି। ବିଶେଷକରି, ମଦ୍ୟପାନ କରି ଗାଡ଼ି ଚଲାଇବା, ମାଲବାହୀ ଗାଡ଼ିରେ ଯାତ୍ରୀ ନେବା, ରାଜପଥରେ ଅବୈଧ ପାର୍କିଂ କରିବା, ମନଇଚ୍ଛା ଗାଡ଼ିର ଆକାରରେ ପରିବର୍ତ୍ତନ କରି ଭାରସାମ୍ୟ ହରାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର କରିବା ଭଳି ନିୟମ ଉଲ୍ଲଙ୍ଘନକୁ ରୋକିବାକୁ ହେବ। ଏହା ବ୍ୟତୀତ ପ୍ରତି ଜିଲ୍ଲାସ୍ତରରେ ସଡ଼କ ସୁରକ୍ଷା ପାଇଁ ଯେଉଁ ଯେଉଁ ଆହ୍ୱାନ ରହିଛି, ପ୍ରତି ବିଭାଗର ସମନ୍ୱୟ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଏହାର ସମାଧାନ କରିବାକୁ ହେବ। ତେବେ କେବଳ ରେଗୁଲେଟର୍ ବା ନିୟନ୍ତ୍ରକ ଭୂମିକା ନିର୍ବାହ ନୁହେଁ, ଏଜୁକେଟର୍ ଭାବରେ ମଧ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦାୟିତ୍ୱ ନେବାକୁ ହେବ। ଜନସାଧାରଣଙ୍କ ମଧ୍ୟରେ ନିୟମ ଉଲ୍ଲଙ୍ଘନ ଓ ଏହାର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ହେବ। ଏଥିପାଇଁ ଅଧିକରୁ ଅଧିକ ସଚେତନ ନାଗରିକଙ୍କ ସହଯୋଗ ନେଇ ସଡ଼କ ସୁରକ୍ଷାକୁ ଏକ ଅଭିଯାନ ଭାବରେ ଗ୍ରହଣ କରିବାକୁ ସେ କହିଛନ୍ତି। ସେହିଭଳି ଆରଟିଓମାନଙ୍କ ଦକ୍ଷତା

> ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି ଫିଟନେସ୍ ପ୍ରକ୍ରିୟାରେ ହେବ ସ୍ୱଚ୍ଛତା
>
> ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଗ୍ରାଉଣ୍ଡ୍ ଜିରୋରେ ହେବ ବ୍ୟାପକ ଏନଫୋର୍ସମେଣ୍ଟ୍

ରିପୋର୍ଟରେ ଆଗକୁ ସଡ଼କ ସୁରକ୍ଷା ଦିଗରେ କାର୍ଯ୍ୟର ମଧ ଏକ ବିଶେଷ ଭୂମିକା ରହିବ ବୋଲି ସେ ସୂଚାଇ ଦେଇଛନ୍ତି। ଏହାସହ ପରିବହନ ସମ୍ବନ୍ଧୀୟ ସେବା ପ୍ରଦାନରେ ଗତବର୍ଷ କେଉଁ ଆରଟିଓଙ୍କ ପ୍ରଦର୍ଶନ କ'ଣ ରହିଥିଲା, ତାହାର ମଧ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ପରବହନ କ୍ଷେତ୍ରରେ ସଂସ୍କାର ସଂପର୍କରେ ମଧ ପରିବହନ ଆୟୁକ୍ତ ସୂଚନା ପ୍ରଦାନ କରିଥିଲେ। ବିଶେଷ କରି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନରେ ସଂସ୍କାର, ଗାଡ଼ିର ଫିଟ୍‌ନେସ୍‌ରେ ସ୍ୱଚ୍ଛତା ଓ ବେପରୁଆ ଗାଡ଼ି ଚାଳକଙ୍କୁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ନିୟନ୍ତ୍ରଣ କରିବା ଦିଗରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଯାତ୍ରୀବାହି ଯାନ ଗୁଡ଼ିକ ଯେପରି ଯାତ୍ରୀ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବେ ଏ କ୍ଷେତ୍ରରେ ଆରଟିଓମାନେ କଡ଼ା ନଜର ରଖିବେ। ଏହାସହ, ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନର ଉଚିତ୍ ସମୀକ୍ଷା କରି ସୁଧାର ଦିଗରେ ପ୍ରୟାସ କରିବାକୁ କୁହାଯାଇଛି।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାତିସଂଘର ଆବାସିକ ସମନ୍ୱୟକାରୀ

**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ଭାରତରେ ଜାତିସଂଘର ଆବାସିକ ସମନ୍ୱୟକାରୀ ମିଷ୍ଟର ଷ୍ଟିଫାନ ପ୍ରିସନର୍ ଆଜି ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ। ଓଡ଼ିଶା ସରକାର ଏବଂ ଜାତିସଂଘ ମଧ୍ୟରେ ପ୍ରମୁଖ ବିକାଶମୂଳକ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଆଲୋଚନା ହୋଇଥିଲା।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବା ପଥରେ ଭାରତ ଦୃଢ଼ ପଦକ୍ଷେପ ନେଉଛି ଏବଂ ଓଡ଼ିଶା କୃଷି, ଶିଳ୍ପ ତଥା ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରି ଏଥିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ରାଜ୍ୟ ସରକାର କୃଷିକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ସିଂହଦେଓ କହିଥିଲେ ଯେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଜଳବାୟୁ ଅନୁକୂଳ ଚାଷ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଏବଂ କୃଷି ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ଏହି ଆଲୋଚନାରେ ପର୍ଯ୍ୟଟନ ଓ ଐତିହ୍ୟ ପ୍ରସଙ୍ଗ ମଧ ପ୍ରାଧାନ୍ୟ ପାଇଥିଲା। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଏବଂ ରାଣୀପୁର-ଝରିଆଲ ଓ ହରିଶଙ୍କର ଭଳି ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶାର ଅନନ୍ୟ ଆଦିବାସୀ ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖି ଏହାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାକୁ ଅକ୍ଷୟ ଶକ୍ତିର ଏକ କେନ୍ଦ୍ର ଭାବେ ଗଢ଼ିତୋଳିବା, ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଜାତିସଂଘର ସହଯୋଗ ନେଇ ଉଭୟ ପକ୍ଷ ଆଲୋଚନା କରିଥିଲେ। ମିଷ୍ଟର ଷ୍ଟିଫାନ ପ୍ରିସନର୍ ଓଡ଼ିଶାର କୃଷି ଏବଂ ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ହୋଇଥିବା ପ୍ରଗତିର ପ୍ରଶଂସା କରିଥିଲେ। ଏଥିସହ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର, ଦକ୍ଷତା ବୃଦ୍ଧି ଏବଂ ସମାବେଶୀ ବିକାଶ କ୍ଷେତ୍ରରେ ଜାତିସଂଘ ସହଭାଗୀ ହେବାକୁ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିଥିଲେ। ଓଡ଼ିଶାର ବିକାଶ ଯାତ୍ରାକୁ ସ୍ଥାୟୀ ଏବଂ ଆତ୍ମନିର୍ଭରଶୀଳତାର ଏକ ମଡେଲ ଭାବେ ଗଢ଼ିତୋଳିବା ପାଇଁ ସହଯୋଗ ବୃଦ୍ଧି କରିବାକୁ ଉଭୟ ପକ୍ଷ ସଂକଳ୍ପବଦ୍ଧ ହୋଇଥିଲେ।

# ସହରାଞ୍ଚଳ ବନ୍ୟା ମୁକାବିଲା ପାଇଁ ମୌସୁମୀ ନିର୍ଦ୍ଦେଶାବଳୀ ଜାରି

**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ଆଗାମୀ ମୌସୁମୀ-୨୦୨୬ ପାଇଁ ସହରାଞ୍ଚଳର ସୁରକ୍ଷା ଓ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ଏହି ନିର୍ଦ୍ଦେଶାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଅଧିକାରୀମାନେ ଏହି ମାର୍ଗଦର୍ଶିକାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ କୁହାଯାଇଛି। କାର୍ଯ୍ୟକାରିତାରେ ଯଦି କୌଣସି ଅବହେଳା ପରିଲକ୍ଷିତ ହୁଏ, ତେବେ ତାହାକୁ ଗୁରୁତର ସହ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି, ଯାହା ବିପର୍ଯ୍ୟୟ ପରିଚାଳନା ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ପ୍ରସ୍ତୁତି ରଣନୀତିର ଅଂଶସ୍ୱରୂପ, ସମସ୍ତ ଡ୍ରେନେଜ୍ ସିଷ୍ଟମ୍ ଏବଂ ମ୍ୟାନହୋଲଗୁଡ଼ିକର ୧୦୦ ପ୍ରତିଶତ ଯାଞ୍ଚ କରିବାକୁ ୟୁଏଲ୍‌ବିଗୁଡ଼ିକୁ ବାଧ୍ୟତାମୂଳକ କରାଯାଇଛି। କ୍ଷତିଗ୍ରସ୍ତ ମ୍ୟାନହୋଲଗୁଡ଼ିକର ତୁରନ୍ତ ମରାମତି କିମ୍ବା ସୁରକ୍ଷିତ ଭାବେ ଢାଙ୍କିବା କାର୍ଯ୍ୟକୁ ପ୍ରାଥମିକତା ଦିଆଯାଇଛି। ଯେଉଁଠାରେ ମରାମତି ବାକି ଅଛି, ସେଠାରେ ସତର୍କତା ସୂଚନା ବୋର୍ଡ ଏବଂ ପ୍ରତିରକ୍ଷା ଜାଲ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ନାଳଗୁଡ଼ିକର ନିୟମିତ ପଙ୍କୋଦ୍ଧାର ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଜବରଦଖଲ ଉଚ୍ଛେଦକୁ ବାଧ୍ୟତାମୂଳକ କରାଯାଇଛି। ସହରାଞ୍ଚଳରେ ବାରମ୍ବାର ଜଳବନ୍ଦୀ ସମସ୍ୟା ଦେଖାଦେଉଥିବା ତଥା ତଳିଆ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏହି ଅଞ୍ଚଳଗୁଡ଼ିକରୁ ଜଳ ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ପରିମାଣର ପମ୍ପ ସେଟ୍ ଏବଂ ଡିଜି ସେଟ୍ ମୁତୟନ କରାଯିବ। ସହରାଞ୍ଚଳଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ଷମ ଜୋନ୍‌ରେ ବିଭକ୍ତ କରାଯାଇ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ, ଯାହାଫଳରେ ଜରୁରୀକାଳୀନ ସ୍ଥିତିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସହିତ ସ୍କୁଲ ଓ କଲେଜଗୁଡ଼ିକୁ ଅସ୍ଥାୟୀ ସହାୟତା କେନ୍ଦ୍ର ଭାବେ ପ୍ରସ୍ତୁତ ରଖାଯିବ। ଏହି କେନ୍ଦ୍ରଗୁଡ଼ିକରେ ନିରାପଦ ପାନୀୟ ଜଳ, ପରିମଳ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦିଆଯିବ।

## ବିକାଶର ନୂଆ ଅଧ୍ୟାୟ

# ୮୪୩ କୋଟିର ପ୍ରକଳ୍ପ ଶୁଭାରମ୍ଭ କଲେ ମନ୍ତ୍ରୀ

**ମାଲକାନଗିରି,୫।୫/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଅଭିଯାନ ମାଧ୍ୟମରେ ମାଲକାନଗିରି ଜିଲ୍ଲାରେ ଗ୍ରାମୀଣ ଭିତ୍ତିଭୂମିର କାୟାକଳ୍ପ ବଦଳିବାରେ ଲାଗିଛି। ଆଜି ସ୍ଥାନୀୟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଜିଲ୍ଲା ପାଇଁ ମୋଟ ୮୪୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୩୧୮.୯୨ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିବା ୩୧ଟି ପ୍ରକଳ୍ପକୁ ଲୋକାର୍ପିତ କରାଯାଇଥିବା ବେଳେ ୧୮୪.୬୩ କୋଟି ଟଙ୍କା ଅଟକଳ ମୂଲ୍ୟର ୩୦ଟି ନୂତନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜିଲ୍ଲାରେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୪୨୨ଟି ପ୍ରକଳ୍ପ ମଧ୍ୟରୁ ୩୯୨ଟି ସଫଳତାର ସହ ଶେଷ ହୋଇଥିବା ବେଳେ ଚଳିତ ୨୦୨୫-୨୬ ବର୍ଷରେ ୪୩.୯୬ କୋଟି ଟଙ୍କା ବ୍ୟୟରେ ୯୬୪ଟି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି ଏବଂ ଉପାଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀ ଉପସ୍ଥିତ ରହି ବିକାଶମୂଳକ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ସିଆଲ ମଧ ସାମିଲ ହୋଇଥିଲେ। ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାର ଶିକ୍ଷା, ଯୋଗାଯୋଗ ଓ ସାମାଜିକ ସୁବିଧା କ୍ଷେତ୍ରରେ ଏକ ବଡ଼



ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ସମସ୍ତଙ୍କ ସାଥୀରେ, ସମସ୍ତଙ୍କ ବିକାଶ ମନ୍ତ୍ରକୁ ଆଗରେ ରଖି ଗ୍ରାମୀଣ ସଂଯୋଗ, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାମ ହେଉଛି।ସେ ଆହୁରି କହିଛନ୍ତି ଯେ ପିଏମ୍‌ଜିଏସ୍‌ୱାଇ ଯୋଜନାରେ ୧୬୮ଟି ରାସ୍ତା ନିର୍ମାଣ ସହ ଦୁର୍ଗମ ଅଞ୍ଚଳକୁ ସଂଯୋଗ କରାଯିବ। ଏହା ସହିତ ଆୟୁର୍ବେଦିକ ମେଡିକାଲ କଲେଜ, ପାନୀୟ ଜଳ ପ୍ରକଳ୍ପ ଓ ରେଳ ସଂଯୋଗ ଭଳି ମୁଖ୍ୟ ପ୍ରକଳ୍ପ ମାଲକାନଗିରିର ଉନ୍ନତିକୁ ଆହୁରି ଗତି ଦେବ। ପ୍ରଗତି ପଥେ ଯୁବ ମାଲକାନଗିରି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଯୁବ ସମାଜଙ୍କ ସମଗ୍ର ବିକାଶ ଓ ସଶକ୍ତୀକରଣ ପାଇଁ ସ୍ପୋର୍ଟସ୍ ସାମଗ୍ରୀ, ଆଧୁନିକ ଜିମ୍ ଉପକରଣ ଓ ସମ୍ବାଦପତ୍ର ଇତ୍ୟାଦି ପ୍ରଦାନ କରାଯିବ, ଯାହା ତାଙ୍କର ଶାରୀରିକ ଓ ମାନସିକ ଉନ୍ନତିରେ ନିଶ୍ଚିତ ଭାବେ ସହାୟକ ହେବ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ରାଶି ସହ କାର୍ଯ୍ୟାଦେଶ ପତ୍ର ମଧ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାର ଶ୍ରେଷ୍ଠ ତିନିଟି ବିଦ୍ୟାଳୟକୁ ଚଳିତ ବର୍ଷ ଦଶମ ପରୀକ୍ଷାରେ ସଫଳତା ପାଇଁ ମଧ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସରାବୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପଜିଲ୍ଲାପାଳ ଧନ୍ୟବାଦ୍ ଦେଇଥିଲେ । କାର୍ଯ୍ୟକ୍ରମର ସଫଳ ରୂପାୟନରେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

## ରାଜ୍ୟସଭା ନିର୍ବାଚନ

# ଅନିୟମିତତା ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଅ: ବିଜେଡି

**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ଗତ ୨୮ ଏପ୍ରିଲରେ ହୋଇଥିବା ରାଜ୍ୟସଭା ନିର୍ବାଚନ ସମୟରେ ବିଧାୟିକା ଉପାସନା ମହାପାତ୍ର, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅବୈଧ ଭାବେ ଦ୍ୱିତୀୟ ବାଲାଟ ପେପର ଦିଆଯିବାକୁ ନେଇ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଡ଼ ସସ୍ମିତ ପାତ୍ର ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଭାରତ ନିର୍ବାଚନ ଆୟୋଗର ଅଣ୍ଡର ସେକ୍ରେଟାରୀ ରାଜେନ୍ଦ୍ର କୁମାର ସିଂହ ଗତ ୨୯ ଏପ୍ରିଲରେ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଲେଖି ବିଜେଡି ପ୍ରତିନିଧି ଦଳ ସହିତ ଏହି ବିଷୟରେ ତ୍ୱରିତ ଆଲୋଚନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ୧୧ ତାରିଖ ସକାଳ ୧୧ଟାରେ ବିଜେଡି ପ୍ରତିନିଧି ଦଳ ସହିତ ବୈଠକ ପାଇଁ ସମୟ ନିର୍ଦ୍ଧାରଣ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ନେତାମାନେ ବିଜେଡି ତରଫରୁ ଦଳର ପକ୍ଷ ଉପସ୍ଥାପନ କରିବେ। ଦଳ ସଦାସର୍ବଦା ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଓ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଗୁରୁତ୍ୱ ଦେଇଆସିଛି ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ଫୁଲବାଣୀରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ଫୁଲବାଣୀ, ୫।୫/ଏନ୍ଏନ୍ଏସ୍:** ସୋମବାର ଫୁଲବାଣୀଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ଶିବିରରେ ସମୁଦାୟ ୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥି ମଧ୍ୟରୁ ୫୧ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୧୩ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା । ମୁଖ୍ୟତଃ ରାସ୍ତାଘାଟ, ପାନୀୟ ଜଳ, ଆବାସ ଯୋଜନା, ଜମିଜମା ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆୟୋଜିତ ଶିବିରରେ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ କରାଯିବା ସହିତ ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଥିଲା । ଜିଲାପାଳ ବେଦଭୂଷଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ହରିଶ ବି ସି, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପଜିଲ୍ଲାପାଳ ଭିକାରୀ ସାହୁ, ଫୁଲବାଣୀ ବିଡ଼ିଓ ସୌମ୍ୟ ରଞ୍ଜନ ପାତ୍ର, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ହଷ୍ଟେଲ୍ ଫି' ଆଦାୟକୁ ନେଇ ତାତିଲେ ଭଞ୍ଜବିହାର ବିଦ୍ୟାର୍ଥୀ

**ବ୍ରହ୍ମପୁର,୫।୫/ଏନ୍ଏନ୍ଏସ୍:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅଜବ ନିତି, ବର୍ଷେ ତଳେ ଯାହା ଛାଡ କରିଥିଲେ ଏବେ ତାହା ଆଦାୟ କରୁଛନ୍ତି । ହଷ୍ଟେଲ ଛାଡିବା ସମୟରେ କସନ ଟଙ୍କା ଆଦାୟକୁ ନେଇ ବିଭ୍ରାଟ ଦେଖାଦେଇଛି । ମୌଳିକ ସୁବିଧା ଯୋଗାଇଦେବା ପାଇଁ ମଧ୍ୟ

### କୁଳପତିଙ୍କୁ ଭେଟି ଦେଲେ ସ୍ମାରକପତ୍ର

ବିଭିନ୍ନ ସମୟରେ ଦାବି ଉଠିଥାଉଛି । ଏନେଇ ଆଜି ବିଶ୍ୱବିଦ୍ୟାଳୟର ଏକ ଛାତ୍ର ପ୍ରତିନିଧି ମଣ୍ଡଳୀ କୁଳପତି ଡ .ଗୀତାଞ୍ଜଳି ଦାସଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଦକ୍ଷିଣ ଓଡ଼ିଶାର ଶିକ୍ଷାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧିକାଂଶ ଛାତ୍ରଛାତ୍ରୀ ସାଧାରଣ ଚାଷୀ ମୂଲିଆ ଗରିବ ଶ୍ରେଣୀର ଅଟନ୍ତି । ବିଭିନ୍ନ ଦୂରଦୁରାନ୍ତରୁ ଉଚ୍ଚଶିକ୍ଷା ନିମନ୍ତେ ପଢିବାକୁ ଏଠାକୁ ଆସିଥାନ୍ତି । ତେବେ ବର୍ତ୍ତମାନ କସନ ଟଙ୍କାରୁ ୭୦୦ ଟଙ୍କା



କଟାଯିବାକୁ ନେଇ ସେମାନଙ୍କ ମଧ୍ୟରେ ଦେଖାଦେଇଛି ଅସନ୍ତୋଷ । ଓଡ଼ିଶାର ଅନ୍ୟ ବିଶ୍ୱବିଦ୍ୟାଳୟ ତୁଳନାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଆଡେ ଅଧିକ ହଷ୍ଟେଲ ଫି ଆଦାୟ କରୁଛନ୍ତି ବୋଲି ଅଭିଯୋଗ କରି ଶହ ଶହ ଛାତ୍ରଛାତ୍ରୀ ବର୍ଷେ ତଳେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଯାହାଫଳରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଫି କମେଇବାକୁ ବାଧ୍ୟ ହୋଇଥିଲେ। ଏବଂ ହଷ୍ଟେଲ ରିଆଡମିସନ ଫି ୭୦୦ ଟଙ୍କା କମେଇ ବିଶ୍ୱବିଦ୍ୟାଳୟ ଏକ ନୋଟିସ ଜାରି କରିଥିଲେ। ସେନୁଯାୟୀ ସମସ୍ତେ ଛାତ୍ରଛାତ୍ରୀ ୭୦୦ ଟଙ୍କା କମେଇ ହଷ୍ଟେଲ ଫି ବାନ୍ଧିଥିଲେ। ତେବେ ପୁଣି ବର୍ଷ ଶେଷରେ ନିଜ କଥାରୁ ଓହରିଯାଇଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି । ସେ କଥା କୁଆଡେ ବିଧିବଦ୍ଧ ନଥିଲା ବୋଲି ପୁଣି କହିଛନ୍ତି । ତେବେ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ କସନ ଟଙ୍କାରୁ ୭୦୦ ଟଙ୍କା ଆଦାୟ କରାଯିବାକୁ ନେଇ ସିଣ୍ଡିକେଟରେ ନିଷ୍ପତ୍ତି ହୋଇଛି । ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ଭିତରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବିରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଛାତ୍ର ନେତା ଇକୁ ଅମିନ ଖାନଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସନ୍ତୋଷ କୁମାର ବେହେରା , ଅନିରୁଦ୍ଧ କୁମାର ରାଣା , ନୀଳାଞ୍ଚଳ ମହାନ୍ତି, ମନିଷା କହଁର, ଆଫିଆ ଖାନୁନ୍, ବାଲ୍ମୀକି ସେଠୀ, ଏନ୍. କାମରାଜୁ ପାତ୍ର, ବିକାଶ ପ୍ରଧାନ ଓ ଅଭିଜିତ ଚିଛନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦେବଭୂମି ପଞ୍ଚାୟତ ପକ୍ଷରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

**ଆସିକା,୫।୫/ଏନ୍ଏନ୍ଏସ୍:** ଓଡିଶା ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ



୨୦୨୫-୨୬ ଶିକ୍ଷାବର୍ଷରେ ଅନୁଷ୍ଠିତ ମାଟ୍ରିକ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ୫ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦେବଭୂମି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଅଞ୍ଚଳର ୫ ଜଣ ଶ୍ରେଷ୍ଠ କୃତୀ ବିଦ୍ୟାର୍ଥୀମାନଙ୍କୁ ଆଜି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚାରା, ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଥିଲା । ଆସିକା ବ୍ଲକ ଦେବଭୂମି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରତିଭା ସମ୍ମାନ, ଅଭିନନ୍ଦନ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ତଥା ସମାଜସେବୀ ସନ୍ତୋଷ କୁମାର ନାୟକ, ଦେବଭୂମୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଅଶାନ୍ତି ବେହେରା, ସମିତିସଭ୍ୟା ଲକ୍ଷ୍ମୀ ବେହେରା, ଦେବଭୂମୀ ଗ୍ରାମର ପିଏମ୍ଶ୍ରୀ ନୋଡାଲ୍ ହାଇସ୍କୁଲର ପ୍ରଧାନଶିକ୍ଷକ ଲବ ସେଠୀ ଓ ସ୍କୁଲ ସଭାପତି ଉପେନ୍ଦ୍ରନାଥ ମୁନି, ପୂର୍ବତନ ସ୍କୁଲ ସଭାପତି ପଞ୍ଚାନନ ସାହୁ, ସମାଜସେବୀ ଗୌରହରି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମାଟ୍ରିକ୍‌ରେ କୃତୀ ଛାତ୍ରଛାତ୍ରୀମାନେ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅବିରତ ପ୍ରୟାସ, କଠିନ ପରିଶ୍ରମ, ଉଚ୍ଚକୋଟୀର ଚିନ୍ତାଧାରାକୁ ପାଥେୟ କରି ଦୃଢତାର ସହ ଆଗକୁ ଅଗ୍ରସର ହେବାକୁ ପରାମର୍ଶ ଦେଥିଲେ । ଏହି ଅବସରରେ ମାଟ୍ରିକ୍‌ରେ ଉତ୍ତୀର୍ଣ୍ଣ ମେଧାବୀ ବିଦ୍ୟାର୍ଥୀ ସୁମିତ୍ରା ବେହେରା, ପାୟଲ୍ ଗୌଡ଼, ନୃସିଂହ ନାୟକ, ପ୍ରିତୀ ନାହାକ, ତୃପ୍ତିରାଣୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ଅଭିଭାବକ, ବୁଦ୍ଧିଜିବୀ, ସଚେତନ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା । ଦେବଭୂମୀ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ଅଞ୍ଚଳବାସୀଙ୍କ ସୁଖଦୁଃଖର ବନ୍ଧୁ ସନ୍ତୋଷ କୁମାର ନାୟକଙ୍କ ଅକ୍ଳାନ୍ତ ପ୍ରଚେଷ୍ଟା ଫଳରେ ଅନୁଷ୍ଠିତ ହୋଇଥିବା ଏହି ମେଧା ସମ୍ମାନ କାର୍ଯ୍ୟକ୍ରମ ମେଧାବୀ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧିରେ ବିଶେଷ ସହାୟକ ହୋଇପାରିବ ବୋଲି କୁହାଯାଉଛି ।

### ପାଠପଢ଼ା ବହିକୁ ନେଇ ଅଭାବନୀୟ ପରିସ୍ଥିତି

## ଗ୍ରୀଷ୍ମ ଅବକାଶ ହେଲା, ଛାତ୍ରଛାତ୍ରୀଙ୍କୁ ସବୁ ବହି ମିଳିନି

**ବୁଗୁଡ଼ା,୫।୫/ଏନ୍ଏନ୍ଏସ୍:** ପାଠ୍ୟପୁସ୍ତକ ଯୋଗାଣକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଗ୍ରୀଷ୍ମ ଅବକାଶ ହୋଇଯାଇଛି, କିନ୍ତୁ ପିଲାଙ୍କୁ ସମସ୍ତ ପାଠ୍ୟପୁସ୍ତକ ମିଳିନାହିଁ । ନବମ ଏବଂ ଦଶମ ଶ୍ରେଣୀକୁ ଛାଡ଼ିଦେଲେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ବହିକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମସ୍ତ ବହି ଆସି ନଥିବାବେଳେ ଯାହା ଆସିଛି, ତାହା ପୁଣି ଚାଳିଶ ପ୍ରତିଶତ ପିଲାଙ୍କୁ ହିଁ ଯୋଗାଇବା ସମ୍ଭବ ହୋଇପାରିଛି । ଯାହା ଫଳରେ ପିଲାଙ୍କ ପାଠପଢ଼ା ଏକପ୍ରକାର ଠପ୍ ହୋଇଯାଇଛି । ସୂଚନା ଅନୁସାରେ ଦ୍ୱିତୀୟ ଶ୍ରେଣୀର ଗଣିତ, ଚତୁର୍ଥ ଶ୍ରେଣୀର ଇଂରାଜୀ , ପଞ୍ଚମ ଶ୍ରେଣୀର ସାହିତ୍ୟ, ଗଣିତ, ଇଂରାଜୀ ଓ ପରିବେଶବିଜ୍ଞାନ, ଷଷ୍ଠଶ୍ରେଣୀର ଗଣିତ, ବିଜ୍ଞାନ ଓ ସଂସ୍କୃତ, ସପ୍ତମ ଶ୍ରେଣୀର ବିଜ୍ଞାନ ଓ ହିନ୍ଦି, ଅଷ୍ଟମ ଶ୍ରେଣୀର ଇଂରାଜୀ ଓ ସଂସ୍କୃତ ବହି ଆଦୌ ଆସିନାହିଁ। ଅନ୍ୟପକ୍ଷରେ ଘରୋଇ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ



ଛାତ୍ରଛାତ୍ରୀଙ୍କ ପାଖରେ ଖଣ୍ଡିଏ ବି ସରକାରୀ ପାଠ୍ୟପୁସ୍ତକ ନାହିଁ । ତେଣୁକରି ପିଲାମାନେ ପାଠ୍ୟପୁସ୍ତକ ନ ପାଇ ହାତବାନ୍ଧି ବସିଛନ୍ତି । ଚଳିତ ବର୍ଷ ଶିଶୁବାଟିକାଠାରୁ ଅଷ୍ଟମ ପର୍ଯ୍ୟନ୍ତ ନୂତନ ସିଲାବସ ହୋଇଥିବା ଯୋଗୁଁ ବଜାରରେ ମଧ୍ୟ ବହି କିମ୍ବା ସମସ୍ତ ବିଷୟର ସହାୟକ ପୁସ୍ତକ ଉପଲବ୍ଧ ନାହିଁ। ଅନ୍ୟପକ୍ଷରେ ମେ' ମାସ ପୂର୍ବରୁ ସ୍କୁଲ ପିଲାଙ୍କ ଗ୍ରୀଷ୍ମ ଅବକାଶ ହୋଇଯାଇଥିବାବେଳେ ଦେଢ଼ମାସରୁ ଅଧିକ ସମୟ ଛୁଟିରେ ପିଲାଏ ବିନା ବହିରେ କ'ଣ କରିବେ ବୋଲି ସାଧାରଣ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ, ଏହି ଗ୍ରୀଷ୍ମ ଅବକାଶ ମଧ୍ୟରେ ପିଲାଙ୍କୁ ଯଥାଶୀଘ୍ର ପାଠ୍ୟପୁସ୍ତକ ଯୋଗାଣ ପାଇଁ ଅଭିଭାବକ ମହଲରେ ଦାବି ହେଉଛି ।

### ସୋରୋଡ ହାଇସ୍କୁଲ୍‌ରେ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

## ବ୍ଲକ୍ ଟପ୍ପର ନିବେଦିତା ବେହେରା ସମ୍ବର୍ଦ୍ଧିତ

**ବୁଗୁଡ଼ା,୫।୫/ଏନ୍ଏନ୍ଏସ୍:** ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଷ୍ଣୁଚକ୍ର କ୍ଲଷ୍ଟର ଅନ୍ତର୍ଗତ ସୋରୋଡ ଗ୍ରାମସ୍ଥ ଶ୍ରୀ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ନିବେଦିତା ବେହେରା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା-୨୦୨୬ରେ ସର୍ବାଧିକ ୫୬୩(୯୩.୮୩)ମାର୍କ ହାସଲ କରି ବୁଗୁଡା ବ୍ଲକ ଟପ୍ପର ରୂପେ ବିବେଚିତ ହୋଇଛନ୍ତି । ତାଙ୍କୁ ଆଜି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସୋରୋଡ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସିଆରସିସି ସନ୍ତୋଷ କୁମାର ଡାକୁଆ



ଯୋଗ ଦେଇଥିଲେ । ଏ ଅବସରରେ ବୁଗୁଡା ବ୍ଲକ ଟପ୍ପର ଛାତ୍ରୀ ନିବେଦିତା ବେହେରା ଏବଂ ବିଦ୍ୟାଳୟର ଅନ୍ୟତମ ଏ-୧ ଗ୍ରେଡ୍ ଛାତ୍ରୀ କୋମଲ ବେହେରାଙ୍କ ସମେତ ଛାତ୍ର ଆଶୁତୋଷ ସ୍ୱାଇଁ ଓ ସୋନାଲି ଦାସ ପ୍ରମୁଖଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଉମାକାନ୍ତ ଦାଶ, ହରେକୃଷ୍ଣ ଦୁହୁଡି, ସତ୍ୟବାନ ସାହୁ ଓ ଶିକ୍ଷୟିତ୍ରୀ ବନିତା ବେହେରା ଉପସ୍ଥିତ ରହି ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ସହ ତାଙ୍କର ଶୁଭକାମନା କରିଥିଲେ। ଶେଷରେ ଶିକ୍ଷକ ଦିନବନ୍ଧୁ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ବିଜେପି ପକ୍ଷରୁ ବିଜୟ ଉତ୍ସବ

**ପୁରୁଷୋତ୍ତମପୁର,୫।୫/ଏନ୍ଏନ୍ଏସ୍:** ଗତକାଲି ଦେଶର ତିନି ରାଜ୍ୟରେ ହୋଇଥିବା ସାଧାରଣ ନିର୍ବାଚନରେ ବିଜେପିକୁ ବିପୁଳ ସଫଳତା ମିଳିଛି । କୋଲକତା, ଆସାମ ଓ ପୁଡୁଚେରୀରେ ବିଜେପିର ବିପୁଳ ବିଜୟ ପରେ ଆଜି ପୁରୁଷୋତ୍ତମପୁର ଯୁବ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି । ସହରର ବସ୍‌ଷ୍ଟାଣ୍ଡଠାରେ ଘୁମୁସର ଜିଲ୍ଲା ଯୁବ ବିଜେପି ସଭାପତି ଅଜିତ କୁମାର ପଣ୍ଡାଙ୍କ ସଂଯୋଜନାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା । ଯୁବ ନେତା, କର୍ମୀମାନେ ଏକତ୍ରୀତ ହୋଇ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ବାଣ ଫୁଟାଇ ଓ ବିଜେପି ପତାକା ଧରି ଶୋଭାଯାତ୍ରା କରିଥିଲେ।



ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ତଥା ଚାଣକ୍ୟ ଅମିତ ସାହା, ନିତିନ ଗଡ଼କରୀଙ୍କ ନାରା ଦେବା ସହ ଜୟ ଶ୍ରୀରାମ ନାରାରେ ବସଷ୍ଟାଣ୍ଡ ପରିସର ପ୍ରକମ୍ପିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଦୁରଦୃଷ୍ଟି ଯୋଗୁଁ ଭାରତର ବିଭିନ୍ନ ବିଜେପି ଶାସିତ ରାଜ୍ୟର ବହୁବିଧ ଉନ୍ନତି ସହ, ମହିଳାଙ୍କୁ ଅଗ୍ରାଧିକାର, ଯୁବପିଢିଙ୍କୁ ସବୁଥିରେ ପ୍ରଧାନମନ୍ତ୍ରୀ ସୁଯୋଗ ଦେଉଥିବା ନେଇ ନେତାମାନେ କହିଥିଲେ। ସଭାପତି ଅଜିତଙ୍କ ସହ ସୁରେଶ କୁମାର ମହାନ୍ତି, ପ୍ରକାଶ ଚନ୍ଦ୍ର ବେହେରା, ଅମିତ ମହାପାତ୍ର, ଚିଣ୍ଟୁ ମହାପାତ୍ର, କିଶୋର ଚନ୍ଦ୍ର ସାହୁ, ପ୍ରହଲ୍ଲାଦ ସାହୁ ଶ୍ୟାମ ବାବୁ ଦୋରାଙ୍କ ସମେତ ଅନ୍ୟ ଯୁବଗୋଷ୍ଠୀ ଏହି ବିଜୟ ଉତ୍ସବରେ ସାମିଲ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ଆସିକା,୫।୫/ଏନ୍ଏନ୍ଏସ୍:** ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଆସିକା ସରସ୍ୱତୀ ବିଦ୍ୟାମନ୍ଦିରର କୃତୀ ବିଦ୍ୟାର୍ଥୀଙ୍କ ସମେତ ଅନ୍ୟ କେତେକ ପ୍ରତିଭାଧରଙ୍କୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଧ୍ୟୟନରତ ୯୦ ଜଣ ଛାତ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲା ବେଳେ ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନ ପାଇଁ ଗର୍ବ ଓ ଗୌରବ ବୃଦ୍ଧି କରିଛନ୍ତି। ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୭ ଜଣ, ଏ-୨ ଗ୍ରେଡରେ ୧୭ ଜଣ, ବି-୧ ଗ୍ରେଡରେ ୩୧ ଜଣ, ବି-୨ ଗ୍ରେଡରେ ୨୭ ଜଣ, ସି-ଗ୍ରେଡରେ ୬ ଜଣ, ଡି-ଗ୍ରେଡରେ ୨ ଜଣ ବିଦ୍ୟାର୍ଥୀ ଏହିଭଳି ସମସ୍ତ ୯୦ ଜଣ ପରାକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି । ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏହି କୃତୀ ବିଦ୍ୟାର୍ଥୀଙ୍କ ପ୍ରତିଭା ସମ୍ମାନ, ଅଭିନନ୍ଦନ ତଥା ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମରେ



ପରିଚାଳନା କମିଟିର ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ ଡ. ବିନୋଦ୍ ଚନ୍ଦ୍ର ଦାଶ, ଶିକ୍ଷା ବିକାଶ ସମିତି ଓଡିଶାର ବରିଷ୍ଠ ସଦସ୍ୟ କିରଣ କୁମାର ପାଢୀ, ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ଉପସଭାପତି ଦୁର୍ଗାପ୍ରସାଦ ପଣ୍ଡା, ସଂପାଦକ ପ୍ରତାପ କୁମାର ମହାପାତ୍ର, କୋଷାଧକ୍ଷ ଦଣ୍ଡପାଣି ବେହେରା, ଉପଦେଷ୍ଟା ଦୁର୍ଗାପ୍ରସାଦ ଆଚାରୀ, ସରସ୍ୱତୀ ବିଦ୍ୟାମନ୍ଦିର ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡଃ ସୁରେନ୍ଦ୍ର କୁମାର ସାବତ, ପ୍ରଧାନାଚାର୍ଯ୍ୟ ସୁନିଲ୍ କୁମାର ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅବିରତ ପ୍ରୟାସ, କଠିନ ପରିଶ୍ରମ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀ ସୁମିତ୍ରା ବେହେରା, ଜିଗ୍ନେଷ୍ ପାଢୀ, ପାୟଲ୍ ଗୌଡ, ପ୍ରତ୍ୟୁଷ ରଂଜନ ଜେନା, ଲକ୍ଷ୍ମୀପ୍ରିୟା ମହାରଣା, ଅନୁଷ୍କା ଖଣ୍ଡୁଆଳ, ସ୍ନେହାରାଣୀ ମିଶ୍ରଙ୍କ ସମେତ ଶିକ୍ଷାବିକାଶ ସମିତି ଓଡିଶା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଭାରତୀକୃଷ୍ଣ ଗଣିତ ମେଧାବୃତ୍ତି ପରୀକ୍ଷା ଓ ପ୍ରାଦେଶିକ ମେଧାବୃତ୍ତି ପରୀକ୍ଷା ଏବଂ ଅନ୍ୟାନ୍ୟ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶିକ୍ଷାନୁଷ୍ଠାନର ଛାତ୍ର ଆୟାଂଶ ପାଣିଗ୍ରାହୀ, ଶ୍ରୀ ରାମ ପ୍ରସାଦ ମହାପାତ୍ର, ନିକିତା ସାହୁ, ରୀତାକା ପାଢୀ, ଶ୍ୟାମପ୍ରସାଦ ତ୍ରିପାଠୀ, ଶୁଭମ୍ କୁମାର ବେହେରା, ଓମ୍ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଗୁରୁଜୀ ପ୍ରଭାସ କୁମାର ସାହୁ, ରବିନ୍ଦ୍ର କୁମାର ସାହୁ, ଦାଶରଥୀ ମହାପାତ୍ର, ଜଟାଧାରୀ ମହାନ୍ତି, ମୃତ୍ୟୁଞ୍ଜୟ ପାଢୀ, କାହ୍ନୁଚରଣ ମହାନ୍ତି, ସୁଚିତ୍ରା ମହାପାତ୍ର, ସସ୍ମିତା ହୋତା, ପନିତା ସ୍ୱାମୀ, କୃତିବାସ ମହାପାତ୍ର, ସରୋଜ କୁମାର ସ୍ୱାଇଁ, ଗୀତାଞ୍ଜଳୀ ସାବତ, ସନ୍ତୋଷ କୁମାର ସ୍ୱାଇଁ, ବାଇଧର ପ୍ରଧାନ, କିରଣ କୁମାର ଜେନା, ଉମାକାନ୍ତ ରଣାଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ

**ବ୍ରହ୍ମପୁର,୫।୫/ଏନ୍ଏନ୍ଏସ୍:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଆଜି ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟଗୁଡିକ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗ୍ରୀଷ୍ମକାଳୀନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଇଜରର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷତା କରିଥିଲେ। ସେ କହିଥିଲେ ଯେ, ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ଶୈକ୍ଷିକ ଏବଂ ମାନସିକ ସ୍ତରରେ ଉନ୍ନତି ହୋଇଥାଏ । ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନାତକୋତ୍ତର ବିଭାଗ ସମୂହର ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ଏବଂ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠି ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରଫେସର ଶ୍ରୀ ସେଠି ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମର ସମ୍ୟକ ସୂଚନା ଦେଇଥିବା ବେଳେ ସ୍ୱସ୍ତି ଶ୍ରୀୟା ସଭାକାର୍ଯ୍ୟ ସଂଯୋଜନା କରିଥିଲେ।

## ଗ୍ରାମ ଦେବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ନାମଯଜ୍ଞ

**ବୁଗୁଡା,୫।୫/ଏନ୍ଏନ୍ଏସ୍:** ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତ ଅନ୍ତର୍ଗତ କତକଲା ଗ୍ରାମରେ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଶୁଭ ଅଙ୍କୁରାରୋପଣ ମଣ୍ଡଳ କରଣ ଅଧିବାସ ସହ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଶୁଭାରମ୍ଭ ହୋଇଯାଇଛି। ଏଥିରେ ଭାମଶ୍ୟାଳି, ମଧୁପଲ୍ଲୀ, ଆଦିପୁର, ବୁଗୁଡ଼ା ଓ କତକଲା ଆଦିର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଛନ୍ତି। ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଆୟୋଜିତ ନାମଯଜ୍ଞ ଓ ଘୃତଯଜ୍ଞ ଆଦି କାର୍ଯ୍ୟରେ ପୁରୋହିତ ଭାବେ ଗଣେଶ ଦାଶ , ମନୋଜ ଦାଶ, ଅଶ୍ୱିନୀ ଦାଶ ପ୍ରମୁଖ ନିୟୋଜିତ ରହିଥିବା ବେଳେ ଜୟରାମ ଭୂୟାଁ ଯଜ୍ଞକର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି । କତକଲା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଉକ୍ତ ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟୁଥିବା ଦେଖିବାକୁ ମିଳିଛି ।

## ରଘୁନାଥଜିଉ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ




**କାମାକ୍ଷାନଗର,୫।୫/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସହରର ଶ୍ରୀଶ୍ରୀ ରଘୁନାଥଜିଉ ସଙ୍ଗୀତ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଡ଼ିଟୋରିୟମରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଜିକୁ ୩୪ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିବା ଏହି ସଙ୍ଗୀତ ବିଦ୍ୟାଳୟ କାମାକ୍ଷାନଗର ସହର ଓ ଆଖପାଖ ଅଞ୍ଚଳରେ ନୃତ୍ୟ, ଚିତ୍ରାଙ୍କନ, ସଙ୍ଗୀତ କ୍ଷେତ୍ରରେ ବେଶ ପରିଚିତ ଥିବାବେଳେ ଅନେକ କୃତି କଳାକାର ସୃଷ୍ଟି କରିଛି। ଏହି ବିଦ୍ୟାଳୟ ଦୀର୍ଘ ୩୪ ବର୍ଷ ହେଲା କାମାକ୍ଷାନଗର ସହରରେ ଅନୁଷ୍ଠିତ ହୋଇଥିବା ବେଳେ ନିଜର ଏକ ସ୍ଥାୟୀ ବିଦ୍ୟାଳୟ ନଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ନଗରପାଳ ଧର୍ମାନନ୍ଦ ପରିଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଏକ ସ୍ଥାୟୀ ଗୃହ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଉପସ୍ଥିତ ଅତିଥିମାନେ ଅନୁଷ୍ଠାନର ମଙ୍ଗଳ କାମନା କରିବା ସହିତ ଏକ ସ୍ୱତନ୍ତ୍ର ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଜର ପ୍ରଭାତ କୁମାର ଦାଶ, ରାମଗୋବିନ୍ଦ ଆଚାର୍ଯ୍ୟ, ଗୋବର୍ଦ୍ଧନ ବାରିକ, ହିମାଂଶୁଶେଖର ମହାପାତ୍ର, ପ୍ରମୁଖ ମଞ୍ଚାସୀନ ରହି ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମନୋଜ କୁମାର ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭିଜିଲାନ୍ସ ଜାଲରେ ରାଜକନିକା ଥାନା ଏଏସ୍‌ଆଇ

## ୨ ହଜାର ଲାଞ୍ଚ ନେଲାବେଳେ ଧରାପଡ଼ିଲେ



**ରାଜକନିକା,୫।୫/ଏନ୍‌ଏନ୍‌ଏସ୍:** ଭିଜିଲାନ୍ସ ଜାଲରେ ରାଜକନିକା ଥାନା ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ। ଜଣେ ମହିଳାଙ୍କ ଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା କଟକ ଭିଜିଲାନ୍ସ ଟିମ୍। ରାଜକନିକା ଥାନା ମଙ୍ଗଳପୁର ଗାଁର ନୀଳିମା ବାରିକଙ୍କ ଠାରୁ ଏକ ଜମିଜମା ମାମଲାର ରିପୋର୍ଟ କୋର୍ଟକୁ ପଠାଇବା ପାଇଁ ୨ହଜାର ଟଙ୍କା ଲାଞ୍ଚ ମାଗିବା ସହ ବିଭିନ୍ନ ସମୟରେ ହଇରାଣ ହରକତ କରୁଥିଲେ ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ। ଏନେଇ ମହିଳା ଜଣଙ୍କ କଟକ ଭିଜିଲାନ୍ସକୁ ଅବଗତ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ, ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ ମହିଳାଙ୍କ ଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କଟକ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ପରେ ଥାନା ସହିତ ପ୍ରଶାନ୍ତଙ୍କ ରହିଥିବା ସରକାରୀ କ୍ୱାଟର ଯାଇ ଭିଜିଲାନ୍ସ ଟିମ୍ ମଧ୍ୟ ଛାନ୍‌ଭିନ୍ କରିଥିଲା।

## ନବନିର୍ମିତ ନୀଳକଣ୍ଠେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ



**କଣିହାଁ,୫।୫/ଏନ୍‌ଏନ୍‌ଏସ୍:** କଣିହାଁ ବ୍ଲକ୍ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତରେ ଆଜି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭୂମିପୂଜନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟରେ ନୀଳକଣ୍ଠେଶ୍ୱର ମନ୍ଦିରର ଉନ୍ନତିକରଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କାରେ ମନ୍ଦିର ପ୍ରାଚୀର ନିର୍ମାଣ, ବିକଶିତ ଗାଁ ବିକଶିତ ଓଡ଼ିଶା ପାଣ୍ଠିରୁ ୫ଲକ୍ଷ ୫୦ ହଜାର ଟଙ୍କାରେ ଫୁଲଝରି ଗୋଷ୍ଠୀ କେନ୍ଦ୍ର ନିର୍ମାଣ କାର୍ଯ୍ୟର ଭୂମିପୂଜନ କରାଯାଇଥିଲା। ଏହା ସହିତ ଓଡ଼ିଶା ସରକାର ଓ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ପାଣ୍ଠିରୁ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଓ ଫୁଲଝରି ପ୍ରାଥମିକ ବିଦ୍ୟାଳୟରେ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରି ଭୂମିପୂଜନ ଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ବଜ୍ରକୋଟ ଗ୍ରାମରେ ନବନିର୍ମିତ ନୀଳକଣ୍ଠେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ଭଗବାନଙ୍କ ଆଶୀର୍ବାଦ କାମନା କରିଥିଲେ। ଏହା ସହ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ କଣିହାଁ ବ୍ଲକ୍‌ରେ ସର୍ବାଧିକ ନମ୍ବର ଅର୍ଜନ କରି ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ଗୌରବ ଆଣିଥିବା ବଜ୍ରକୋଟ ଗ୍ରାମର ସୌମ୍ୟ ରଞ୍ଜନ ସାମଲଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରିଶେଷରେ ମନ୍ଦିର ପାଇଁ ଆବଶ୍ୟକ ହାଇ ମାସ୍କ ଲାଇଟ୍ ବିଧାୟକଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବାରୁ ଗ୍ରାମବାସୀମାନେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତଥା ସରକାରୀ ଓକିଲ ତ୍ରିପୁରାରି ପ୍ରଧାନ, କଣିହାଁ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସାହୁ, ଭାରତୀୟ ଜନତା ପାର୍ଟି ଜିଲ୍ଲା ଉପସଭାପତି ନୃସିଂହ ଚରଣ ବରାଳ, ସାଧାରଣ ସମ୍ପାଦକ ପ୍ରହ୍ଲାଦ ସାମଲ, ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ଧ୍ରୁବ ଚରଣ ଧୀର, କୈଳାସ ଚନ୍ଦ୍ର ସାହୁ, ଟଙ୍କଧର ଜେନା ଟିକନ ପ୍ରଧାନ, ସୁରେଶ ଧଳ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ସନ୍ଥପଡ଼ା ଓ ଦାସନାଳୀ ବାଲିଘାଟରେ ଚଢ଼ଉ

**ତାଳଚେର,୫।୫/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ ଅନ୍ତର୍ଗତ ସନ୍ଥପଡ଼ା ଓ ଦାସନାଳୀ ବ୍ରାହ୍ମଣୀ ନଦୀପଠାରୁ ବେଆଇଭାବେ ମାଫିଆମାନେ ବାଲି ଚୋରା ଚାଲାଣ କରୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ଖଣିବିଭାଗ ତତ୍ପରତା ଦେଖାଦେଇଛି। ଆଜି ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇ ସନ୍ଥପଡ଼ା ଓ ଦାସନାଳୀ ଘାଟରୁ ଚୋରାବାଲି ଜବତ କରାଯାଇଥିବା ଜଣାପଡ଼ିଛି। ତାଳଚେର ତହସିଲ ଅଞ୍ଚଳରେ ଥିବା ଉକ୍ତ ଦୁଇଘାଟ ସହ ଅନ୍ୟାନ୍ୟ ଘାଟରୁ ଦୈନିକ ଲକ୍ଷାଧିକ ଟଙ୍କାର ଚୋରାବାଲି ଚାଲାଣ ହୋଇଆସୁଛି। ଏଥିନେଇ ରାଜ୍ୟ ସରକାର ବିପୁଳ ମାତ୍ରାରେ ରାଜସ୍ୱ ହରାଉଥିବା କୁହାଯାଉଛି। ଏପରିକି ଦିନ ଦ୍ୱିପ୍ରହରେ ବାଲିଘାଟ ଗୁଡ଼ିକରୁ ବିନା ଟିପିରେ ଉଚ୍ଚାଦରରେ ବାଲିମାଫିଆମାନେ ବାଲି ବିକ୍ରି କରି ବେଶ କୋଟି କୋଟି ଟଙ୍କା ରୋଜଗାର କରୁଥିବା ବେଳେ ଏହି ଅର୍ଥରୁ କିଛି ବାବୁ ଭାଇମାନଙ୍କୁ ପ୍ରଦାନ କରୁଥିବାରୁ ବାଲି ଚୋରି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହେଉଛି। ତେବେ ଖବର ପ୍ରକାଶ ପାଇବାପରେ ସନ୍ଥପଡ଼ା ଓ ଦାସନାଳୀ ବାଲିଘାଟରେ ଖଣି ଉପନିର୍ଦ୍ଦେଶକ ପହଞ୍ଚି ବେଆଇନ ଭାବେ ଗଦାକରି ରଖିଥିବା ବାଲିକୁ ଚିହ୍ନଟ କରିବାପରେ ଏହାର ମାପଚୁପ କରିଥିଲେ। ମାପଚୁପ ପରେ ଜଣାପଡ଼ିଥିଲା ଯେ, ଉଭୟ ଘାଟରୁ ପ୍ରାୟ ୧୫ହଜାର ୫ଶହ ୩୦କ୍ୟୁବିକ୍ ମିଟର ବାଲି ଚୋରା ଚାଲାଣ ପାଇଁ ଗଚ୍ଛିତ କରି ରଖାଯାଇଥିଲା। ତାଳଚେର ଖଣି ଉପନିର୍ଦ୍ଦେଶକ ଦେବେନ୍ଦ୍ର ଦଲାଇ ଏକ ଟିମ ଗଠନ କରି ଉକ୍ତ ଟିମ ଘଟଣା ସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ।

### ବିଷାକ୍ତ ଖାଦ୍ୟଜନିତ ରୋଗ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ

# ଗାଁ ଗାଁରେ ଆଶା, ସ୍ୱାସ୍ଥ୍ୟକର୍ମୀ ଓ ଭ୍ରାମ୍ୟମାଣ ଟିମ୍‌ଙ୍କ ସଚେତନତା କାର୍ଯ୍ୟକ୍ରମ





**ଯାଜପୁର,୫।୫/ଏନ୍‌ଏନ୍‌ଏସ୍:** ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଅସୁସ୍ଥ ହେବା ଘଟଣା ପରେ ଆଜି ପ୍ରଭାବିତ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ସଚେତନତା ଅଭିଯାନ ଆରମ୍ଭ କରିଛି। ଦଶରଥପୁର ବ୍ଲକ୍ ପାଟପୁର ଅଞ୍ଚଳ ସମେତ ବିଭିନ୍ନ ଗ୍ରାମରେ ଆଶା ସ୍ୱାସ୍ଥ୍ୟକର୍ମୀ ଓ

**ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଛି ଜଳ ଓ ଖାଦ୍ୟ ନମୂନା**

ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ଖାଦ୍ୟ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଏଥିରେ ଦଳଗତ ସଭା ମାଧ୍ୟମରେ ଖାଦ୍ୟ ସୁରକ୍ଷା, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ଦଶରଥପୁର, ଜୟନ୍ତରା, କଟିକଟା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ରାସ୍ତା କଡ଼ରେ ଥିବା ଜଳଖିଆ ଦୋକାନ, ହୋଟେଲ, ମିଠା ଦୋକାନଗୁଡ଼ିକର ସ୍ୱଚ୍ଛତା ଓ ଗୁଣବତ୍ତା ଯାଞ୍ଚ ସହ ବାସି ଖାଦ୍ୟ ଇତ୍ୟାଦି ତଦାରଖ କରାଯାଇଛି। ଡାକବାଜି ମାଧ୍ୟମରେ ସଚେତନତା ଜାଗରଣ କରାଯାଇଛି। ଲୋକଙ୍କୁ ହାତ ଧୋଇବା ଉପରେ ବିଶେଷ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ଗାଁ କଲ୍ୟାଣ ସମିତି ମାଧ୍ୟମରେ ସଭା ଆୟୋଜନ କରାଯାଇ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରାଯାଉଛି। ଏହାସହ ପାନୀୟ ଜଳର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୫ଟି ଜଳ ନମୂନା ନିଆଯାଇଥିବା ବେଳେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ତରଫରୁ ଅତିରିକ୍ତ ୭ଟି ଖାଦ୍ୟ ନମୂନା ମଧ୍ୟ ପରୀକ୍ଷଣ ପାଇଁ ସଂଗ୍ରହ କରାଯାଇଛି। ଦଶରଥପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମଙ୍ଗଳପୁର ଟିମ୍ ଦ୍ୱାରା ବିଭିନ୍ନ ପଞ୍ଚାୟତରେ ଘର ଘର ବୁଲି ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଏବଂ ପରାମର୍ଶ ଦିଆଯାଉଛି। ଏତଦ୍ ବ୍ୟତୀତ ମେଡିକାଲ କଲେଜରୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଆସି ପରିସ୍ଥିତିର ସମୀକ୍ଷା କରିବା ସହ ଚିକିତ୍ସା ଓ ରୋଗ ନିୟନ୍ତ୍ରଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ଏବଂ ଲୋକମାନଙ୍କୁ ସତର୍କତା ଅବଲମ୍ବନ କରି ସୁରକ୍ଷିତ ଖାଦ୍ୟ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

## ଜାତୀୟ ରାଜପଥ କାର୍ଯ୍ୟ ଶୀଘ୍ର ସାରିବାକୁ ଦାବି

**କୁଆଖିଆ,୫।୫/ଏନ୍‌ଏନ୍‌ଏସ୍:** ଭାଙ୍ଗି ଯାଇଥିବା ଜାତୀୟ ରାଜପଥ ପୂର୍ଣ୍ଣ ନିର୍ମାଣ କାମ ଶୀଘ୍ର ସାରିବା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରସୁଲପୁର ବ୍ଲକ୍ ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥ ଦବି ଯିବାର ଦୁଇବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସରି ପାରୁନାହିଁ। ଫଳରେ ବ୍ୟସ୍ତ ବହୁଳ ୧୬ ନମ୍ବର ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା ଘଟି ଅନେକ ଧନ ଜୀବନ କ୍ଷୟକ୍ଷତି ହେଉଛି। ଦୁର୍ଘଟଣା ମୁକ୍ତ ରସୁଲପୁର ବ୍ଲକ୍ ଅଞ୍ଚଳ କରିବା ଦାବିରେ ଆଜି କଳିଙ୍ଗ ଯୁବକ ସଂଘ ଓ ଲ୍ୟାନ୍ସ କ୍ଲବ୍‌ର କର୍ମକର୍ତ୍ତା ବୃନ୍ଦ ଯୁବ ସଂଗଠକ ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ୧୫ଦିନ ମଧ୍ୟରେ ଜାତିୟ ରାଜପଥ ନିର୍ମାଣ କାମ ସରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେରେ କଳିଙ୍ଗ ଯୁବକ ସଂଘ ଓ ଲ୍ୟାନ୍ସ କ୍ଲବ୍ ପକ୍ଷରୁ ଶିଶିର କୁମାର ପଣ୍ଡା, ସରୋଜ କୁମାର ସାହୁ, ବିକାଶ କୁମାର ସାହୁ, ଯଶୋବନ୍ତ ଦାସ, ମାନସ କୁମାର ଆର୍ଚ୍ଚାଯ୍ୟ, ସରୋଜ ସାହୁ, ରୁଦ୍ରପ୍ରତାପ ଓଝା, ଶ୍ରୁତି ରଞ୍ଜନ ନାୟକ, ସୌମ୍ୟ ରଞ୍ଜନ ଦାସ, ନିତ୍ୟାନନ୍ଦ ଦାସ, ଆଶିଷ ଦାସ, ରୋହନ ଦାସ ଓ ଦିବ୍ୟଜ୍ୟୋତି ରାଉଳ ଯୋଗ ଦେଇଥିଲେ।

**ଜମି ଦୁର୍ନୀତି ଘଟଣା**

## ପୁଲିସ୍ ଖୋଜୁଛି ସୁରାକ୍, ସବ୍-ରେଜିଷ୍ଟ୍ରାର୍‌ଙ୍କୁ ଜେରା

**ତାଳଚେର,୫।୫/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ ଅନ୍ତର୍ଗତ କଙ୍କିଳି ଗ୍ରାମରେ ହୋଇଥିବା ଜମି ଦୁର୍ନୀତି ଘଟଣା ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବାପରେ ବିଭିନ୍ନ କଳ୍ପନାଜଳ୍ପନା ତାଳଚେର ଅଞ୍ଚଳରେ ବୃଦ୍ଧି ପାଇବା ସହ ଜମିଦଲାଲଙ୍କ ମନରେ ଛନକା ପଶିଥିଲା। ଏହି ପ୍ରସଙ୍ଗରେ ତାଳଚେର ପୁଲିସ ଜମି ଦୁର୍ନୀତି ଘଟଣାରେ ସବ୍‌ରେଜିଷ୍ଟ୍ରାରଙ୍କ ସହ କିଛି କର୍ମଚାରୀଙ୍କୁ ଥାନାକୁ ଡ଼କାଇ ଜେରା କରିଥିବା କୁହାଯାଉଛି। ତାଳଚେର ତହସିଲ ଅଞ୍ଚଳର କଙ୍କିଳି ଗ୍ରାମର ଗୋଲେଖ ପ୍ରଧାନଙ୍କ ପିତା ଶିଶି ପ୍ରଧାନଙ୍କ ନାମରେ କଙ୍କିଳି ମୌଜାରେ ଖାତା ନଂ- ୬୬୬, ଏ-୧୨.୮୭ ଡେସିମିଲି ଜମି ରହିଥିଲା। ପିତାଙ୍କ ପରଲୋକ ପରେ ଜମି ପଟ୍ଟା ସଂଶୋଧନ ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରାଯାଇଥିଲା। ମ୍ୟୁଟେସନ୍ କେସ୍ ନଂ-୩୭୪୮/୨୦୨୫ ଅନୁଯାୟୀ ଦୁଇଭାଇ ଗଙ୍ଗାଧର ପ୍ରଧାନ ଓ ଗୋଲେଖ ପ୍ରଧାନ, ବିବାହିତ ଦୁଇଭଉଣୀ ରମାବତୀ ବେହେରା ଓ ଜମୁନା ସାହୁଙ୍କ ନାମରେ ଜମି ରେକର୍ଡ କରାଯାଇଥିଲା। ସଂଶୋଧିତ ଖାତା ୬୬୬ରେ ଥିବା ୩ଟି ପ୍ଲଟରୁ ସର୍ବମୋଟ ୦.୪୬ ଡେସିମିଲି ଜମିକୁ ତାଳଚେର ଉପନିବନ୍ଧକ କାର୍ଯ୍ୟାଳୟରେ ଜମିବିକ୍ରି କବଲା ୧୦ ନଭେମ୍ବର ୨୦୨୫ ମସିହାରେ ତାପସ ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ଅନିଶ ପ୍ରଧାନ, ଦିନେଶ ପ୍ରଧାନ, କାହ୍ନୁ ପ୍ରଧାନଙ୍କ ନାମରେ ବେଆଇନଭାବେ ପଟ୍ଟା କରାଯାଇଛି। ଏହି ଜମିରେ ଘର ଏବଂ ଗଛ ରହିଥିଲେ ମଧ୍ୟ ତାହା ଉଲ୍ଲେଖ କରାଯାଇ ନାହିଁ ବୋଲି ଗୋଲେଖ ପ୍ରଧାନ ଏହା ଅଭିଯୋଗ କରିଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା ଏବଂ କୌଣସି ଅଭିଯୋଗ ପାଇ ଥାନା ଅଧିକାରୀ ସବ୍‌ରେଜିଷ୍ଟ୍ରାର ଓ କିଛି କର୍ମଚାରୀଙ୍କୁ ଏହି ଜାଲିଆତି ଘଟଣାର ଜେରା କରିଥିବା ଜଣାପଡ଼ିଛି। ତେବେ ଏହି ଘଟଣା ଆଗକୁ କେଉଁ ମୋଡ଼ ନେଉଛି ତାହା ଦେଖିବାକୁ କେବଳ ବାକି ରହିଛି।

## ଚୋରାମଦ ଜବତ, ୮ କୋର୍ଟଚାଲାଣ

**କେନ୍ଦ୍ରାପଡ଼ା,୫।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲାରେ ଦୈନିକ ଚୋରାମଦ ଓ ବ୍ରାଉନ୍‌ସୁଗର ବ୍ୟବସାୟୀଙ୍କୁ ଜିଲ୍ଲା ଅବକାରୀ ବିଭାଗ ଗିରଫ କରି କୋର୍ଟଚାଲାଣ କରୁଛି। ହେଲେ ୮ ଦିନ ଭିତରେ ଏମାନେ କୋର୍ଟରୁ ଜାମିନ୍‌ରେ ଆସି ସେହି ବ୍ୟବସାୟରେ ଲିପ୍ତ ରହି ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି। ମୋତେ ଯେତେ ମାଡିବୁ ମାଡ଼ ମୁଁ ସେଇ ଦରପଡା କାଠ। ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାର୍‌ଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ମଙ୍ଗଳବାର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଚଢାଉ କରି ପ୍ରାୟ ୮ଶହ ଲିଟର ଚୋରାମଦ ଜବତ କରିବା ସହ ୮ ଜଣ ଚୋରା ବ୍ୟବସାୟୀଙ୍କୁ କୋର୍ଟଚାଲାଣ କରାଯାଇଛି। ଏମାନେ ହେଲେ ସନାତନ ଦାସ, ଅକ୍ଷୟ ମଲିକ, ସଞ୍ଜୟ ପରିଡା, ରଜତ ରାଉତ, ତାରା ଖିଲର, ଶୁକୁ ରାଉତ, ଗଗନ ରାଉତ, ମାନସ ମଣ୍ଡଳଙ୍କ ନିକଟରୁ ଦେଶୀ ବିଦେଶୀ ରକ୍ଷା ମଦ ଗୁଡ ପୋଚ ଇତ୍ୟାଦି ଜବତ କରି କୋର୍ଟଚାଲାଣ କରାଯାଇଛି।

### ବନ୍ଦରନଗରୀରେ ବଢୁଛି ଧଳାଜହର କାରବାର

# ଡ୍ରଗ୍ସ ଖାଇ ବୃଦ୍ଧାଙ୍କୁ ଅସଦାଚରଣ କଲେ ଯୁବକ



**ପାରାଦୀପ,୫।୫/ଏନ୍‌ଏନ୍‌ଏସ୍:** ବନ୍ଦରନଗରୀରେ ଧଳାଜହର କବ୍‌ଜାରେ ଯୁବପିଢ଼ି। କିଛିଦିନ ମଧ୍ୟରେ ଅନେକ ଘଟଣା ନଜରକୁ ଆସିଥିବା ବେଳେ ପୁଲିସ କେବଳ ଦେଖଣାହାରି ସାଜିଥିବା ଭଳି ଦେଖିବାକୁ ମିଳିଛି। ଆଜି ଅପରାହ୍ନରେ ମଧୁବନ ଅଞ୍ଚଳରେ ଜଣେ ୧୮ବର୍ଷର ଯୁବକ ଜଣେ ବୟସ୍କା ମହିଳାଙ୍କୁ ଟଣା ଘୋଷରା କରୁଥିବା ସମୟରେ ସ୍ଥାନୀୟ ଲୋକ ପହଞ୍ଚି ଉକ୍ତ ଯୁବକକୁ ଅଟକାଇବା ସହ ନିର୍ଘୁମ ଉତ୍ତମ ମାଧ୍ୟମ ଦେଇ ପୁଲିସକୁ ହସ୍ତାନ୍ତର କରିଛନ୍ତି। ସେହିଭଳି କିଛିଦିନ ତଳେ କିଛି ଯୁବକ ସମୁଦ୍ର କୂଳ ଝାଉଁ ଜଙ୍ଗଲ ଭିତରେ ବ୍ରାଉନ୍‌ସୁଗର୍ ବେପାର କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଥିବା ଦେଖିବାକୁ ମିଳିଛି। ଏଥିରେ ଜଣେ ଯୁବକ ବ୍ରାଉନ୍‌ସୁଗର ପୁଡିଆକୁ ସବୁ ଗଣି ଦିଆସିଲି ଭିତରେ ଅତି ଚତୁର ଭାବରେ ଗଣିକୁ ରଖୁଥିବା ବେଳେ କିଛି ଯୁବକ ଗଞ୍ଜେଇ ସାଙ୍ଗରେ ବ୍ରାଉନ ସୁଗାର ମିଶାଇ ଟାଣୁଥିବା ବେଳେ ଜଣେ ଯୁବକ ବାକି ମାଗୁଥିବାର ଶୁଣିବାକୁ ମିଳୁଛି। ଏହି ଭିଡିଓ ଷଣ୍ଢକୁଦ ପାର୍ଶ୍ୱ ଝାଉଁ ଜଙ୍ଗଲ ଭିତରେ ବୋଲି ସୂଚନା ମିଳିଥିବା ବେଳେ ଏହାର କିଛିଦିନ ପୂର୍ବରୁ ଏହି ଷଣ୍ଢକୁଦ ଜଙ୍ଗଲ ମଧ୍ୟରେ ଡ୍ରଗ୍ସ ଖାଇ ବାକି ଟଙ୍କା ଦେବାରେ ବିଳମ୍ବ କରିବାରୁ ସ୍ଥାନୀୟ ଜଣେ ଯୁବକର ହାତ ବାନ୍ଧି ମରଣାନ୍ତକ ଆକ୍ରମଣ କରିଥିଲେ। ଯାହା ଜଟାଧାର ପୁଲିସରେ ଅଭିଯୋଗ ହୋଇଥିଲେ ମଧ୍ୟ ତାହା ସମାଧାନ ହୋଇଯାଇଥିବା ସୂଚନା ମିଳିଛି। ଏହାର କିଛିଦିନ ପୂର୍ବରୁ ଜଣେ ଯୁବକ ଡ୍ରଗ୍ସ ନିଶାରେ ଷଣ୍ଢକୁଦ ଶ୍ରୀରାମ କଲୋନୀରେ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ଘରେ ପଶି ଆକ୍ରମଣ ଘଟଣାରେ ଜଟାଧାର ପୁଲିସରେ ମହିଳାମାନେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଅଭିଯୁକ୍ତକୁ ନିଶାଡି କହି ଛାଡିଦେଇଥିବ ନେଇ ମହିଳାମାନେ ଅଭିଯୋଗ କରିଥିଲେ। ଏହିଭଳି ଅନେକ ଘଟଣାର ମୁଖ୍ୟ କାରଣ ପାଲଟିଛି ଏହି ମାରାତ୍ମକ ଧଳାଜହର। ବିଭିନ୍ନ ବସ୍ତି ଅଞ୍ଚଳରେ ବହୁଳ ମାତ୍ରାରେ ବ୍ରାଉନସୁଗାର ବେପାର ବଢିବା ସହିତ ଯୁବପିଢ଼ି ନିଶାଗ୍ରସ୍ତ ହୋଇ ସନ୍ଧ୍ୟା ହେଲେ ପ୍ରତ୍ୟେକ ଛକ ଅଞ୍ଚଳରେ ମୁଣ୍ଡ ତଳକୁ କରି ବସିରହିଥିବା ଦେଖିବାକୁ ମିଳୁଛି। ଯାହା ଅତି ମାରାତ୍ମକ ରୂପ ଧାରଣ କରୁଥିବା ବେଳେ ପୁଲିସ ହେଉ କିମ୍ବା ଅବକାରୀ ବିଭାଗ ଏହାକୁ ରୋକିବାକୁ ଅସଫଳ ହେଉଥିବା ଆଜିର ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି।

### ଯୁକ୍ତଦୁଇ ବିଜ୍ଞାନ ପୁସ୍ତକ ବଣ୍ଟନ ଓ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା

# 'ଭାଷା କେବେ ବି ଜ୍ଞାନ ଆହରଣରେ ବାଧା ହେବା ଉଚିତ୍ ନୁହେଁ'



**ଯାଜପୁର,୫।୫/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ସ୍କୁଲ୍ ସମ୍ମିଳନୀ କକ୍ଷରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଓଡ଼ିଆରେ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଚଳନ ସମ୍ପର୍କିତ ଆଲୋଚନା ଜିଲ୍ଲାର ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉଚ୍ଚ ଶିକ୍ଷା ମାଧ୍ୟମିକ ନିର୍ଦ୍ଦେଶ ଲେଖିଥିବା ଅନୁଯାୟୀ ଜିଲ୍ଲା ଶିକ୍ଷାଅଧିକାରୀ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ତରଫରୁ ଆଜି ସଦସ୍ୟ ସଚିବ ଡକ୍ଟର ସୁବ୍ରତ କୁମାର ପୃଷ୍ଟି ଓ ପ୍ରକଳ୍ପ ନିର୍ଦ୍ଦେଶକ ନିରଦ ବରଣ ଖୁଣ୍ଟିଆଙ୍କ ଉପସ୍ଥିତିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ବିଜ୍ଞାନ ଅଧ୍ୟୟନ ଓ ଶିକ୍ଷା ପ୍ରଦାନ ସମ୍ବନ୍ଧୀୟ ସମସ୍ୟା ଓ ଏହାର ସମାଧାନ ତଥା ଉପାଦେୟତା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ମାତୃଭାଷାରେ ବିଜ୍ଞାନ ଶିକ୍ଷା, ଶବ୍ଦାବଳୀ ମାନକୀକରଣ ଦ୍ୱାରା ଶବ୍ଦଗୁଡ଼ିକର ସରଳ ଓଡ଼ିଆ ରୂପାନ୍ତର, ପୁସ୍ତକର ସମୀକ୍ଷା ପ୍ରସ୍ତୁତ ପୁସ୍ତକର ବିଷୟବସ୍ତୁ, ଚିତ୍ର, ଉଦାହରଣ ଏବଂ ଅଭ୍ୟାସ ପ୍ରଶ୍ନ ଓ ଶିକ୍ଷଣ ପଦ୍ଧତି ଓଡ଼ିଆ ମାଧ୍ୟମରେ ବିଜ୍ଞାନର ପ୍ରୟୋଗାତ୍ମକ ଦିଗ କିପରି ପଢ଼ାଯିବ ସେ ବିଷୟରେ ଆଲୋକପାତ କରି ଡକ୍ଟର ପୃଷ୍ଟି କହିଥିଲେ 'ଭାଷା କେବେ ବି ଜ୍ଞାନ ଆହରଣରେ ବାଧା ହେବା ଉଚିତ ନୁହେଁ'। ଅତୀତରେ ଭାରତବର୍ଷକୁ ଜ୍ଞାନର ଆଲୋକ ପ୍ରଦାନ କରିଥିବା ଯାଜପୁର ଆଜି ବିଜ୍ଞାନ କ୍ଷେତ୍ରରେ ବହୁ ପଛରେ ପଡିଛି। ତେଣୁ ଖଣିଜସମ୍ପଦ ଭରା ଏହି ମାଟିର ପିଲାମାନେ ନିଜ ଭାଷାରେ ବିଜ୍ଞାନ ପଢ଼ିଲେ ସେମାନେ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ହେବାର ସ୍ୱପ୍ନକୁ ସାକାର କରି ପାରିବେ।'ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କ ପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂ ନାମଲେଖାରେ ୧୫% ସ୍ଥାନ ସଂରକ୍ଷିତ ରହିଛି। ସେହିଭଳି ଆଇଏଏସ୍ ଓ ଓଏଏସ୍ ଆଦି ସମସ୍ତ ନିଯୁକ୍ତି ପରୀକ୍ଷା, ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରିକ୍ଷା ପ୍ରଶ୍ନପତ୍ର ଓଡିଆରେ ଆସୁଥିବାରୁ ଓଡିଆରେ ବିଜ୍ଞାନ ପଢିଲେ ଭବିଷ୍ୟତରେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ ବୋଲି ପ୍ରଫେସର ନୀରଦବରଣ ଖୁଣ୍ଟିଆ ସୂଚନା ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ଇଂଲିଶରେ ଦୁର୍ବଳ ସମସ୍ତ ପିଲା କିପରି ଓଡିଆରେ ବିଜ୍ଞାନ ବିଷୟକୁ ପଢିବେ, ସେ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧ୍ୟକ୍ଷ ତଥା ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ କି ଉଚ୍ଚ ମାଧ୍ୟମିକ ସ୍ତରରେ ବିଜ୍ଞାନ ଶିକ୍ଷାପାଇଁ ଓଡ଼ିଆ ଭାଷା ଆଦୌ ପ୍ରତିବନ୍ଧକ ହେବ ନାହିଁ ବରଂ ଇଂରାଜିରେ ଦୁର୍ବଳ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ବହୁମାତ୍ରାରେ ସାହାଯ୍ୟ କରିବା ସହ ସେମାନେ ବିଷୟବସ୍ତୁକୁ ଠିକରେ ବୁଝିପାରିବେ ଓ ପରୀକ୍ଷାରେ ମଧ୍ୟ ଓଡ଼ିଆରେ ଲେଖି ପାରିବେ। ଶେଷରେ ମେଟ୍ରିକ ପରୀକ୍ଷାରେ ଜିଲ୍ଲାର ସର୍ବାଧିକ ନମ୍ବର ରଖିଥିବା ସତ୍ୟସାଇ ଉଚ୍ଚବିଦ୍ୟାଳୟ, କାକୁଡିକୁଦର ଶୁଭମ ସାହୁଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଓଡ଼ିଆ ଭାଷାରେ ଲିଖିତ ଯୁକ୍ତ ଦୁଇ ବିଜ୍ଞାନ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସୁଦର୍ଶନପାଢୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ସିଂହ ଓ ରୋଜି ବାରିକଙ୍କୁ ଇନ୍ଦୁମତୀ ପୃଷ୍ଟି ମେଧାବୀ ବାଳିକା ଶିକ୍ଷା ପୁରସ୍କାର ପ୍ରଦାନ ସହ ଓଡିଆ ବିଜ୍ଞାନପୁସ୍ତକ ସେଟ ପ୍ରଦାନ କରାଯାଇଥିଲା କ୍ଷ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି,ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ବାସୁଦେବ ସେନାପତି , ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ଏହି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନରେ ସହଯୋଗ କରିଥିଲେ।

## ପ୍ଲାଣ୍ଟ୍‌ରେ ଅଘଟଣ, ୩ ଶ୍ରମିକଙ୍କ ମୃତ୍ୟୁ




**ଅନୁଗୋଳ,୫।୫/ଏନ୍‌ଏନ୍‌ଏସ୍:** ପ୍ଲାଣ୍ଟରେ ବଡ଼ ଅଘଟଣ। ଚାଲିଗଲା ତିନି ଶ୍ରମିକଙ୍କ ଜୀବନ। ଅନୁଗୁଳ ପରଙ୍ଗସ୍ଥିତ ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟରେ ଗତକାଲି ସନ୍ଧ୍ୟା ସମୟରେ ଘଟିଛି ଦୁର୍ଘଟଣା। ପ୍ଲାଣ୍ଟ କ୍ଲିନ୍ ମେଣ୍ଟେନାନ୍ସ କରୁଥିବା ବେଳେ ୩ଜଣ ଶ୍ରମିକ ଗୁରୁତର ହୋଇଥିଲେ। ସେମାନଙ୍କୁ ତୁରନ୍ତ ହିନ୍ଦୋଳନ ମେଡିକାଲ୍‌କୁ ନିଆଯାଇଥିଲା। ତେବେ କଟକ ସ୍ଥାନାନ୍ତର ପୂର୍ବରୁ ତିନି ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକଙ୍କ ଘର ସୁନ୍ଦରଗଡ଼ର ବୋଲି ସୂଚନା ଦେଇଛନ୍ତି ହିନ୍ଦୋଳ ଏସ୍‌ଡିପିଓ। ମୃତକ ହେଲେ ମଙ୍ଗୁଲୁ ମାଝୀ (୪୦), ମଣ୍ଟୁ କୁମାର (୩୨), ଶ୍ରୀଧର ବାଗେନା (୩୭)। ତେବେ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

**ନିତି ଭାରତୀ**

କୌଣସି ଶିଶୁକୁ ତୁମର ଶିକ୍ଷା ଭିତରେ ସୀମିତ କରି ରଖନାହିଁ, କାରଣ ସେ ତୁମ ସମୟରେ ନୁହେଁ, ଅନ୍ୟ ଏକ ସମୟରେ ଜନ୍ମଲାଭ କରିଛି । - ରବୀନ୍ଦ୍ର ନାଥ ଠାକୁର

ନିତିଦିନ NITIDIN
ବୁଧବାର, ୬ ମେ' ୨୦୨୬

# ସମୟର ଆହ୍ୱାନ



ବୈକୁଣ୍ଠନାଥ ମିଶ୍ର

ମାନବିକତାର ଦ୍ରୁତ ଅବକ୍ଷୟ ସମାଜ ପାଇଁ ଏକ ସର୍ବକାଳୀନ ବିପତ୍ତି । ସମୟର ବିବର୍ତ୍ତନ ସହ ତାଳ ଦେଇ ମଣିଷ ନୀତି ନୈପୁଣ୍ୟହରା ହୋଇ କେବଳ ଆତ୍ମକେନ୍ଦ୍ରିକତାକୁ ଆପଣେଇ ନେଉଛି । ମୁଁ ଓ ମୋର ବ୍ୟତିରେକେ ଆଉ ସବୁକିଛି ତା' ପାଇଁ ମୂଲ୍ୟହୀନ ପ୍ରତୀତ ହେଉଛି । ଅନ୍ୟର ଶବ ଉପରେ ସେ ଗଢ଼ିବାକୁ ଚାହେଁ ନଭସ୍ପର୍ଶୀ ଅଟ୍ଟାଳିକା । ଅନ୍ୟର ବିନାଶରେ ମୋର ବିକାଶ ଭଳି ଏକ ସଂକୀର୍ଣ୍ଣ ମାନସିକତାରେ ସେ ଉଦବୁଦ୍ଧ । ସମସ୍ତେ ପଛେ ମରନ୍ତୁ; ମାତ୍ର ମୁଁ ଏକା ବଞ୍ଚି ରହେ । ହେଲେ ସେ ତିଳେମାତ୍ର ଚିନ୍ତା କରେନାହିଁ ଯେ ଅପର ମୃତ୍ୟୁପରେ ମୁଁ କାହିଁକି ଓ କିପରି ବଞ୍ଚିବି ? ଯୁଗେ ଯୁଗେ ମଣିଷ ଭୁଲ କରେ । କାରଣ, ଭୁଲ କରିବା ମଣିଷର ଏକ ସହଜାତ ପ୍ରବୃତ୍ତି । ହେଲେ ପର ମୁହୂର୍ତ୍ତରେ ନିଜର ଭୁଲକୁ ସ୍ୱୀକାର କରି ନିଜକୁ ସଂଶୋଧିତ କରିନିଏ । ଆଜି କିନ୍ତୁ ସମୟର ବିଗଡନ ପୋଇଁ ମଣିଷ କେବଳ ଭୁଲ୍ ପରେ ଭୁଲ୍ କରି ଚାଲିଛି ସିନା ସଂଶୋଧନର ସାମାନ୍ୟତମ ପ୍ରୟାସ କରୁନାହିଁ । ଗୁରୁ ଗୁରୁଜନଙ୍କ ଉପଦେଶ, ବନ୍ଧୁର ପରାମର୍ଶ- ସବୁ ଯେପରି ତା' ନିକଟରେ ତୁଚ୍ଛ ହୋଇ ପଡ଼ିଛି । ଗଣମାଧ୍ୟମ ଉପରେ ଆମ ଯୁବ ଗୋଷ୍ଠୀ ଏତେ ନିର୍ଭରଶୀଳ ହୋଇ ପଡ଼ିଛନ୍ତି ଯେ ଯେ କୌଣସି ଭ୍ରମାତ୍ମକ ତଥ୍ୟକୁ ଆମେ ସହଜରେ ଗ୍ରହଣ କରି ନେଉଛୁ ! ପୁରାଣ ଶାସ୍ତ୍ର, ଯାହା ଦିନେ ନୀତି ନୈତିକତାର ସ୍ରୋତସ୍ୱିନୀ ଗଙ୍ଗା ଭଳି ସମାଜକୁ ପବିତ୍ରତାରେ ପ୍ଲାବିତ କରୁଥିଲା, ତା'ର ଅବମାନନାରେ ସମାଜ ଆଜି ଦୁରାଚାରର କୀଟଦ୍ରଂଷ୍ଟ ହୋଇ ପଡ଼ିଛି ।

ରାମାୟଣର କଥାବସ୍ତୁ ଅନୁସାରେ ରାବଣ ଥିଲେ ପରମ ଜ୍ଞାନୀ, ଅମିତ ପରାକ୍ରମୀ ଓ ଦୁର୍ବାର ଶକ୍ତିର କେନ୍ଦ୍ରବିନ୍ଦୁ । କିନ୍ତୁ ରାକ୍ଷସ ପ୍ରବୃତ୍ତି ଓ ନାରୀ ହରଣ ପରି ଜଘନ୍ୟ ଅପରାଧ ପାଇଁ ସେ ଶ୍ରୀରାମଙ୍କ ହାତରେ ନିହତ ହେଲେ । ନିଜ ଅରୁଚିକର କାର୍ଯ୍ୟ ପାଇଁ ସେ ଦଣ୍ଡିତ ହେଲେ । ନଚେତ୍ ସେ ଶ୍ରୀରାମଙ୍କ ସ୍ଥାନରେ ପୂଜା ପାଉଥାନ୍ତେ । ସୀତା ହରଣ, ରାବଣ ମରଣ- ଦୁଇଟିଯାକ ପରସ୍ପରର ପରିପୂରକ । ବିଚିତ୍ର ରାମାୟଣରେ କବି ବିଶ୍ୱନାଥ ଖୁଣ୍ଟିଆ ଲେଖିଲେ- 'ରାମ ବାଣ ଟାଣ ଦେଖିଣ ରାବଣ ଲାଜ ଭୟରେ ପଳାଇଲା/ ଛେଦନ କରନ୍ତେ ଯେତେ ଶସ୍ତ୍ର ତା'ର ସିନ୍ଧୁ ଗର୍ଭରେ ସେ ପଡ଼ିଲା/ ଚିନ୍ତା ଜଳରେ ମନ ମୀନ ତା'ର ବୁଡ଼ିଲା/ ବୋଲେ ବିଶି ସୀତା ହାରିଲା ଦିନରୁ ଦଇବ ତାହାକୁ ଛାଡ଼ିଲା ।' ସୀତା ହରଣ ପରି ମହାପାପରୁ ତା'ର ବିନାଶ ହେଲା । ଆଜିର ସମାଜ ସେଥିରୁ ସାମାନ୍ୟ ଶିକ୍ଷା ପାଇଥିବା ପରି ମନେ ହୁଏନା । ନାରୀ ହରଣ ପରି ପାପ ଆଜି ସମାଜକୁ ଗ୍ରାସ କରିଛି । ଅପର ପକ୍ଷେ, ଶ୍ରୀରାମଙ୍କ ଏକ ଭୁଲ୍ ପାଇଁ ସୀତାଙ୍କୁ ହରାଇବାର ଦଣ୍ଡ ତାଙ୍କୁ ଭୋଗିବାକୁ ହେଲା ଏବଂ ତା' ସହ ରାମାୟଣ ଯୁଦ୍ଧର ବିଭୀଷିକା ପୃଥିବୀ ଉପରକୁ ମାଡ଼ି ଆସିଲା । ପଞ୍ଚବଟୀରେ ଅବସ୍ଥାନ କରୁଥିବା ସମୟରେ କୁଟୀର ସମ୍ମୁଖରେ ଏକ ସ୍ୱର୍ଣ୍ଣ ମୃଗ ବିଚରଣ କରୁଥିବା ଦେଖି ସୀତା ଶ୍ରୀରାମଙ୍କୁ ଅନୁରୋଧ କଲେ ସେ ମୃଗଟିକୁ ଧରି ଆଣିବା ପାଇଁ । ଶ୍ରୀରାମଙ୍କ ପରି ମହାନ ପ୍ରଜ୍ଞାଶୀଳ ବ୍ୟକ୍ତି ସେ ସମୟରେ ବିସ୍ମୃତ ହେଲେ ଯେ ଏ ପୃଥିବୀରେ ସ୍ୱର୍ଣ୍ଣ ମୃଗ ସମ୍ଭବ ନୁହେଁ ବୋଲି । ସ୍ୱର୍ଣ୍ଣ ମୃଗ ଅନ୍ତରାଳେ ଥିବା ଜଘନ୍ୟ ଷଡ଼ଯନ୍ତ୍ର ଶ୍ରୀରାମ ବୁଝି ପାରିଲେ ନାହିଁ କିପରି ? ବାଲ୍ମିକୀ ରାମାୟଣ କୁହେ- 'ଅସମ୍ଭବଂ ହେମ ମୃଗସ୍ୟ ଜନ୍ତୁ- ତଥାପି ରାମୋ ଲୁଲୁଭେ ମୃଗାୟ/ ପ୍ରାୟଃ ସମାପନ୍ନ ବିପତ୍ତିକାଳେ ଧୀୟୋଽପି ପୁଂସାଂ ମଳିନାଃ ଭବନ୍ତି ।' ବିପଦ ସମୟ ଆସିଲେ ପ୍ରାଜ୍ଞ ଜନ ମଧ୍ୟ ବୁଦ୍ଧିଭ୍ରଷ୍ଟ ହୋଇଥାଏ । ଶ୍ରୀରାମ ଜ୍ଞାତରେ ହେଉ ବା ଅଜ୍ଞାତରେ, ଏକ ଭୁଲ୍ କରି ବସିଲେ, ଯାହା ତାଙ୍କ ପାଇଁ ଏକ ଘୋର ଦୁର୍ଦ୍ଦିନକୁ ଡାକି ଆଣିଲା । ପାଠକ ବନ୍ଧୁମାନଙ୍କୁ ରାମାୟଣ ଯେଉଁ ଉପଦେଶ ଦିଏ, ତା' ମୂଳରେ ଏକ କଥା ହିଁ ନିହିତ ଯେ କୌଣସି କାର୍ଯ୍ୟ କରିବା ପାଇଁ ତରବରରେ କୌଣସି ନିଷ୍ପତ୍ତି ନେବା ଆବଶ୍ୟକ ନାହିଁ । କଥାର ଗୂଢ଼ ତତ୍ତ୍ୱକୁ ବୁଝି କୌଣସି କାର୍ଯ୍ୟ କରିବାର ସିଦ୍ଧାନ୍ତ ନେବା ଉଚିତ । ନଚେତ୍ ଶ୍ରୀରାମଙ୍କୁ ଯେଉଁ କଷ୍ଟ ସ୍ୱୀକାର କରିବାକୁ ହେଲା, ତାହା ଆମ ଉପରକୁ ଯେ ନ ଆସିବ, କିଏ କହିବ ! ପୁରାଣ ଶାସ୍ତ୍ର ମୂଳ ଅଭିପ୍ରାୟ ହେଲା, କିଛି କାମ କରିବା ପୂର୍ବରୁ ତାହାକୁ ଭଲ ଭାବେ ପରୀକ୍ଷା କରିନେବା ଉଚିତ । ସେ ଦେବତା ହୁଅନ୍ତୁ କି ମଣିଷ ଭୁଲର ଶାସ୍ତି ସମସ୍ତଙ୍କୁ ଭୋଗିବାକୁ ହେବ ।

ସେହିପରି ମହାଭାରତ ଅନୁସାରେ ପୂର୍ଣ୍ଣ ସଭାସ୍ଥଳରେ କୁଳବଧୂ ଦୌପଦୀଙ୍କ ସହ ଯେଉଁ ଅସଭ୍ୟ ଆଚରଣ କରାଗଲା, ତାହା ଉପସ୍ଥିତ ପ୍ରାଜ୍ଞଜନଙ୍କ ପ୍ରଜ୍ଞା ପ୍ରତି ଏକ ପ୍ରଶ୍ନବାଚୀ । ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୁଳଗୁରୁ କୃପାଚାର୍ଯ୍ୟ, ପାଣ୍ଡବ ଓ କୌରବଙ୍କ ଉପସ୍ଥିତିରେ କୁଳବଧୂଙ୍କୁ ବିବସନା କରିବାର ଯେଉଁ ଅସଭ୍ୟ ନିର୍ଦ୍ଦେଶ ଦୁର୍ଯ୍ୟୋଧନ ଦେଲେ, ତାହା କେବଳ ଅସଭ୍ୟ ନୁହେଁ, ବରଂ ଅମାନବୀୟ ଓ ପାଶବିକତାର ନଗ୍ନ ନିଦର୍ଶନ । ଯାହାହେଉ, ଅଦୃଶ୍ୟ ଶକ୍ତିର କୋଟିବସ୍ତ୍ର ଦାନରେ ଦ୍ରୌପଦୀଙ୍କର ମାନ ରକ୍ଷା ହୋଇଗଲା । କିନ୍ତୁ ବୈଜ୍ଞାନିକ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ଏକ ସମାନ ଏବଂ ବିପକ୍ଷ ପ୍ରତିକ୍ରିୟା ରହିଛି । ଦ୍ରୌପଦୀ ତ ଦୈବୀ କୃପାରୁ ସଙ୍କଟମୁକ୍ତ ହେଲେ, ସେହି ସମୟରେ କିନ୍ତୁ ଦୁର୍ଯ୍ୟୋଧନଙ୍କ ଅନ୍ତଃପୁରରେ ରାଣୀ ଭାନୁମତୀଙ୍କ ପାଟ ବସନରେ ଅଗ୍ନି ସଂଯୋଗ ହୋଇ ସମ୍ପୂର୍ଣ୍ଣ ପୋଡ଼ିଗଲା । ଭାନୁମତୀ ବିବସନା ହୋଇ ରାଜସଭାରେ ଉପସ୍ଥିତ ହୋଇଗଲେ । ଏଇଠି ଶୂଦ୍ରମୁନି ଲେଖିଲେ, 'ଆପଣା ଭାରିଯା ହେଲା ସଭାରେ ଉଲଗ୍ନ/ ପରକୁ ଯେ ମନ୍ଦ ପାଞ୍ଚେ ଆପେ କରେ ଭୋଗ ।' ଭରା ସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିବିଶେଷ କିଛି ସମୟ ପୂର୍ବରୁ ଦ୍ରୌପଦୀଙ୍କର ବିବସନା ରୂପ ଦେଖିଥାନ୍ତେ । କିନ୍ତୁ ତାଙ୍କୁ ଆଜି ପ୍ରତ୍ୟକ୍ଷ କରିବାକୁ ହେଲା କୌରବ ପାଟରାଣୀଙ୍କର ବିବସନା ରୂପ । ସଭାରେ ଉପସ୍ଥିତ ସମସ୍ତେ ହତଚକିତ ଥିବା ବେଳେ ଦ୍ରୌପଦୀ ନିଜ ମହନୀୟତା ବଳରେ ନିଜ କୋଟି ବସ୍ତ୍ରରୁ ଖଣ୍ଡେ ଆଣି ଭଗିନୀ ଭାନୁମତୀଙ୍କୁ ପରିଧାନ କରାଇଲେ । ଦ୍ରୌପଦୀ ବୁଝିଥିଲେ ସଭାସ୍ଥଳରେ ନାରୀଟିଏ ବିବସନା ହେବା କେତେ ଲଜ୍ଜାକର ଓ ଅପମାନଜନକ । ଭାନୁମତୀଙ୍କର ଲଜ୍ଜା ନିବାରଣ କରି ଦ୍ରୌପଦୀ ଭୁଲିଗଲେ ବିପକ୍ଷର ଶତ୍ରୁତା ଓ ବର୍ବରତା । ଭାନୁମତୀ ମଧ୍ୟ ଦ୍ରୌପଦୀଙ୍କ ପ୍ରତି ଅନୁରକ୍ତିରେ ଶତମୁଖ ହେବା ସହ ସ୍ୱାମୀ ଦେବରଙ୍କ ଆଚରଣକୁ ଘୋର ନିନ୍ଦା କରିଛନ୍ତି । ଭାନୁମତୀଙ୍କ ଦୃଷ୍ଟିରେ ଦ୍ରୌପଦୀ ହେଉଛନ୍ତି ଶକ୍ତି ସ୍ୱରୂପିଣୀ, ଅଭୟଦାୟିନୀ, ସ୍ୱୟଂ ଅପର୍ଣ୍ଣା ମା' ଦୁର୍ଗା ।

ସେହିପରି ଧର୍ମରାଜ ଯୁଧିଷ୍ଠିରଙ୍କୁ କ'ଣ ଜଣା ନଥିଲା କପଟ ପଶାର କ୍ରୁର ପରିଣତି ? ଅନ୍ୟ କାହାର ପରାମର୍ଶ ନେଇ ନଥିଲେ ମଧ୍ୟ ଦ୍ରୌପଦୀଙ୍କୁ ଏ ବିଷୟରେ ଅବଗତ କରାଯାଇ ତାଙ୍କ ପରାମର୍ଶ ତ ନିଆଯାଇ ପାରିଥାନ୍ତା ! ନା, ସେ ସେପରି କିଛି କରିବାକୁ ଉଚିତ ମନେ କରି ନାହାନ୍ତି । ରାଜ୍ୟ, ସମ୍ପତ୍ତି- ସବୁକିଛି ହରାଇ ସାରିଲା ପରେ ପତ୍ନୀଙ୍କୁ ମଧ୍ୟ ପଣରେ ରଖି ହରାଇ ବସିଲେ । ସମସ୍ତଙ୍କର ପରାମର୍ଶକୁ ଉପେକ୍ଷା କରି ଯୁଧିଷ୍ଠିର ଯେଉଁ ଘୃଣ୍ୟ କ୍ରୀଡ଼ାରେ ମାତିଗଲେ, ତାହା ଦୈବୀ ବିଘଟନ ନୁହେଁ ତ ଆଉ କ'ଣ ? ଶାରଳା ଦାସ ତ ଲେଖିଲେ-'ଦୁର୍ଯ୍ୟୋଧନ ସଙ୍ଗେ ପଶା ଯୁଧିଷ୍ଠି ଖେଳିଲେ/ ଦ୍ରୌପଦୀଙ୍କି ଅବିବେକ ପଣେ ସେ ହାରିଲେ ।' ଏଠାରେ ପ୍ରଶ୍ନ ଉଠେ- ସତରେ କ'ଣ ଆମ ପ୍ରାତଃସ୍ମରଣୀୟ ପୌରାଣିକ ଚରିତ୍ରମାନେ ଅବିବେକୀ ହୋଇ ପାରନ୍ତି ? ଶ୍ରୀରାମଙ୍କ ସ୍ୱର୍ଣ୍ଣ ମୃଗ ଅନୁଧାବନର ପ୍ରସଙ୍ଗ ହେଉ କିମ୍ବା ଯୁଧିଷ୍ଠିରଙ୍କ କପଟ ପଶାର ଘୃଣ୍ୟ ସର୍ତ୍ତ ଅଙ୍ଗୀକାର କରିବା ହେଉ କିମ୍ବା ଗୁରୁ ଗୁରୁଜନଙ୍କ ଉପସ୍ଥିତିରେ ନାରୀ ଅମର୍ଯ୍ୟାଦାର ପ୍ରସଙ୍ଗ ହେଉ- ଏଗୁଡ଼ିକ ସବୁ ମଣିଷ ପାଇଁ ଗୋଟିଏ ଗୋଟିଏ ସର୍ବକାଳୀନ ଚେତାବନୀ । ଭୁଲ୍ କଲେ ଦଣ୍ଡ ଭୋଗିବାକୁ ହେବ । ସେ ଦଣ୍ଡ ରାଜଦଣ୍ଡ ହେଉ ଅବା ଧର୍ମଦଣ୍ଡ । ରାଜଦଣ୍ଡକୁ ବିଭିନ୍ନ ମିଥ୍ୟାର ଆଶ୍ରୟ ନେଇ ହୁଏତ ଟାଳିଦେଇ ହେବ; ମାତ୍ର ଧର୍ମ ଦଣ୍ଡକୁ ଏଡ଼ାଇବାର ଶକ୍ତି କାହାର ଅଛି ? ଯେ ଭୁଲ୍ କରିବ, ତାକୁ ଅବଶ୍ୟ ସମୁଚିତ ଦଣ୍ଡ ଭୋଗିବାକୁ ହେବ- ସେ ମାନବକୃତ ନହୋଇ ପାରେ, କିନ୍ତୁ ଦୈବକୃତ ଅବଶ୍ୟ ହେବ । ଏହା ପୁରାଣ ଶାସ୍ତ୍ରମାନଙ୍କରେ ପ୍ରଦତ୍ତ ଦୃଷ୍ଟାନ୍ତ, ଯାହା ଆଧୁନିକ ମଣିଷ ପ୍ରତି ଏକ ଆହ୍ୱାନ । ଆଜିକାଲି ଲୋକଙ୍କ ମଧ୍ୟରେ ବହୁଳ ବ୍ୟବହୃତ ଏକ ପ୍ରଚଳିତ ଧାରଣା ଯେ କଳି ଯୁଗରେ ଯେ ଯେତେ ଅନ୍ୟାୟ କରିବ, ତା'ର ସେତେ ଉନ୍ନତି ହେବ । ଏଇ କଥାକୁ ମନ ମଧ୍ୟରେ ରଖି ମଣିଷ ଯଥେଚ୍ଛାଚାର ଭାବେ ଅନ୍ୟାୟ କରି ଚାଲିଛି । ମନ୍ତ୍ରୀ, ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଯେଉଁଭଳି ଅନ୍ୟାୟରେ ଅର୍ଥ ଉପାର୍ଜନ କରି ଧନ କୁବେର ସାଜୁଛନ୍ତି, ଯଦି ସେମାନଙ୍କ ମନରେ ସାମାନ୍ୟ ଭୀତି ସଂଚାର ହୁଅନ୍ତା ଯେ ଏସବୁ ଅନ୍ୟାୟ ଓ ଏ ଅନ୍ୟାୟର ସମୁଚିତ ଦଣ୍ଡ ତାଙ୍କୁ ଦିନେ ନା ଦିନେ ଭୋଗିବାକୁ ହେବ, ତେବେ ସେ ଏସବୁରୁ ଦୂରେଇ ରୁହନ୍ତେ । ନା ସେମାନଙ୍କ ମନରେ ଅଛି ଧର୍ମ ଭୟ କିମ୍ବା ନୀତି ନୈତିକତା ପ୍ରତି ସାମାନ୍ୟ ଅନୁରକ୍ତି । ନାରୀ ନିର୍ଯାତନା, ଅପହରଣ, ବଳାତ୍କାର ଭଳି କୁକର୍ମ ସମାଜକୁ ଅସୁସ୍ଥ କରିବାର ପ୍ରମୁଖ ଉପାଦାନ । ଯଦି ଏସବୁ ପ୍ରତି ସାମାନ୍ୟ ଭୟ ଥାଆନ୍ତା, ତେବେ ଏହାର ନିରାକରଣ ସ୍ୱତଃ ସମ୍ଭବ ହୋଇ ପାରନ୍ତା ।



ମହାଭାରତ ଯୁଦ୍ଧ ଆରମ୍ଭ ପୂର୍ବରୁ କୁରୁଶ୍ରେଷ୍ଠ ଦୁର୍ଯ୍ୟୋଧନ ମାତା ଗାନ୍ଧାରୀଙ୍କ ଆଶୀର୍ବାଦ ଲୋଡ଼ିବା ବେଳେ ଗାନ୍ଧାରୀ କହିଥିଲେ- 'ଯାଅ ବୀର ରଣେ ଧରଣୀ ବକ୍ଷୁ ପାପରାଶି ହେଉ କ୍ଷୟ/ ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ ।' ନ୍ୟାୟର ଜୟ ଓ ଅନ୍ୟାୟର ବିନାଶ ପାଇଁ ଏହା ଥିଲା ଜଣେ ମା'ର ଆଶୀର୍ବାଦ । ଯଦି ସବୁ ମା' ନିଜ ସନ୍ତାନକୁ ନ୍ୟାୟର ପକ୍ଷ ନେବାକୁ ବାଧ କରନ୍ତେ, ତେବେ ଏ ପୃଥିବୀ ସରସ ସୁନ୍ଦର ହେବାରେ କୌଣସି ପ୍ରତିବନ୍ଧକ ରୁହନ୍ତା ନାହିଁ । ଏହା ହିଁ ସମୟର ଆହ୍ୱାନ ।

ସିଦ୍ଧଳ, ଜଗତସିଂହପୁର
ମୋ: ୯୯୩୭୪୫୦୫୪୦

# ସବୁକିଛି ଠିକ୍ ସମୟରେ ହୁଏ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ସାମ୍ପ୍ରତିକ ସମୟରେ ସଭିଏଁ ଖୁବ୍ ବେଗରେ ଧାଇଁ ଚାଲିଛନ୍ତି । ସମସ୍ତଙ୍କର ବିଶ୍ୱାସ ଯେ ତୀବ୍ର ଗତିରେ ହିଁ ଅଛି ସଫଳତା, ସମୃଦ୍ଧି, ସମ୍ମାନ । ଅତି ଛୋଟ ଦିନରୁ ଆମକୁ ଶିକ୍ଷା ଦିଆଯାଉଛି ଯେ ସାର୍ଥକ ଜୀବନର ସୂତ୍ର ହେଉଛି ଅଧିକ ପରିଶ୍ରମ, ସ୍ୱଳ୍ପ ବୟସରେ ସଫଳତା ଲାଭ ଏବଂ ଅନ୍ୟମାନଙ୍କ ତୁଳନାରେ ଉତ୍କୃଷ୍ଟ ପ୍ରଦର୍ଶନ । ଏକ ଅନ୍ତହୀନ ଲକ୍ଷ୍ୟ ସାଧନ ଦିଗରେ ସମସ୍ତେ ଆଗେଇ ଚାଲିଛନ୍ତି, ଯାହା କେବେହେଲେ ସନ୍ତୁଷ୍ଟି ପ୍ରଦାନ କରୁନାହିଁ । ଆମମାନଙ୍କ ଭିତରୁ ଅଧିକାଂଶ ଏହା ଯୋଗୁଁ ହେଉଥିବା କ୍ଷତି ସହ ମଧ୍ୟ ଅବଗତ, ତଥାପି ସଚେତନ ରୂପେ ଘଡ଼ିଏ ରହିଯାଇ ଜୀବନକୁ ଉପଭୋଗ କରିବାର ଧୈର୍ଯ୍ୟ ଓ ନିୟନ୍ତ୍ରଣ ଆମ ପାଖରେ ନାହିଁ । ଜୀବନକୁ ସହଜରେ ବଞ୍ଚିବା ହେଉଛି ବର୍ତ୍ତମାନ ସବୁଠାରୁ ଜଟିଳ କାମ ।

ମାତ୍ର ଏସବୁଠାରୁ ବିପରୀତ ପ୍ରକୃତି ଆମକୁ ମନେ ପକେଇ ଦିଏ ଯେ ଏହି ଧରାରେ ପ୍ରତ୍ୟେକ କାର୍ଯ୍ୟ ନିଜର ନିର୍ଦ୍ଧାରିତ ସମୟରେ ହିଁ ଘଟିଥାଏ । ଫୁଲଟିଏ ପୂର୍ଣ୍ଣ ଭାବରେ ପ୍ରସ୍ଫୁଟିତ ହେବା ପାଇଁ ତରବର ହୁଏ ନାହିଁ, ନଦୀଟିଏ ସାଗର ସହ ମିଶିବା ପାଇଁ ସମୟ ନେଇ ଦୀର୍ଘ ଯାତ୍ରା କରେ, ପକ୍ଷୀର ଅଣ୍ଡା ଶାବକଟିଏରେ ପରିଣତ ହେବା ସକାଶେ ଆବଶ୍ୟକ ସମୟ ନିଏ ପରିପକ୍ୱ ହେବା ପାଇଁ । ପ୍ରକୃତିରେ ଘଟୁଥିବା ପରିବର୍ତ୍ତନ ସ୍ୱତଃପ୍ରବୃତ୍ତ; ଏହା ପାଇଁ କୌଣସି ଧରାବନ୍ଧା ନିୟମ ବା ସମୟ ସୀମାର ଆକଳନ ମଣିଷ ଅନ୍ତତଃ କରି ପାରିବ ନାହିଁ । ପ୍ରକୃତି ଏହି ସମୟ ଏବଂ ପ୍ରକ୍ରିୟା ଉପରେ ବିଶ୍ୱାସ ରଖେ ଏବଂ ଏହା ହିଁ କାରଣ, ଯେଉଁଥିପାଇଁ ଏ ସୃଷ୍ଟି ଦୀର୍ଘ ବର୍ଷ ଧରି ତିଷ୍ଠି ରହିଛି ।

ଆଧ୍ୟାତ୍ମିକ ଲେଖିକା ତଥା ପ୍ରାବନ୍ଧିକା କ୍ରିଷ୍ଟିନ୍ ରୋଜର୍ସ କୁହନ୍ତି- ପ୍ରତ୍ୟେକ ଋତୁର ଏକ ନିର୍ଦ୍ଦିଷ୍ଟ ସମୟ ଏବଂ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ରହିଥାଏ । ପବନର ବେଗରେ ପତ୍ରଝଡ଼ା ଦେଉଥିବା ଗଛର ପତ୍ରଗୁଡ଼ିକରୁ ଶିକ୍ଷା ମିଳେ ଯେ ଜୀବନରେ କିଛି ଅନାବଶ୍ୟକ ଜିନିଷକୁ ଠିକ୍ ସମୟରେ ଛାଡ଼ିଦେବା ଉଚିତ । ବସନ୍ତ ଋତୁର ବର୍ଷା ଫୁଲଗଛଗୁଡ଼ିକ ତଳେ ଥିବା ମାଟିକୁ ହାଲୁକା କରିଦିଏ । ଫୁଲ ଭର୍ତ୍ତି ଗଛ ଯେବେ ବର୍ଷାକୁ ସାମ୍ନା କରେ, ଫୁଲ ହରେଇ ଦେବା ଭୟରେ ସେ କ୍ଷଣିକ ପାଇଁ ନିଜର ସନ୍ତୁଳନ ହରାଇ ଦିଏ ସତ; ମାତ୍ର ଗଛର ଚେର ଆହୁରି ଗଭୀରତାକୁ ଯାଇ ନିଜକୁ ସୁଦୃଢ଼ କରିବାର ସୁଯୋଗ ଯୋଗୁଁ ସେ ଆଶ୍ୱସ୍ତି ଲାଭ କରେ । ଠିକ୍ ସେହିପରି ଶୀତ ଦିନରେ ଫୁଲଗୁଡ଼ିକ ଥଣ୍ଡାରେ ଶୁଖି ଯାଆନ୍ତି; ଗୋଟିଏ ପଟେ ଦେଖିଲେ ଫୁଲଗୁଡ଼ିକର ଆସନ୍ନ ମୃତ୍ୟୁ ଗଛ ପାଇଁ ଦୁଃଖଦାୟକ ହେଲେ ଏହା ପରେ ଆଗାମୀ ବସନ୍ତରେ ଗଛରେ ଫୁଲର ସମ୍ଭାରର ସୁନ୍ଦରତା ଶୁଖିଲା ଫୁଲ ଝଡ଼ି ପଡ଼ିବା ପରେ ହିଁ ସମ୍ଭବ ହୁଏ । ଏହି ପରିସ୍ଥିତି ହିଁ ତାକୁ ଭବିଷ୍ୟତର ସୁଖ ପାଇଁ ପ୍ରସ୍ତୁତ କରେ ।

ପ୍ରକୃତି ହେଉଛି ଆମର ସର୍ବଶ୍ରେଷ୍ଠ ଶିକ୍ଷକ । ମଣିଷ ଜୀବନର ପ୍ରତ୍ୟେକ ପଦକ୍ଷେପରେ- ତାହା ଜାଣତରେ ହେଉ ଅବା ଅଜାଣତରେ- ପ୍ରକୃତିଠାରୁ ଆମେ ଅନେକ ଶିକ୍ଷା କରିବାର ଅଛି । ଗଛଲତା, ପକ୍ଷୀ, ନଦୀ, ପର୍ବତ, ଆକାଶ; ଏମାନେ ସବୁ ଶିକ୍ଷକ ଭଳି ଆମକୁ ଜୀବନର ଗଭୀର ସତ୍ୟତା ବିଷୟରେ ବୁଝାଇଥାନ୍ତି; ଆବଶ୍ୟକ ଅଛି ତାକୁ ନିରୀକ୍ଷଣ କରିବାର । ବୃକ୍ଷ ଆମକୁ ଶିଖାଏ ଦାନଶୀଳତା । ସେ ନିଜ ପାଇଁ କେବେ କିଛି ସାଇତି ରଖି ନଥାଏ; ସେ ଛାଇ ଦିଏ, ଫଳ ଦିଏ, ଏପରିକି ନିଜ ଶରୀରକୁ ମଧ୍ୟ ମଣିଷଙ୍କ ପାଇଁ ଦାନ କରେ । ବୃକ୍ଷ ଆମକୁ ନିର୍ଲୋଭ ସେବାର ପାଠ ପଢ଼ାଏ । ସେହିପରି, ନଦୀ ଶିଖାଏ ଗତିଶୀଳତା । ଜୀବନରେ କେତେ ସମସ୍ୟା ଆସୁ ନା କାହିଁକି, ନଦୀ ପରି ଆଗକୁ ବଢ଼ିବା ଦରକାର । ରହିଗଲେ ଜୀବନ ନିର୍ଜୀବ ହୋଇଯାଏ । ସୂର୍ଯ୍ୟ ଆମକୁ ଶିଖାଏ ନିୟମିତତା ଓ କର୍ତ୍ତବ୍ୟନିଷ୍ଠା । ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଉଦୟ ହୋଇ ସୂର୍ଯ୍ୟ ଜଗତକୁ ଆଲୋକିତ କରେ, ଯାହା



ଜଣାଇ ଦିଏ ଯେ ଜୀବନରେ ସଫଳତା ପାଇଁ ନିୟମ ଓ ନିଷ୍ଠା ଅତ୍ୟାବଶ୍ୟକ । ପକ୍ଷୀମାନେ ଆମକୁ ଶିଖାନ୍ତି ସ୍ୱାଧୀନତାର ମୂଲ୍ୟ । ସେମାନେ ଆକାଶରେ ମୁକ୍ତ ଭାବରେ ଉଡ଼ି ବଞ୍ଚିବାର ଆନନ୍ଦକୁ ଉପଭୋଗ କରନ୍ତି, ଯାହା ଆମକୁ ଜୀବନର ସରଳ ସୁଖକୁ ମନେ ପକାଇ ଦିଏ ।

ପ୍ରକୃତି ଆମକୁ ବୁଝାଏ ସହିଷ୍ଣୁତା ଓ ସହଯୋଗର ମହତ୍ତ୍ୱ । ଋତୁ ପରିବର୍ତ୍ତନରେ ଆମେ ଅନୁଭବ କରୁଛୁ ଗ୍ରୀଷ୍ମ, ବର୍ଷା, ଶୀତ- ସବୁ ଜୀବନର ଗୋଟିଏ ଗୋଟିଏ ଅଂଶ । ପ୍ରକୃତିରେ ଗୋଟିଏ ପରେ ଗୋଟିଏ ଋତୁର ଅନୁଭବ ମଣିଷ ଜୀବନରେ ଆସୁଥିବା ଭିନ୍ନ ଭିନ୍ନ ସମୟ ସହ ତୁଳନୀୟ । କୌଣସି ଋତୁ ଭଳି ଏକ ନିର୍ଦ୍ଦିଷ୍ଟ ସମୟ ସଦା ମଣିଷ ଜୀବନରେ ରହେ ନାହିଁ, ଆସେ ଓ ଯାଏ । ଆମର ଶରୀର ଭିନ୍ନ ଭିନ୍ନ ଉର୍ଜା ଏବଂ ଭାବନାକୁ ନେଇ ଗଠିତ । ଦୁଃଖ ଓ ଶୋକର ସମୟ, ବିକାଶ ଓ ବିସ୍ତାରର ସମୟ, ଖେଳିବା, ଆରାମ କରିବା, ଥକିଯିବା, ଆତ୍ମପୋଷଣ କରିବା, ଏକାକୀ ଅନୁଭବ କରିବା ଇତ୍ୟାଦି ଅନେକ । ଏସବୁ ସମୟର ଅନୁଭବ ପରେ ସେହି ସମୟକୁ ପଛରେ ଛାଡ଼ିଦେବା, ଯାହା ସହିତ ଆମେ ଭାବନାତ୍ମକ ଭାବରେ ଯୋଡ଼ି ହୋଇଛୁ । ଆହୁରି ମଧ୍ୟ ଏକ ନୂଆ ଆଶା ନେଇ ଆଗାମୀ ସମୟ ପାଇଁ ସୁଖ ଓ ଅନୁଭବ ପାଇଁ ଅପେକ୍ଷାରତ ହେବା । ଜୀବନ ଆଉ କ'ଣ କି ? ଏହିଭଳି ମିଶ୍ରିତ ଭାବନାର ହିଁ ସମ୍ଭାର । ଏହା ଆମକୁ ଶିକ୍ଷା ଦିଏ ଯେ ଭଲ ଓ ଖରାପ ସମୟ- ଦୁହେଁ ଅସ୍ଥାୟୀ ।

କିନ୍ତୁ ଆଜିର ଆଧୁନିକ ଯୁଗରେ ମଣିଷ ପ୍ରକୃତିଠାରୁ ଦୂର ହୋଇ ଯାଉଛି । ଯନ୍ତ୍ରମୟ ଜୀବନ ଓ ସ୍ୱାର୍ଥପରତା ତାକୁ ପ୍ରକୃତିର ଶିକ୍ଷାରୁ ବଞ୍ଚିତ କରୁଛି । ଯଦି ମାନବ ପ୍ରକୃତି ସହିତ ନିଜର ସମ୍ପର୍କକୁ ପୁନଃସ୍ଥାପିତ କରି ପାରିବ, ତେବେ ଜୀବନ ଅଧିକ ସାରଗର୍ଭକ ଓ ସୁନ୍ଦର ହେବ । ପ୍ରକୃତିକୁ କେବଳ ଉପଭୋଗ କରିବା ପାଇଁ ନୁହେଁ, ବରଂ ତା'ଠାରୁ କିଛି ଶିଖିବା ଆବଶ୍ୟକ । ପ୍ରକୃତିର ପ୍ରତ୍ୟେକ ଦୃଶ୍ୟ ଓ ଘଟଣାରେ ଲୁକ୍କାୟିତ ହୋଇ ରହିଛି ଜୀବନର ଗଭୀର ଶିକ୍ଷା । ଯଦି ଆମେ ଏହି ଶିକ୍ଷାକୁ ଅନୁଭବ କରି ପାରିବା, ତେବେ ଆମର ଜୀବନ ନିଶ୍ଚୟ ଏକ ସଠିକ୍ ଦିଗରେ ଗତି କରିବ ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

# ବିସ୍ମୟଜନକ ଫଳାଫଳ

ଚାରି ଗୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ବିଧାନସଭା ନିର୍ବାଚନର ଫଳାଫଳ ତିନି ଗୋଟି ବଡ଼ ରାଜ୍ୟର ଶାସକ ଦଳମାନଙ୍କ ପାଇଁ ବିସ୍ମିତ କରିଦେବା ତଥା ଆଘାତ ଦେବା ଭଳି ହୋଇଥିବା ବେଳେ ଚତୁର୍ଥ ରାଜ୍ୟରେ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କ୍ଷମତାରେ ଥିବା ଦଳ ଏକ ବର୍ଦ୍ଧିତ ଭୋଟ୍ ହାର ସହିତ କ୍ଷମତାକୁ ଫେରିଛନ୍ତି । ଏହି ଫଳାଫଳ ଜାତୀୟ ରାଜନୀତିକୁ ଏମିତି ଏକ ଉପାୟରେ ପ୍ରଭାବିତ କରିବାକୁ ଯାଉଛି, ଯାହା ବର୍ତ୍ତମାନ ସୁଦ୍ଧା କୌଣସି ରାଜ୍ୟର ବିଧାନସଭା ନିର୍ବାଚନ କରିପାରି ନଥିଲା । ସୋମବାର ଦିନ ଶେଷ ପର୍ଯ୍ୟାୟର ଭୋଟ୍ ଗଣତି ପରେ ଜଣା ପଡ଼ିଛି ଯେ ଲୋକସଭାରେ ତୃତୀୟ ଏବଂ ଚତୁର୍ଥ ସର୍ବବୃହତ୍ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଦ୍ରାବିଡ଼ ମୁନେତ୍ର କାଡାଗାମ୍ (ଡିଏମ୍‌କେ) ଯଥାକ୍ରମେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ କ୍ଷମତାଚ୍ୟୁତ ହୋଇଛନ୍ତି । ପଶ୍ଚିମବଙ୍ଗ ଏହାର ଇତିହାସରେ ପ୍ରଥମ ଥର ପାଇଁ ଗୈରିକ ରାଜନୀତି ସହିତ ପରୀକ୍ଷା କରିବାକୁ ଆଗେଇ ଆସିଛି । ଏହି ରାଜ୍ୟ ଗତ ଛଅ ଦଶନ୍ଧି ଭିତରେ କଂଗ୍ରେସ, କମ୍ୟୁନିଷ୍ଟ ଏବଂ ତୃଣମୂଳ କଂଗ୍ରେସକୁ ଏହି କ୍ରମରେ ନିର୍ବାଚିତ କରି ଆସିଥିବା ବେଳେ ଚଳିତ ଥର ବିଜେପିକୁ ନିର୍ବାଚିତ କରିଛି । ବର୍ଷ ପରେ ବର୍ଷ ପଶ୍ଚିମବଙ୍ଗରେ ଶାସନ କରିବାର ଉଦ୍ୟମ କରି ଆସୁଥିବା ବିଜେପି ପାଇଁ ଏହା ସାକାର ହୋଇଛି । ଚତୁର ଯୋଜନା ଏବଂ ଏହାକୁ ତ୍ରୁଟିଶୂନ୍ୟ ଭାବରେ କାର୍ଯ୍ୟକାରୀ କରିବା ସବୁ ନିର୍ବାଚନରେ ବିଜେପିର କେନ୍ଦ୍ରୀୟ କୌଶଳ ହୋଇ ଆସିଛି, ଆଉ ପଶ୍ଚିମବଙ୍ଗ ଏଥିରୁ ବାଦ୍ ପଡ଼ିନାହିଁ । ଏଥରକ ଏହା ଫଳବତୀ ହୋଇଛି । ତେବେ ଏକଥା ସ୍ମରଣ ରଖାଯିବା ଉଚିତ ଯେ ଏହି ରାଜ୍ୟରେ ହାରାହାରି ୨୭ ଲକ୍ଷ ଭୋଟରଙ୍କୁ ସେମାନଙ୍କର କୌଣସି ଭୁଲ୍ ନଥାଇ ଭୋଟ୍ ଦେବାର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇଛି । 'ତାର୍କିକ ବିସଙ୍ଗତି'ର ଆଳ ଦେଖାଇ ନିର୍ବାଚନ କମିଶନ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦେଇଛନ୍ତି । ଏହା ହେଉଛି ଏମିତି ଏକ ଶବ୍ଦର ସମାହାର, ଯାହା ଭାରତର ସୁପ୍ରିମ୍‌କୋର୍ଟଙ୍କ ପକ୍ଷେ ମଧ୍ୟ ହଜମ କରିବା କଷ୍ଟକର ହୋଇଛି । ଏହି ଭୋଟରମାନଙ୍କର ଅଭିଯୋଗଗୁଡ଼ିକର ସମାଧାନ ନିମନ୍ତେ ନିର୍ବାଚନ କମିଶନ ଯେଉଁ ବ୍ୟବସ୍ଥାର ଆୟୋଜନ କରିଥିଲେ, ତାହା ଠିକ୍ ସମୟରେ ନିଜର କର୍ତ୍ତବ୍ୟ ଶେଷ କରିବାରେ ବିଫଳ ହୋଇଛି, ଯାହା ପ୍ରଭାବଶାଳୀ ଭାବରେ ଏକ ଗଣତାନ୍ତ୍ରିକ ଶାସନରେ ସେମାନଙ୍କର ମତ ଦେବାରୁ ସେମାନଙ୍କୁ ରୋକି ପାରିଛି । ଏମିତିକି ନିର୍ବାଚନ କମିଶନଙ୍କୁ ଏ କ୍ଷେତ୍ରରେ ସାହାଯ୍ୟ କରିବାକୁ ଆଗେଇ ଆସିଥିବା ସୁପ୍ରିମ୍‌କୋର୍ଟ ସେମାନଙ୍କୁ ଉଦ୍ଧାର କରିବାକୁ ମନା କରି ଦେଇଥିଲେ । ଏହି ସାମୂହିକ କାର୍ଯ୍ୟଗୁଡ଼ିକ ଯେଉଁ ନୈତିକ ନିଅଣ୍ଟର କାରଣ ହୋଇଛନ୍ତି, ତାହା ରାଜ୍ୟର ଫଳାଫଳ ଉପରେ ଭାରି ପଡ଼ିଛି ।

ଚଳିତ ଥରର ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଉପାଦାନ ହେଉଛି, ତାମିଲନାଡୁ ରାଜନୀତିକ ଦୃଶ୍ୟପଟରେ ଅଭିନେତା-ରାଜନେତା ବିଜୟ ଏବଂ ତାଙ୍କର ନୂଆ ରାଜନୀତିକ ଦଳ ତାମିଲଗା ଭେଟ୍ରି କାଡାଗାମ୍ (ଟିଭିକେ)ର ଆବିର୍ଭାବ, ଯାହା ପଦାର୍ପଣରେ ହିଁ କ୍ଷମତାର ସ୍ୱାଦ ଚାଖିବାକୁ ସକ୍ଷମ ହୋଇ ପାରିଛି । ଶାସକ ଡିଏମ୍‌କେ ଗ୍ରହୀତା ପକ୍ଷରେ ରହିଥିଲା, ଯାହାକୁ ଦୁଇ ଗୋଟି ଶକ୍ତ ଧକ୍କା ଲାଗିଛି- ଏହାର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ନିଜର ଆସନ ମଧ୍ୟ ହରାଇଛନ୍ତି, ଏକ ଦୃଢ଼ ପାରମ୍ପରିକ ଦଳୀୟ ଆସନରେ । ଶ୍ରୀଯୁକ୍ତ ବିଜୟଙ୍କ ସଫଳତା କେବଳ ରାଜ୍ୟର ନୁହେଁ, ବରଂ ଦେଶର ରାଜନୀତିକ ଇତିହାସରେ ଅଦ୍ୱିତୀୟ । ଆଦୌ କୌଣସି ରାଜନୀତିକ କିମ୍ବା ପ୍ରଶାସନିକ ଅଭିଜ୍ଞତା ନଥିବା ଜଣେ ବ୍ୟକ୍ତି ଭାବରେ ଶ୍ରୀଯୁକ୍ତ ବିଜୟଙ୍କୁ ସାତ କୋଟିରୁ ଅଧିକ ଲୋକଙ୍କ ଭାଗ୍ୟକୁ କିପରି ଭାବରେ ସୁପରିଚାଳନା କରିବାକୁ ପଡ଼ିବ, ତାହା ଶିକ୍ଷା କରିବାକୁ ହେବ । କେରଳରେ ବାମପନ୍ଥୀ ଗଣତାନ୍ତ୍ରିକ ସାମ୍ମୁଖ୍ୟ ଏହାର ଇତିହାସରେ ସର୍ବକାଳୀନ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି, ଯେତେବେଳେ କି ଏହା ୨୦୧୬ ଏବଂ ୨୦୨୧ରେ ଲଗାତର ବିଜୟୀ ହେବା ପରେ ଚଳିତ ଥର ଏହାକୁ କ୍ଷମତାର ଅଳିନ୍ଦରୁ ବାହାର କରି ଦିଆଯାଇଛି; ଗତ ଥର ଯେଉଁ ମେଣ୍ଟ ୧୪୦ ଆସନରୁ ୯୯ଟିରେ ବିଜୟ ଲାଭ କରିଥିଲା, ତାହା ଚଳିତ ଥର ମାତ୍ର ୩୫ଟିରେ ସୀମିତ ରହି ଯାଇଥିବା ବେଳେ କଂଗ୍ରେସ-ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏଫ୍) ୧୦୨ଟି ଆସନରେ ବିଜୟ ଲାଭ କରି ତିନି ଅଙ୍କବିଶିଷ୍ଟ ସଂଖ୍ୟାକୁ ହାସଲ କରି ପାରିଛି । ଏଲ୍‌ଡିଏଫ୍ ପାଇଁ ଏହା ମଧ୍ୟ ଆଘାତ ପ୍ରଦାନକାରୀ ପରାଜୟ, କାରଣ ଏହା ବିଗତ ଦଶ ବର୍ଷ ଭିତରେ ରାଜ୍ୟରେ ଯେଉଁସବୁ ବିକାଶମୂଳକ ଓ କଲ୍ୟାଣକାରୀ ପ୍ରକଳ୍ପମାନ ଆରମ୍ଭ କରିଥିଲା, ଚଳିତ ଥର ବିଜୟ ଲାଭ କରିଥିଲେ, ସେସବୁକୁ ଶେଷ କରିବାର ଆଶା ପୋଷଣ କରୁଥିଲା । ଆସାମ ନିର୍ବାଚନରେ ବିଜେପି କ୍ଲିନ୍ ସ୍ୱିପ୍ କରିଥିବା ବେଳେ ପୁଡୁଚେରୀରେ ଏନ୍‌ଡିଏ ସ୍ୱଚ୍ଛନ୍ଦ ସଂଖ୍ୟାଗରିଷ୍ଠତା ଲାଭ କରି ଆଉ ଏକ ଲଗାତର ପାଳିର ଶାସନ କରିବାକୁ ଯାଉଛି ।

ଏହି ନିର୍ବାଚନଗୁଡ଼ିକ ତିନି ଜଣ ମୁଖ୍ୟମନ୍ତ୍ରୀ: ମମତା ବାନାର୍ଜୀ, ଏମ୍‌କେ ଷ୍ଟାଲିନ୍ ଏବଂ ପିନାରାୟୀ ବିଜୟନ୍‌ଙ୍କୁ ଗାଦିଚ୍ୟୁତ କରିଛି, ଯେଉଁମାନେ ଜାତୀୟ ସ୍ତରର ବିରୋଧୀ ଭାବରେ ପୁରୋଧା ଥିଲେ ଏବଂ ବିଜେପି-ନେତୃତ୍ୱାଧୀନ ହିନ୍ଦୁତ୍ୱ ରାଜନୀତିକୁ କଡ଼ା ଟକ୍କର ଦେଉଥିଲେ । ଏମାନେ ସମସ୍ତେ ଇଣ୍ଡିଆ ମେଣ୍ଟର ଅଂଶୀଦାର ଥିଲେ, ଯାହା ଲୋକସଭାରେ ନିକଟରେ ଏହାର ସାମୂହିକ ଶକ୍ତିକୁ ପ୍ରମାଣିତ କରିଥିଲା । ସୁଶ୍ରୀ ବାନାର୍ଜୀଙ୍କ ସ୍ଥାନ ବିଜେପିର ଜଣେ ନେତାଙ୍କ ଦ୍ୱାରା ନିଆଯିବାକୁ ଯାଉଥିବା ବେଳେ ଶ୍ରୀଯୁକ୍ତ ଷ୍ଟାଲିନ୍‌ଙ୍କୁ ହଟାଇବାର ବ୍ୟକ୍ତିଙ୍କ ନାମ ଏ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ସାମ୍ନାକୁ ଆସିନାହିଁ । କେରଳର ମୁଖ୍ୟମନ୍ତ୍ରୀ ଭାବରେ ଜଣେ କଂଗ୍ରେସ ପ୍ରାର୍ଥୀଙ୍କ ଆବିର୍ଭାବ, ଅଙ୍କକଷାରେ କିଛି ପରିବର୍ତ୍ତନ ଘଟାଇବାକୁ ଯାଉନାହିଁ । ଭାରତୀୟ ରାଜନୀତିରେ ନିଜର ପ୍ରାସଙ୍ଗିକତାକୁ ବଜାୟ ରଖିବାକୁ ହେଲେ ଇଣ୍ଡିଆ ମେଣ୍ଟକୁ ଏହାର ନିଜର ରାଜନୀତିକ କୌଶଳର ପୁନରାଙ୍କନ କରିବାକୁ ପଡ଼ିବ ।

# ଜୀବନ ଫୁଲ

ଫୁଲଟିଏ ରାତିରେ ଫୁଟେ । ସକାଳୁ ମହତ କାମ ପାଇଁ ସମର୍ପିତ ହୁଏ । ଗଛର ଆୟୁଷ ତୁଳନାରେ ଫୁଲର ଆୟୁଷକୁ ଦେଖିଲେ ଫୁଲର ଜୀବନ କ୍ଷଣିକ । କାରଣ ଗଛ ଯଦି କୋଡ଼ିଏ ବର୍ଷ ବଞ୍ଚେ, ଫୁଲଟିଏ ବାର ଘଣ୍ଟା ରୁହେ । ସେମିତି ସୃଷ୍ଟିର ଅତୀତ ଓ ଭବିଷ୍ୟତ ଭିତରେ ମଣିଷ ଜୀବନ ଗୋଟିଏ ମୁହୂର୍ତ୍ତ ଭଳି । ଏହି କ୍ଷଣିକ ସମୟ ଭିତରେ ନିଜର ମହକକୁ ବାଣ୍ଟିବା ଉଚିତ୍ । ବେଳେବେଳେ ମଣିଷ କାହାକୁ କିଛି ସାହାଯ୍ୟ କରି ନିଜର ଡିଣ୍ଡିମ ପିଟେ । ନିଜର ପୁରୁଷାର୍ଥକୁ ସାବ୍ୟସ୍ତ କରେ । ବାସ୍ତବରେ ଆମର ପ୍ରତ୍ୟେକ କର୍ମକୁ ପରମାତ୍ମାଙ୍କ ପାଖରେ ସମର୍ପି ଦେଲେ ଜୀବନ ସୁଖମୟ ହୋଇ ଯାଆନ୍ତା । ଏ ନେଇ ଉଦାହରଣଟିଏ ।

ମାଳି ସୁନ୍ଦର ଫୁଲ ବଗିଚାଟିଏ କରିଥିଲା । ଭଳିକି ଭଳି ଫୁଲରେ ବଗିଚା ହସୁଥିଲା । ସକାଳ ହେଲେ ଫୁଲମାନେ ସୂର୍ଯ୍ୟ କିରଣରେ ଝଲସୁ ଥିଲେ । ବଗିଚାର ଗୋଟିଏ କୋଣରେ ମନ୍ଦାର ଓ ଗେଣ୍ଡୁଗଛ ଦୁଇଟି ପାଖାପାଖି ଥିଲେ । ମନ୍ଦାରର ରଙ୍ଗ ସିନା ନାଲି, ହେଲେ ବାସ୍ନା ନଥିଲା । ଗେଣ୍ଡୁର ରଙ୍ଗ ସାଙ୍ଗରେ ବାସ୍ନା ବି ଭଲ ଥିଲା । ଦିନେ ଗେଣ୍ଡୁଫୁଲ ମନ୍ଦାରକୁ କହିଲା- 'ଭଉଣୀ ! ବଗିଚାରେ ଯେତେ ଫୁଲ ଅଛନ୍ତି ଲୋକମାନେ ସେମାନଙ୍କ ଭିତରୁ ମତେ ସବୁଠୁ ବେଶି ଆଦର କରନ୍ତି । ମୋର ରଙ୍ଗ, ବାସ୍ନା ସମସ୍ତଙ୍କୁ ଟାଣିଆଣେ । ତେଣୁ ମୋ ପୂର୍ବରୁ ଆସିଥିବା ଅନେକ ଫୁଲ ତୋଳା ହୋଇ ଗଲେଣି । ନିକଟରେ ମୋ ପାଳି ବି ପଡ଼ିବ । ମୁଁ ସବୁ ଦେବତାଙ୍କ ପାଖରେ ଲାଗି ପାରିବି । କିନ୍ତୁ ତୋର ରଙ୍ଗ ନାଲି । ବାସ୍ନା ନାହିଁ । ତୁ କେବଳ ନିର୍ଦ୍ଦିଷ୍ଟ ବାରରେ ଆଉ ନିର୍ଦ୍ଦିଷ୍ଟ ଦେବତାଙ୍କ ସେବାରେ ଲାଗିବୁ ।' ମନ୍ଦାର ହସି ହସି କହିଲା- 'ଭଉଣୀ ! ମୁଁ କାହା ସେବାରେ ଲାଗିବି କି ଏଇ ଗଛରେ ଝାଉଁଳି ଯିବି ତାହା ଜାଣିନି । ମୋ ପୂର୍ବରୁ ମୋ ପରିବାରର କେତେ ଫୁଲ ବି ଏଇଠି ଝାଉଁଳି ଯାଇଛନ୍ତି । ମୁଁ ଭାବେ ସେମାନେ ଝାଉଁଳି ପଡ଼ି ମାଟି, ସୂର୍ଯ୍ୟ, ପବନ, ପାଣି, ଆକାଶ ଆଦି ପ୍ରକୃତିଙ୍କୁ ବନ୍ଦନା କରିଛନ୍ତି । ମୋ ଦଶା ସେମିତି ହେବ କି ନାହିଁ, ମୁଁ କହି ପାରିବିନି । ମୁଁ ତ ରାତିକ ପାଇଁ ଫୁଟିଛି । ତୁ ମୋ ଅପେକ୍ଷା ଅଧିକ ସମୟ ରହିବୁ । ହେଲେ ସମୟ କହିବ, କିଏ କୋଉ ଦେବତାଙ୍କ ପାଖରେ ଲାଗିବ ।' ଦୁଇଟି ଫୁଲ କାକରରେ ଭିଜି ପବନରେ ଝୁଲୁ ଥାଆନ୍ତି । ରାତି ପାହାନ୍ତା ହେଲା । ଜଣେ ଫୁଲ ତୋଳିବାକୁ ଆସି ଅନ୍ଧାରରେ ଗେଣ୍ଡୁଗଛ ଉପରେ ପାଦ ପକେଇ ଦେଲେ । ଗେଣ୍ଡୁଗଛର ମୂଳ ଭାଙ୍ଗିଗଲା । ପରଦିନ ମଧ୍ୟାହ୍ନ ବେଳକୁ ସେଇ ଗେଣ୍ଡୁ ଡାଳଟି ଝାଉଁଳି ଯାଇଥିଲା । ଡାଳ ଝାଉଁଳିଲେ ଫୁଲ କୋଉଠି ସତେଜ ରହିବ ! ମନ୍ଦାର ପଚାରିଲା- 'ଭଉଣୀ ! ମୋର ସମୟ ହେଲା; ମୁଁ ଝାଉଁଳି ଗଲିଣି । ଏବେ ତୁ ବି ଝାଉଁଳିବାକୁ ବସିଲୁଣି । କାଲିକୁ ବାସି ଫୁଲ କହି ତତେ କେହି ତୋଳିବେ କି ନାହିଁ ! ଭଉଣୀ ଏ ଜନ୍ମରେ ତ ଏତିକି ଦେଖା ହେଲେ । ଆଉ କେବେ ସାକ୍ଷାତ ହେବ କି ନାହିଁ, କିନ୍ତୁ ମନେ ରଖିବା ଡାଳ ପାଇଁ ଆମେ ଅଛେ । ସେ ଖାଦ୍ୟ ଗ୍ରହଣ କଲେ ଆମେ ସତେଜ ଥାଉ । ଡାଳକୁ ଛାଡ଼ି ଆମର କିଛି ବାହାଦୁରୀ ନାହିଁ ।' ଠିକ୍ ସେମିତି ପରମାତ୍ମା ଡାଳ ହେଲେ ମଣିଷ ଫୁଲଟିଏ । ମଣିଷ ଜୀବନ କ୍ଷଣକ ପାଇଁ । ଏଇ ଅବଧି ଭିତରେ ପୁରୁଷାର୍ଥକୁ ନେଇ ଏତେ ବାହାଦୁରୀ କରିବାନି; ବରଂ ଜୀବନ ସାରା ତାଙ୍କୁ କୃତଜ୍ଞତା ଜଣାଇବା । ତାଙ୍କୁ କୃତଜ୍ଞତା ଜଣାଇଲେ ଜୀବନ ଫୁଲର ଶୋଭା ବଢ଼ିଯାଏ ।

ପଦ୍ମାରବିନ୍ଦ

## ସମ୍ପାଦକଙ୍କୁ ପତ୍ର

# କର୍ମ ନିୟୋଜନ ମାଧ୍ୟମରେ ଦେଶର ପ୍ରଗତି ସମ୍ଭବ

କଲ୍ୟାଣକାରୀ ରାଷ୍ଟ୍ରର ଶାସନ ବ୍ୟବସ୍ଥାରେ ପ୍ରତ୍ୟେକ ଲୋକଙ୍କୁ ନିଶ୍ଚିତ କର୍ମ ନିୟୋଜନ ମାଧ୍ୟମରେ ସହଜରେ ଦେଶର ପ୍ରଗତି ଅଣାଯାଇ ପାରିବ । କାରଣ, ଆମ ଦେଶରେ ମାନବ ସମ୍ବଳର ଅଭାବ ନାହିଁ । ଉଚ୍ଚଶିକ୍ଷିତ, ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଏବଂ ଅଶିକ୍ଷିତ- ସବୁ ବର୍ଗର ମାନବ ସମ୍ବଳକୁ ସୁବିନିଯୋଗ କରି ପାରିଲେ ବିକାଶ ପାଇଁ ବାଧକ ରହିବ ନାହିଁ । କୃଷି ହେଉ କି ଶିଳ୍ପ, ଦପ୍ତର ହେଉ କି ନିର୍ମାଣ ପ୍ରକଳ୍ପ, ଶିକ୍ଷା ହେଉ କି ସ୍ୱାସ୍ଥ୍ୟ ସେବା, ବିଜ୍ଞାନ ହେଉ କି ବୈଷୟିକ କାରିଗରୀ, ବାଣିଜ୍ୟ ହେଉ କି ପରିବହନ, ଏପରିକି କଳା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ ଓ ପର୍ଯ୍ୟଟନ ସବୁ କ୍ଷେତ୍ରରେ ପର୍ଯ୍ୟାପ୍ତ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟିକରି ବେକାରୀ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ଜରୁରୀ । କେବଳ ଗରିବୀ ହଟାଇବା ଯୋଜନା ଜରିଆରେ କୌଣସି କର୍ମ ସଂସ୍ଥାନ ପରିବର୍ତ୍ତେ ଦେଶବାସୀଙ୍କୁ ଆର୍ଥିକ ଭତ୍ତା, ଶସ୍ୟ ଦାନା ଅବା ପଡ଼ି ସାମଗ୍ରୀ ପ୍ରଦାନ କରାଗଲେ ଗୁଡ଼ାଏ ଅଳସୁଆ ତଥା ଅକର୍ମଣ୍ୟ ସୃଷ୍ଟି ହେବା ସହିତ ଦେଶର ଆର୍ଥିକ ମେରୁଦଣ୍ଡ ଦୋହଲି ଯିବା ବିଚିତ୍ର ନୁହେଁ । ତା' ଛଡ଼ା କେଉଁ ବିଦେଶୀ ପ୍ରରୋଚନାରେ ଭଳିଯାଇ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା, ବାଧ୍ୟତାମୂଳକ ଅବା ସ୍ୱେଚ୍ଛାକୃତ ଅବସର ଦେଇ ଲୋକଙ୍କୁ କର୍ମଚ୍ୟୁତ କରିଦେବା ଏବଂ ଦକ୍ଷ ତଥା କୁଶଳୀ ମାନବ ସମ୍ବଳକୁ ଠିକା ଭିତ୍ତିରେ ଦୁରୁପଯୋଗ କରୁଥିବା ବ୍ୟବସ୍ଥା କଦାପି ପ୍ରଗତିର ଲକ୍ଷଣ ହୋଇ ନପାରେ । ଏଣୁ, ସରକାର ସମଗ୍ର ଦେଶର ପ୍ରତିଟି ନାଗରିକଙ୍କୁ ଉପଯୁକ୍ତ କର୍ମ ସଂସ୍ଥାନ ଯୋଗାଇ ଦେବା ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ଅଥବା ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିଲେ ପ୍ରଗତି ଅବଶ୍ୟମ୍ଭାବୀ ହୋଇ ପାରିବ ।

**ଅବନୀ ଚନ୍ଦ୍ର ଦାସ, ସାଇ ସଦନ,**
**ପ୍ରଶାନ୍ତି ବିହାର, ଭୁବନେଶ୍ୱର**

# ଉଦ୍‌ବେଗଜନକ ସମସ୍ୟା

ବର୍ତ୍ତମାନ ଆମ ଦେଶରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଛି । ଧନୀ-ଗରିବ, ଶିକ୍ଷିତ-ଅଶିକ୍ଷିତ, ତରୁଣ-ପ୍ରବୀଣ ଅନୁପାତରେ ପ୍ରାୟ ସମସ୍ତ ବର୍ଗର ଲୋକ ଆତ୍ମହତ୍ୟା କରୁଥିବା ଦେଖିବାକୁ ମିଳୁଛି । ନିଜର ଜୀବନକୁ ଶେଷ କରିଦେବାର ଅର୍ଥ ନିଜେ ନିଜକୁ ହତ୍ୟା କରିବା । ତେଣୁ ଆତ୍ମହତ୍ୟା କରିବା ଆଇନ ଦୃଷ୍ଟିରୁ ଅପରାଧ ବୋଲି ଧରାଯାଏ । ଆତ୍ମହତ୍ୟାର ବିଭିନ୍ନ କାରଣ ମଧ୍ୟରୁ ବିଶେଷକରି ପାରିବାରିକ ସମସ୍ୟା, ଆର୍ଥିକ ସମସ୍ୟା, ଅସୁସ୍ଥତା, ପ୍ରେମ ସମ୍ପର୍କ, ନିଶା ସେବନ, ଋଣ, ଯୌତୁକ ପ୍ରମୁଖ ମୁଖ୍ୟ କାରଣ ବୋଲି ଜଣାପଡ଼ିଛି । ଆତ୍ମହତ୍ୟା ପ୍ରବଣତାକୁ କମ୍ କରିବାକୁ ସରକାରୀ ସ୍ତରରେ , ଏହା ସହ ବିଭିନ୍ନ ସାମାଜିକ ସଂଗଠନ ଦ୍ୱାରା ଏଭଳି ନିରାଶ ଓ ଅସହାୟ ମଣିଷମାନଙ୍କୁ ସଚେତନ କରାଯିବା ସହ ଯଥା ସମ୍ଭବ ସେମାନଙ୍କ ମନୋବଳକୁ ଦୃଢ଼ କରିବା ଆବଶ୍ୟକ ।

**ବୈଷ୍ଣବ ମେହେର, ସିନାପାଲି, ନୂଆପଡ଼ା**

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



## ହାଇସ୍କୁଲ୍‌ରେ ଖେଳ ପଡ଼ିଆ ନିର୍ମାଣ ଦାବି



**କେନ୍ଦ୍ରାପଡ଼ା,୫ା୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତ ହୁରାସାହି ଗ୍ରାମରେ ଥିବା ହୁରାସାହି ହାଇସ୍କୁଲର ଖେଳ ପଡିଆର କାମ ସମ୍ପୂର୍ଣ୍ଣ କରିବାକୁ ହୁରାସାହି ଦୁର୍ଗାପୂଜା କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହାଇସ୍କୁଲ୍ ପଡିଆ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଏବଂ ବିଭିନ୍ନ ଶାରିରୀକ ପରୀକ୍ଷା, କ୍ରୀଡା ଓ ନିଯୁକ୍ତି ପ୍ରସ୍ତୁତି କରୁଥିବା ଯୁବକମାନଙ୍କ ପାଇଁ ଏହା ଗୋଟିଏ ଖେଳ ପଡିଆ ଅଛି। ଖେଳ ପଡିଆଟି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଛାତ୍ରଛାତ୍ରୀମାନେ ଖେଳକୁଦ କରିପାରୁନାହାଁନ୍ତି। ଏହାକୁ ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ନିଜ ଚେଷ୍ଟାରେ ସମତଳ କରିବା ପାଇଁ ବାଲି ମାଟି ପକାଇଥିଲେ। ମାତ୍ର ଅଧିକ ବାଲି ମାଟି ପକାଇବା ପାଇଁ ଆବଶ୍ୟକ ଥିବାରୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ସହଯୋଗ କାମନା କରି ୮ଦିନ ଭିତରେ ଅନୁମତି ପ୍ରଦାନ କଲେ ଗ୍ରାମବାସୀ ଅବଶିଷ୍ଟ ସମତଳ କରିବା କାମ କରିପାରିବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କମିଟିର ସମ୍ପାଦକ ରଘୁନାଥ ବସନ୍ତିଆ, ସଭାପତି କୈଳାସ ବିହାରୀ ମନ୍ତ୍ରୀ, ଯୁଧିଷ୍ଠିର ସ୍ୱାଇଁ, ବଂଶୀଧର ସାହୁ, ସୁନାକର ବିଶ୍ୱାଳ, ରଘୁନାଥ ରାଉତ, ଅନ୍ତର୍ଯାମୀ ସ୍ୱାଇଁ, ଶିଶିରକାନ୍ତ ସେଠୀ, ରତ୍ନାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାମଝିରେ ପିଲର୍, ଯାତାୟତ ବାଧାପ୍ରାପ୍ତ



**କେନ୍ଦ୍ରାପଡ଼ା,୫ା୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା କୁସୁନପୁର ଗ୍ରାମର ଗ୍ରାମବାସୀମାନେ ଉପଜିଲ୍ଲାପାଳଙ୍କୁ ଭେଟି ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ରାସ୍ତା ମଝିରେ ପିଲର ଖୋଳିବାରୁ ଗ୍ରାମବାସୀମାନେ ଯାତାୟତ କରିପାରୁନଥିବା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ, ରାସ୍ତାକୁ ମାଡି ପିଲର କରୁଥିବା ଏବଂ ମାଟି ପକାଇ ସମ୍ପୂର୍ଣ୍ଣ ରାସ୍ତାକୁ ବନ୍ଦ କରିଥିବାରୁ ଯାତାୟତରେ ଅସୁବିଧା ହେବା ସହ ଜରୁରୀକାଳୀନ ଗାଡି, ଆମ୍ବୁଲାନ୍ସ, ଦମକଳ, ସ୍କୁଲବସ୍ ଇତ୍ୟାଦି ଗାଁ ଭିତରକୁ ପ୍ରବେଶ କରିପାରୁନାହିଁ। ଦୀର୍ଘଦିନ ହେଲା ରାସ୍ତା ବନ୍ଦ ଥିବାରୁ ସ୍କୁଲକୁ ପିଲା ଯାତାୟତ କରିପାରୁନାହାଁନ୍ତି। ଏ ବିଷୟରେ ଗ୍ରାମବାସୀ ପୂର୍ବରୁ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ ଉପଜିଲ୍ଲାପାଳଙ୍କ କୋର୍ଟରେ ମାମଲା ଚାଲୁଥିବାରୁ ଗ୍ରାମବାସୀଙ୍କୁ କୌଣସି ସୁଫଳ ନମିଳିବାରୁ ଗ୍ରାମର ଶତାଧିକ ମହିଳା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଭେଟି ତୁରନ୍ତ ସରକାରୀ ଜାଗାରେ ହୋଇଥିବା ପିଲର୍‌କୁ ଭାଙ୍ଗି ଗ୍ରାମବାସୀଙ୍କୁ ଯାତାୟତରେ ସହଯୋଗ କରିବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ସମୟରେ ଅର୍ଚ୍ଚନା ନାୟକ, ଲକ୍ଷ୍ମୀପ୍ରିୟା ନାୟକ, ମମତା ନାୟକ, ଅଞ୍ଜନା ନାୟକ, ସଂଯୁକ୍ତା ନାୟକ, ଗୀତା ନାୟକ, ଜୟନ୍ତୀ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମର ମହିଳା ଉପସ୍ଥିତ ଥିଲେ।

## ସାର ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ବୈଠକ



**କେନ୍ଦ୍ରାପଡ଼ା,୫ା୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାର୍‌ଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଫର୍ଟିଲାଇଜର୍ (ସାର) ପରିଚାଳନା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଚଳିତ ଖରିଫ୍ ଋତୁରେ ସାର କିଭଳି ଭାବରେ ସୁଚାରୁରୂପେ ପରିଚାଳନା କରାଯାଇପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲାରେ ଥିବା ୧୧୮ ଗୋଟି ପ୍ୟାକ୍ସ ଓ ବିତରକ ମାନଙ୍କ ମଧ୍ୟରେ ସାରକୁ ସୁଚାରୁରୂପେ ଚାଷୀଙ୍କ ନିକଟରେ ପହଁଚାଯାଇପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ଚାଷୀ ଯେଭଳି ଭାବରେ ସାର ସୁରୁଖୁରୁରେ ଓ ସରକାରୀ ଦର୍‌ରେ ପାଇପାରିବେ ସେ ବିଷୟରେ ସମସ୍ତେ ଯତ୍ନବାନ ହୋଇ ଚାଷୀଙ୍କୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଜିତ ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ବ୍ଲକ ସ୍ତରୀୟ କୃଷି ଅଧିକାରୀ ଓ ବିତରକମାନେ ଉପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷାରେ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ନାଉଗାଁ,୫ା୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓସ୍ତା), ନାଉଗାଁ ଦ୍ୱାରା ପୂଜ୍ୟ ପୂଜାର ପରମ୍ପରା ଅନୁଯାୟୀ ଏକ ସମ୍ବର୍ଦ୍ଧନା ଉତ୍ସବ ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଗାଁ ହାଟରେ ଓସ୍ତାର ସଭାପତି ସୁକାନ୍ତ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମୁଖ୍ୟ ବକ୍ତା ବିଶିଷ୍ଟ ଶିକ୍ଷାବିତ ଚୌଧୁରୀ ଡଃ ସତ୍ୟ ଦାସ, ସମ୍ମାନନୀୟ ଅତିଥି ସୁଜିତ୍ କୁମାର ପୁହାଣ, ଉପାଧ୍ୟକ୍ଷ ନାଉଗାଁ ପଞ୍ଚାୟତ ସମିତି ଡାକ୍ତର ଅରୁଣ କୁମାର ରାଉତ, ବାବା ଦିବ୍ୟ କୃଷ୍ଣ ଦାସ, ବାବା ନରେନ୍ଦ୍ର ନାଥ ଦାସ, ଓସ୍ତାର ଉପଦେଷ୍ଟା ନିରଞ୍ଜନ ମହାନ୍ତି, ନାଉଗାଁ ସିଆର୍‌ସିସି ଅକ୍ଷୟ କୁମାର ରାଉତ, ସମାଜସେବୀ ଧନଞ୍ଜୟ ପରିଜା ଉପସ୍ଥିତ ରହି ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୨୬ ଏ୧ ପାଇଥିବା ତଥା ନାଉଗାଁ ଅଞ୍ଚଳ ପାଇଁ ଗୌରବ ଆଣିଥିବା କୃତି ଛାତ୍ରଛାତ୍ରୀ ଗାୟତ୍ରୀ ପଲେଇ, ଆଦ୍ୟାଶ ସେଠୀ, ପ୍ରିତିପ୍ରଜ୍ଞା ଦାସ, ତନୁଶ୍ରୀ ଶିଶୁ, ବିଶ୍ୱମ୍ଭର ପାଢ଼ୀ, ଆର୍ ସୃଷ୍ଟି ରାଜ ଓ ଅନାମିକା ବରାଳଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଓସ୍ତାର ସମ୍ପାଦକ ହିମାଂଶୁ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ନଗର ଉନ୍ନୟନ ମନ୍ତ୍ରୀଙ୍କ ଦିନିକିଆ ଅନୁଗୋଳ ଗସ୍ତ

## 'ସହରାଞ୍ଚଳ ଲୋକଙ୍କ ଜୀବନ ଶୈଳୀରେ ଉନ୍ନତି ପାଇଁ ସରକାର ଦୃଢ଼ ପ୍ରତିବଦ୍ଧ'



**ଅନୁଗୋଳ,୫ା୫/ଏନ୍‌ଏନ୍‌ଏସ୍:** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଅନୁଗୋଳ ଗସ୍ତରେ ଆସି ସହରର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଅନେକ ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ପୂର୍ବାହ୍ନରେ ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ର ପରିଦର୍ଶନ କରି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ପରେ ପରେ ଆହାର କେନ୍ଦ୍ର ପରିଦର୍ଶନ କରି ସେଠାକାର ଖାଦ୍ୟର ମାନ ଏବଂ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ତାମଡା ଦ୍ୱାରା ଆୟୋଜିତ ୨୯ତମ ପ୍ରାଧିକରଣ ବୈଠକରେ ଯୋଗଦେଇ ତାମଡ଼ାର ରାଜସ୍ୱ, ଏହାର କାର୍ଯ୍ୟକାରିତା,ବିଭିନ୍ନ ସମସ୍ୟା ଏବଂ ଏହା ଅଧୀନରେ ଥିବା ମାର୍କେଟ କମ୍ପ୍ଲେକ୍ସ,କଲ୍ୟାଣ ମଣ୍ଡପଗୁଡିକର ଉନ୍ନତିକରଣ ତଥା ପୁନରୁଦ୍ଧାର ବିଷୟରେ ଆଲୋଚନା କରିଥିଲେ। ଖାଲିଥିବା ଜାଗାମାନଙ୍କୁ ସହରର ଉନ୍ନତିକରଣ ଯୋଜନାରେ ସାମିଲ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ପାଲଲହଡା ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅନୁଗୋଳ ପୌରପାଳିକାର ଅଧକ୍ଷ ଅକ୍ଷୟ କୁମାର ସାମନ୍ତ,ତାଳଚେର ପୌରପାଳିକାର ଅଧକ୍ଷ ପବିତ୍ର ଭୁତିଆ,ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ବୈଠକରେ ମନ୍ତ୍ରୀ ଯୋଗଦେଇ ସହରର ବର୍ଜ୍ୟବସ୍ତୁ ପରିଚାଳନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ରେ ହିତାଧିକାରୀଙ୍କୁ ଗୃହ ପ୍ରଦାନ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଭେଣ୍ଡିଂ ଜୋନ୍ ସହ ମିଶନ ଶକ୍ତି ମହିଳାମାନଙ୍କ ପାଇଁ ମିଶନ ଶକ୍ତି ଗୃହର ସୁବିଧା, ପିଏମ୍ ସ୍ୱନିଧି ଯୋଜନା, ସହରାଞ୍ଚଳର ବିଶୁଦ୍ଧ ପାନୀୟଜଳ ଯୋଗାଣ, ସ୍ମାର୍ଟ ଷ୍ଟ୍ରିଟ୍ ଲାଇଟ୍ ଉପରେ ଆଲୋଚନା କରିଥିଲେ। ଏହାସହ ପ୍ରାୟ ୫ କୋଟି ୪ ଲକ୍ଷ ୨୨ ହଜାର ୧୮୫ ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ୧୭ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ସହରର ଭିତ୍ତିଭୂମି ଓ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମନ୍ତ୍ରୀ ନୂତନ ଭେଣ୍ଡିଂ ଜୋନ୍, ନୂତନ ଶ୍ମଶାନ,ପାର୍କ, ଓପନ୍ ଜିମର ଶିଳାନ୍ୟାସ ସହିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ, ପୌରପାଳିକାର ଆବର୍ଜନା ଗାଡି (ଏଲସିଭି) ପ୍ରଦାନ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର ସହରାଞ୍ଚଳର ସୁବିଧା ସୁଯୋଗ ବୃଦ୍ଧି ଏବଂ ଜନସାଧାରଣଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ପାଇଁ ପ୍ରତିବଦ୍ଧ ବୋଲି ମନ୍ତ୍ରୀ କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍ତର ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିବା ସହ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଆଲୋଚନା କରିଥିଲେ।

## ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ଲମ୍ବା ଲାଇନ୍



**ପରଜଙ୍ଗ,୫ା୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗରେ ଥିବା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ବହର୍ବିଭାଗରେ ଡାକ୍ତରଙ୍କୁ ପରାମର୍ଶ ପାଇଁ ରୋଗୀଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳୁଛି। ସକାଳ ୮ରୁ ବହୀର୍ବିଭାଗରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ପରଜଙ୍ଗ ବ୍ଲକ୍‌ରେ ୨୯ଟି ପଞ୍ଚାୟତବାସୀ ଓ କଙ୍କଡ଼ାହାଡ଼ ବ୍ଲକ୍‌ର ପ୍ରାୟ ୧୦ଟି ପଞ୍ଚାୟତବାସୀ ଏହି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ପରଜଙ୍ଗ ଅଞ୍ଚଳର ସ୍ଥାନୀୟ ରୋଗୀ ଓ ସମ୍ପର୍କୀୟମାନେ ସକାଳ ୮ଟା ବେଳକୁ ଲାଇନ୍‌ରେ ଛିଡା ହୋଇଯାଆନ୍ତି। ଫଳରେ ଦୂର ଦୂରାନ୍ତ ଗ୍ରାମରୁ ଆସୁଥିବ ରୋଗୀ ଓ ସମ୍ପର୍କୀୟମାନେ ସେହି ଲାଇନରେ ଛିଡା ହେବାକୁ ହେଲେ ପ୍ରତିଯୋଗୀତା କରିବାକୁ ପଡୁଛି। ନଚେତ ଶେଷରେ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ କରୁଛନ୍ତି। ସେଥିପାଇଁ ଲାଇନରେ ଠିଆ ହେବା ପାଇଁ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରତିଯୋଗିତା କରିବାକୁ ପଡୁଛି। ମହିଳା ଓ ବରିଷ୍ଠ ରୋଗୀମାନେ ଛିଡ଼ା ହେବା ପାଇଁ ଅକ୍ଷମ, ସେଥିପାଇଁ ରୋଗୀ ସମ୍ପର୍କୀୟମାନେ କଷ୍ଟ ହେଲେ ମଧ ଲାଇନ୍‌ରେ ଛିଡା ହେବାକୁ ପଡୁଛି। ଦୂର ପଞ୍ଚାୟତରୁ ଆସୁଥିବ ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଅତିଷ୍ଠ ହୋଇ ପଡୁଛନ୍ତି। ଅତି ଖରା ଏବଂ ବିଳମ୍ବ ପାଇଁ ପ୍ରତିଯୋଗୀତା କରିବାକୁ ପଡୁଛି। ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ୨୧ ଜଣ ଡାକ୍ତରଙ୍କ ସ୍ଥାନରେ ଆୟୁଷ ଡାକ୍ତରଙ୍କ ସହ ମାତ୍ର ୭ ଜଣ କାର୍ଯ୍ୟରତ ଡାକ୍ତର। ବାହିର୍ବିଭାଗରେ ଆୟୁଷ ଡାକ୍ତରଙ୍କୁ ସମ୍ଭାଳିବାକୁ ପଡୁଛି। ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ମୁକ୍ତାପସି, ଦଦରାଘାଟି, କୁମୁସୀ, ଲୋଧଣି ଓ ପାଟରପଦା ଆଦି ୫ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଥିବା ବେଳେ ଡାକ୍ତରଙ୍କ ଅଭାବ ପାଇଁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଏକାଧାରରେ ସ୍ୱାସ୍ଥ୍ୟ ସେବା ଭୁଷୁଡି ପଡ଼ିଛି। ଡାକ୍ତର ଜଣେ ଛୁଟିରେ ରହିଲେ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ଅବସ୍ଥା ଅସମ୍ଭାଳ ହୋଇ ପଡୁଛି। ଖରାଦିନ ପାଇଁ ଅଂଶୁଘାତ ଏବଂ ଝାଡା ବାନ୍ତି ରୋଗୀଙ୍କ ମୁକାବିଲା ପାଇଁ ଉଚିତ ଚିକିସା ଓ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରଙ୍କ ନିତ୍ୟାନ୍ତ ଆବଶ୍ୟକ ରହିଛି। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଅଞ୍ଚଳବାସୀ ଓ ରୋଗୀ ସମ୍ପର୍କୀୟମାନେ ଆବଶ୍ୟକ ଡାକ୍ତର ଓ କର୍ମଚାରୀଙ୍କ ଖାଲି ପଦବୀପୂରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ଥାନୀୟ ବିଧାୟକଙ୍କୁ ନିବେଦନ କରିଛନ୍ତି।

## ଝାଲ୍ ମୁଢ଼ି ବାଣ୍ଟି ବିଜୟ ଉତ୍ସବ ପାଳିଲେ ବିଧାୟକ



**ଜଗତସିଂହପୁର,୫ା୫/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ସାନବଜାର ସ୍ଥିତ ଥାନା ଛକ ଠାରେ ପଶ୍ଚିମବଙ୍ଗ, ଆସାମ, ପୁଡୁଚେରୀରେ ବିଜେପି ସରକାରର ବୃହତ ବିଜୟ ଉତ୍ସବ ପାଳିଲେ ବିଜେପି ବିଧାୟକ ଓ ଦଳୀୟ କର୍ମୀ। ଏହି ଉତ୍ସବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଜେପି କର୍ମୀମାନଙ୍କୁ ଝାଲ ମୁଢ଼ି ବାଣ୍ଟି ଉତ୍ସବ ମନାଇଥିଲେ। ଏଥିସହିତ ବାଣ ଫୁଟାଇ ବାଜା ବଜାଇ ଧୁମଧାମରେ ଉତ୍ସବ ପାଳିଛନ୍ତି। ଭାରତ ମାତାକି ଜୟ, ନରେନ୍ଦ୍ର ମୋଦୀ, ଧର୍ମେନ୍ଦ୍ର ପ୍ରଧାନ ଜିନ୍ଦାବାଦ ଜିନ୍ଦାବାଦ, ହେମନ୍ତ ସୋରେନ ଜିନ୍ଦାବାଦ, ବିଜେପି ଜିନ୍ଦାବାଦ, ମୋହନ ମାଝୀ ଜିନ୍ଦାବାଦ, ମନମୋହନ ସାମଲ ଜିନ୍ଦାବାଦ ସ୍ଲୋଗାନ୍‌ରେ ପ୍ରକମ୍ପିତ ହୋଇଥିଲା। ଏହାପରେ ଜଗତସିଂହପୁର ବିଧାୟକ ଶ୍ରୀ ଦାସଙ୍କୁ କର୍ମୀମାନଙ୍କୁ ଝାଲ ମୁଢ଼ି ଖୁଆଇ ଖୁସୀ ମନାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଉପସଭାପତି ସୌଭାଗ୍ୟ ମହାନ୍ତି, ଜଗତସିଂହପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଜଗନ୍ନାଥ ଦାସ, ବିଧାୟକଙ୍କ ନଗର ପ୍ରତିନିଧି ସୁଶାନ୍ତ ରଞ୍ଜନ ସ୍ୱାଇଁ, ପୌର ପରିଷଦ ପାରିଷଦ ଦେବାଶିଷ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ଦେବୀ ପ୍ରସାଦ ସାହାଣୀ, ସ୍ୱସ୍ତିମୟୀ ରାୟ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବରୋଦା ପ୍ରସନ୍ନ ରାୟ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, ଅଶୋକ ଭୋଇ, ସଞ୍ଜୟ ପଲାଉ, ସମୀର ପଟ୍ଟନାୟକଙ୍କ ସମେତ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଯୋଗଦେଇ ବିଜୟ ଉତ୍ସବ ପାଳିଛନ୍ତି।

## ପିଏମ୍‌ଶ୍ରୀ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



**ଆଳି,୫ା୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଫଳ ମାଟ୍ରିକ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ, ମୁଖ୍ୟ ଅତିଥି ଭାବେ ଆଳିର ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦାଶ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ହାଇସ୍କୁଲ୍ ପରୀକ୍ଷା ଛାତ୍ରଛାତ୍ରୀମାନଙ୍କ ଦୁର୍ବଳ ପ୍ରଦର୍ଶନ ପାଇଁ ଶିକ୍ଷା ବ୍ୟବସ୍ଥାକୁ ଦାୟୀ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟ, ଉଦ୍ଦେଶ୍ୟ ବିହିନ ପାଠପଢ଼ା ଓ ମୋବାଇଲ ଛାଡ଼ି ମନ, ମୁନ ଓ ଚୈତନ୍ୟ ଲଗାଇ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଆଳିର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ମଲିକ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଅଧ୍ୟାବସାୟ ସଫଳତାର ଚାବିକାଠି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ପାଇଁ ସର୍ବୋଚ୍ଚ ନମ୍ବର ରଖି ଗର୍ବ ଗୌରବ ଆଣିଥିବା ଛାତ୍ରଛାତ୍ରୀ ଆଶିଷ କୁମାର ସାହୁ, ଅଭିଜିତ ସାହୁ, ଅମିୟ ରଞ୍ଜନ ଧଳ ଏବଂ ସୁଶ୍ରୀ ସ୍ମିତପ୍ରଜ୍ଞା ରାଉତଙ୍କୁ ଟ୍ରଫି, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବପ୍ରସାଦ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ, ବିଦ୍ୟାଳୟର ଶିକ୍ଷକ ବନମାଳୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ଶିକ୍ଷା ବର୍ଷର ସମସ୍ତ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ବଞ୍ଚିତ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ରାଶି ପ୍ରଦାନ

**ଯାଜପୁର,୫ା୫/ଏନ୍‌ଏନ୍‌ଏସ୍:** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ସୁଭଦ୍ରା ଯୋଜନାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତି ପାଇବାରୁ ବଞ୍ଚିତ ହୋଇଥିବା ହିତାଧିକାରୀମାନଙ୍କୁ ସୁଭଦ୍ରା ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ୧୩୪୫ ଜଣଙ୍କୁ ପ୍ରଥମ କିସ୍ତି, ୧୩୭୭ ଜଣଙ୍କୁ ଦ୍ୱିତୀୟ କିସ୍ତି, ୬୦୨୭ ଜଣଙ୍କୁ ତୃତୀୟ କିସ୍ତିର ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ କରାଯାଇଥିଲା।

### ଘର ନିର୍ମାଣକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣା

## ଜଣେ ମୃତ, ୭ ଆହତ : ୩ ଅଭିଯୁକ୍ତ କୋର୍ଟଚାଲାଣ



**ଯାଜପୁର,୫ା୫/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାର ସଦର ଥାନା ଅନ୍ତର୍ଗତ ଜାଫର୍‌ପୁର ପଞ୍ଚାୟତ ବଡ ତ୍ରିଲୋଚନ ପୁର ଗ୍ରାମରେ ଜମିବାଡ଼ିକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ। ଗଣ୍ଡଗୋଳରେ ଜଣେ ମୃତ,୭ ଆହତ ଓ ୩ ଅଭିଯୁକ୍ତ କୋର୍ଟଚାଲାଣ। ଘଟଣାରୁ ପ୍ରକାଶ, ବଡ଼ ତ୍ରିଲୋଚନପୁର ଗ୍ରାମର ଏକ ବିବାଦୀୟ ଜମିରେ ଘର ନିର୍ମାଣକୁ ନେଇ ଗୋବିନ୍ଦ ଘଡ଼େଇ (୬୨) ଓ ନରେନ୍ଦ୍ର ଘଡ଼େଇ ପରିବାର ମଧ୍ୟରେ ବିବାଦ ଲାଗିଥିଲା। ବିବାଦୀୟ ଜମି ଉପରେ କୋର୍ଟରେ ମକଦ୍ଦମା ଚାଲୁ ରହିଥିବାବେଳେ ଉକ୍ତ ବିବାଦୀୟ ଜମି ଉପରେ ନରେନ୍ଦ୍ର ଘଡ଼େଇ ଘର ନିର୍ମାଣ କରିଥିଲେ। ଏହି ଘର ନିର୍ମାଣକୁ ଗୋବିନ୍ଦ ଘଡ଼େଇ ବିରୋଧ କରିବାରୁ ନରେନ୍ଦ୍ର ଘଡ଼େଇ ଓ ତାର ବନ୍ଧୁ ବାନ୍ଧବ ସହଯୋଗୀମାନେ ମିଳିତ ଭାବେ ଗୋବିନ୍ଦଙ୍କୁ ଠେଙ୍ଗା ବାଡ଼ି ଓ ମାରଣାସ୍ତ୍ରରେ ମରଣାତ୍ମକ ଆକ୍ରମଣ କରିଥିଲେ। ଖବରପାଇ ଗୋବିନ୍ଦଙ୍କ ଦୁଇପୁଅ ସଞ୍ଜୟ, ସରୋଜ ଓ ଗୋବିନ୍ଦର ପତ୍ନୀ ଓ ଝିଅ ଘଟଣାସ୍ଥଳକୁ ଯିବାବେଳେ ବିପକ୍ଷପକ୍ଷ କଟୁରୀ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ସଦର ପୁଲିସ ଖବରପାଇ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିବାରୁ ଗ୍ରାମବାସୀମାନେ ଗୁରୁତର ଆହତ ଗୋବିନ୍ଦଙ୍କୁ ଏକ ଗାଡ଼ିରେ ଜିଲ୍ଲା ମୁଖ୍ୟ ଚିକିସାଳୟକୁ ନେଇଥିଲେ। ହେଲେ ମେଡିକାଲରେ ପହଞ୍ଚିବା ବେଳକୁ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ମୃତ ଗୋବିନ୍ଦଙ୍କ ପତ୍ନୀ, ଝିଅ ଓ ଦୁଇପୁଅ ସରୋଜ, ସଞ୍ଜୟ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିସାଳୟରେ ଚିକିସିତ ହେଉଥିବାବେଳେ ବିପକ୍ଷ ପକ୍ଷର ନରେନ୍ଦ୍ର ଘଡ଼େଇଙ୍କ ସମ୍ପର୍କୀୟ ଦିବ୍ୟଜ୍ୟୋତି ବେହେରା ଗୁରୁତର ଆହତ ହୋଇ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିସାଳୟ ଓ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛି। ଗୌତମ ଦାସ ଜିଲ୍ଲା ମୁଖ୍ୟ ଚିକିସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଏନେଇ ମୃତ ଗୋବିନ୍ଦଙ୍କ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଏତଲା ଦିଆଯାଇଛି। ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଅଧିକ ଗଣ୍ଡଗୋଳକୁ ଆଶଙ୍କା କରି ଘଟଣା ସ୍ଥଳରେ ପୋଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡିଛି। ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏହି କେସ୍‌କୁ ପିଏସ କେସ ନମ୍ବର - ୧୬୧ ରେ ପଞ୍ଜୀକୃତ କରାଇ ତଦନ୍ତ ଜୋରଦାର ଚଳାଇଥିଲା। ଆଜି ସଦର ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏହି ତିନ ଅଭିଯୁକ୍ତ ହେଲେ ପଦ୍ମନାଭ ରାଉତ (୨୪), ସସ୍ମିତା ସାମଲ (୪୫) ଓ ଦିବ୍ୟଜ୍ୟୋତି ବେହେରା( ୩୧ )ଙ୍କୁ ପୁଲିସ ଅଭିଯୁକ୍ତ ଭାବେ ଚିହ୍ନଟ କରି ଗିରଫ କରି କୋର୍ଟଚାଲାଣ କରିଛି।

# ‘ଲକ୍ଷ୍ମୀ ବସ୍’ ସେବା ପାଇଁ ରାଜରାସ୍ତାରେ ଆନନ୍ଦପୁରବାସୀ



**ଧାମନଗର,୫ା୫/ଏନ୍‌ଏନ୍‌ଏସ୍:** ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତି ଓ ଚରମ ଅବହେଳା ବିରୋଧରେ ଧାମନଗର ବ୍ଲକ୍‌ର ଖଡ଼ିପଦା ଛକରେ ବିଶାଳ ପ୍ରତିବାଦ ଦେଖିବାକୁ ମିଳିଥିଲା। ଆନନ୍ଦପୁର ପଞ୍ଚାୟତକୁ ‘ଲକ୍ଷ୍ମୀ ବସ୍’ ସେବାରୁ ବଞ୍ଚିତ ରଖାଯିବା ପ୍ରତିବାଦରେ ଶହ ଶହ ପଞ୍ଚାୟତବାସୀ ସକାଳୁ ରାସ୍ତା ଅବରୋଧ କରି ପ୍ରଶାସନ ବିରୋଧରେ ଗର୍ଜିଛନ୍ତି। ଯୁବନେତା ସଞ୍ଜୟ ମିଶ୍ର ଓ ଅରୁଣ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନ ଏତେ ବ୍ୟାପକ ଥିଲା ଯେ ପଧାନି ଓ ଦୋବଲ୍ ଦେଇ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ୍‌କୁ ଆନ୍ଦୋଳନକାରୀମାନେ ଅଟକାଇ ଦେଇଥିଲେ। ଘଟଣାର ଗମ୍ଭୀରତାକୁ ଦେଖି ଧାମନଗର ବିଡିଓ ବନବିହାରୀ ଦିନ୍ଦା ଟେଲିଫୋନ୍ ଯୋଗେ ଆନ୍ଦୋଳନକାରୀଙ୍କୁ ସମ୍ପର୍କ କରିଥିଲେ। ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଓଏସ୍‌ଆର୍‌ଟିସି ବ୍ଲକ୍ ସୁପରଭାଇଜର୍ ଘଟଣାସ୍ଥଳରେ ପହଞ୍ଚି ଆସନ୍ତା ୨୦ ଦିନ ମଧ୍ୟରେ ଧାମନଗର-ଆନନ୍ଦପୁର ଭାୟା ଖଡ଼ିପଦା ରୁଟ୍‌ରେ ବସ୍ ଚଳାଚଳ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଯାଇ ରାସ୍ତାରୋକ ହଟିଥିଲା।

ପୂର୍ବ ସରକାର ଗ୍ରାମାଞ୍ଚଳର ପରିବହନ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ‘ଲକ୍ଷ୍ମୀ ବସ୍’ ଯୋଜନା ମାଧ୍ୟମରେ ମାତ୍ର ୫ ଟଙ୍କାରେ ପଞ୍ଚାୟତରୁ ବ୍ଲକ୍ ଏବଂ ଜିଲ୍ଲା ମୁଖ୍ୟାଳୟକୁ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖିଥିଲେ। ଧାମନଗରରୁ ଆନନ୍ଦପୁର ହୋଇ ସୋହଡ଼ା ଓ ଖଡ଼ିପଦା ଦେଇ ବସ୍ ଚଳାଚଳ ପାଇଁ ରୁଟ୍ ଚୂଡ଼ାନ୍ତ ହୋଇଥିଲା ଯଦ୍ୱାରା ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉତ୍ତେଇପୁର

**୨୦ ଦିନ ମଧ୍ୟରେ ସମାଧାନର ପ୍ରତିଶ୍ରୁତି ଦେଲା ପ୍ରଶାସନ**

**ପ୍ରତିଶ୍ରୁତି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ**

ଗ୍ରାମର ହଜାର ହଜାର ଲୋକ ଉପକୃତ ହୋଇଥାନ୍ତେ। ମାତ୍ର ଦୀର୍ଘ ଦିନ ଏହି ଦାବି କେବଳ କାଗଜପତ୍ରରେ ସୀମିତ ରହିଛି। ଗ୍ରାମବାସୀ ବାରମ୍ବାର ଭଦ୍ରକ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଗୁହାରି କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳିଥିଲା। ଗତ ଏପ୍ରିଲ୍ ୨୭ ତାରିଖରେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ମେ’ ୫ ସୁଦ୍ଧା ବସ୍ ଚଳାଚଳ ନହେଲେ ଆନ୍ଦୋଳନ ପାଇଁ ଶେଷ ଚେତାବନୀ ଦିଆଯାଇଥିଲା। ପ୍ରଶାସନର ନିଦ ନଭାଙ୍ଗିବାରୁ ମଙ୍ଗଳବାର ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ସାମିଲ୍ ହୋଇଥିଲେ। ସରୋଜ ଖୁଣ୍ଟିଆ, ରାଜେଶ ମିଶ୍ର, ସୁଦାମ ବାରିକ, ଶ୍ରୀତମ ଖୁଣ୍ଟିଆ, ଜ୍ୟୋତି ନାରାୟଣ ପୋଥାଳ, ସାଗର ମିଶ୍ର, ବିଷ୍ଣୁ ଚରଣ ଦାସ, ଧନେଶ୍ୱର ସେଠୀ, ଧୀରେନ୍ଦ୍ର ଆଦିଆ, ପ୍ରକାଶ ଦାସ, ଶୁକଦେବ ଜେନା ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରଶାସନିକ ଅବହେଳାକୁ ତୀବ୍ର ସମାଲୋଚନା କରିଥିଲେ। ୨୦ ଦିନ ମଧ୍ୟରେ ଯଦି ବସ୍ ଚକା ନଗଡ଼େ ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଏ-୧ ଗ୍ରେଡ୍‌ଧାରୀଙ୍କୁ ସମ୍ବର୍ଦ୍ଧନା



**ସୋର,୫ା୫/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷାଫଳ ବେଶ୍ ଭଲ ହୋଇଛି। ଏଥିରେ ସୋର ବ୍ଲକ୍ ଓ ପୌରପାଳିକା ସାରା ରାଜ୍ୟରେ ସୁନାମ ଅର୍ଜନ କରିଛି। ତେଣୁ ବିଧାୟକ ମାଧବ ଧଡ଼ାଙ୍କ ଆହ୍ୱାନକ୍ରମେ ଏ-୧ ଗ୍ରେଡ୍‌ଧାରୀଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାନ୍ତି, ଯଦୁନାଥ ଦୀକ୍ଷିତ, ଜିଲ୍ଲାପରିଷଦ ସଭ୍ୟ ଜୟରାମ ଦାସ, ସୋର ବ୍ଲକ୍ ଅଧ୍ୟକ୍ଷା ଅନୁସୂୟା ମଲିକ, ସୋର ବ୍ଲକ୍ ବିଜେଡି ସଭାପତି ଶଙ୍କର୍ଷଣ ବାରିକ, ସୋର ପୌରପାଳିକା ଉପାଧ୍ୟକ୍ଷ ଲୋକନାଥ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୋଟ ୪୪ ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୋର ଗୋଷ୍ଠୀ ଉନ୍ନୟନ ଅତିରିକ୍ତ ଶିକ୍ଷାଧିକାରୀ ସୋମନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସର୍ବଭାରତୀୟ ଓପନ୍ କରାଟେ ଚାମ୍ପିଅନଶିପ୍**

## ବାରିପଦା ଉତ୍କଳ କରାଟେ ସ୍କୁଲ୍‌କୁ ୨୬ ସ୍ୱର୍ଣ୍ଣ ପଦକ



**ବାରିପଦା,୫ା୫/ଏନ୍‌ଏନ୍‌ଏସ୍:** ରାଞ୍ଚିର ହରିବଂଶ ତାନାଭଗତ ଇଣ୍ଡୋର ଷ୍ଟାଡିୟମ୍‌ରେ ତୃତୀୟ ସିକୋକାଇ ସର୍ବଭାରତୀୟ ଓପନ୍ କରାଟେ ଚାମ୍ପିଅନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାରିପଦା ଉତ୍କଳ କରାଟେ ସ୍କୁଲ୍‌ର ୩୨ ଜଣ ପ୍ରତିଯୋଗୀ କ୍ୟୋନସି ଶ୍ରୀକାନ୍ତ ବାରିକ ଓ ମୁଖ୍ୟ ପ୍ରଶିକ୍ଷକ ରେଂଶି ସୁଶାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିଲେ। ସେଥିମଧ୍ୟରୁ ୨୬ ଜଣ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍କୁଲ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଆସିଥିବା ଉପନିର୍ଦ୍ଦେଶକ କରୁଣାକର ହେମ୍ବ୍ରମ୍ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସେକ୍ ଅତିଉଲ୍ଲା ଜିଲ୍ଲା ସଂଖ୍ୟାଲଘୁ ସଭାପତି ମନୋନୀତ

**ସୋର,୫ା୫/ଏନ୍‌ଏନ୍‌ଏସ୍:** ସୋର ତଥା ବାଲେଶ୍ୱର ଜିଲ୍ଲାର ବରିଷ୍ଠ ଆଇନଜୀବୀ ସେକ୍ ଅତିଉଲ୍ଲାଙ୍କୁ ବିଜେପିର ବାଲେଶ୍ୱର ଜିଲ୍ଲା ସଂଖ୍ୟାଲଘୁ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଅତିଉଲ୍ଲା ଦୀର୍ଘଦିନ ଧରି ସୋର ଏବଂ ବାଲେଶ୍ୱରରେ ଆଇନଜୀବୀ ଭାବେ କାର୍ଯ୍ୟ କରିବା ସହ ରାଜନୈତିକ ସଂପୃକ୍ତି



ଥାଇ ସଂଖ୍ୟାଲଘୁ ଲୋକଙ୍କ ସମସ୍ୟା ସୁଚାରୁ ରୂପେ ତୁଲାଉଥିଲେ। ପରେ ଅତିଉଲ୍ଲା ସାଂସଦ ପ୍ରତାପ କୁମାର ଷଡ଼ଙ୍ଗୀ, ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଓ ପ୍ରାକ୍ତନ ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ଧନ୍ୟବାଦ ଦେବାସହ ଦଳୀୟ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ଏବଂ ଦଳର ଆଭିମୁଖ୍ୟକୁ ସଂଖ୍ୟାଲଘୁ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ବଦ୍ଧପରିକର ରହିବି ବୋଲି କହିଛନ୍ତି।

**ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜିଲ୍ଲା ସଭାପତି ମନୋନୀତ**

## ଆଗାମୀ ଦିନରେ ପଞ୍ଚାୟତ ଦଖଲ କରିବ ବିଜେଡି

**ଖଇରା,୫ା୫/ଏନ୍‌ଏନ୍‌ଏସ୍:** ସିମୁଳିଆ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦ୍ୱିତୀୟଥର ପାଇଁ ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଖଇରା ବ୍ଲକ୍‌ର ଡୁଙ୍ଗୁରାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ବିଜେଡି ସଭାପତି ରାଜେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟା ସୁଷମା ମହାପାତ୍ର, ସିମୁଳିଆ ବ୍ଲକ୍ ସଭାପତି ଉମାକାନ୍ତ ମହାନ୍ତି, ରଟିଣା ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ମହାନ୍ତି ଓ ଯୁବନେତା ବିଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ନିର୍ବାଚନମଣ୍ଡଳୀ ଏବଂ ଜିଲ୍ଲାରେ ବିଜେଡି ଶକ୍ତିଶାଳୀ ହେବାସହ ଦୁର୍ନୀତି ଚଳାଇଥିବା ବିଜେପି ସରକାରଙ୍କୁ



ହଟାଇବାକୁ ସକ୍ଷମ ହେବ। ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ ସେ ୧୦ ବର୍ଷ ଧରି ବିଧାୟକ ଓ ମନ୍ତ୍ରୀ ପଦବିରେ ରହିବା ସମୟରେ ସେବାକୁ ଗୁରୁତ୍ୱ ଦେଇ ଆସିଥିଲେ। କ୍ଷମତାରୁ ଯିବା ପରେ ମଧ୍ୟ ସେ ସେବା ମନୋଭାବରୁ କେବେ ବିଚ୍ୟୁତ ହୋଇନାହାନ୍ତି। ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନରେ ବିଜେଡି କିଭଳି ପଞ୍ଚାୟତ ଓ ଜିଲ୍ଲା ଦଖଲ କରିବ ସେଥିପାଇଁ ପ୍ରତ୍ୟେକ ବିଜେଡି କର୍ମୀଙ୍କୁ ଜଣେ ଜଣେ ଆଗଧାଡ଼ିର ସୈନିକ ଭଳି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଶ୍ରୀ ପାଣିଗ୍ରାହୀ ଆହ୍ୱାନ ଜଣାଇଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ତୁରନ୍ତ ପ୍ରାକ୍ଟିସିଂ ହସ୍ପିଟାଲ୍ ସ୍ଥାନାନ୍ତର ଦାବି

**ବାରିପଦା,୫ା୫/ଏନ୍‌ଏନ୍‌ଏସ୍:** ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଏକତ୍ର ଚାଲୁ କରିବା ପାଇଁ ସୋସିଆଲ୍ ୱେଲଫେୟାର୍ ଫୋରମ୍ ପକ୍ଷରୁ ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମେଡିକାଲ୍ କଲେଜର ପ୍ରାକ୍ଟିସିଂ ହସ୍ପିଟାଲ୍‌କୁ ରଙ୍ଗାମାଟିଆସ୍ଥିତ କଲେଜକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ଅଭିଯୋଗ ମୁତାବକ ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଓଡ଼ିଶାର ୪ର୍ଥ ସରକାରୀ ମେଡିକାଲ୍ କଲେଜ ଭାବେ ୨୦୧୭ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ପ୍ରାୟ ୯ ବର୍ଷରୁ ଊର୍ଦ୍ଧ୍ୱ କାଳ କାର୍ଯ୍ୟକ୍ଷମ ଥିଲେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାରିପଦାରୁ ସମସ୍ତ କ୍ଲିନିକାଲ୍ ବିଭାଗ ଏଯାବତ୍ ମେଡିକାଲ୍ କଲେଜ କ୍ୟାମ୍ପସ୍‌କୁ ସ୍ଥାନାନ୍ତର ହୋଇନାହିଁ। ପିଆର୍‌ଏମ୍ ମେଡିକାଲ୍ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉଭୟ ଏକା ବିଲ୍ଡିଂରେ କାର୍ଯ୍ୟ କରୁଛନ୍ତି। ଏଣୁ ବିଭିନ୍ନ ବିଭାଗର ରୋଗୀଙ୍କୁ କରିଡର୍‌ରେ ରଖାଯାଉଛି ଏବଂ ସହାୟକଙ୍କ ପାଇଁ କୌଣସି ସ୍ଥାନ ନାହିଁ। ସ୍ୱତନ୍ତ୍ର ନବଜାତ ଶିଶୁଯତ୍ନ କେନ୍ଦ୍ର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ବେଡ୍ ଅଭାବରୁ ନବଜାତ ଶିଶୁଙ୍କୁ କରିଡର୍‌ର ଚଟାଣରେ



ରଖାଯାଉଛି ଯାହା ଅସ୍ୱାସ୍ଥ୍ୟକର ଓ ଅସୁରକ୍ଷିତ ପରିସ୍ଥିତି ସୃଷ୍ଟି କରୁଛି। କେନ୍ଦୁଝରରେ ଧରଣୀଧର ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ୨୦୨୨ ମସିହାରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦୁଝରରୁ ସମସ୍ତ ବିଭାଗ ଇତିମଧ୍ୟରେ ନୂତନ ମେଡିକାଲ୍ କଲେଜକୁ ସ୍ଥାନାନ୍ତର ହୋଇସାରିଛି। ମାତ୍ର ବାରିପଦାରେ ଏହା ସମ୍ଭବ ହୋଇପାରି ନଥିବାରୁ ରୋଗୀ ଏବଂ ତାଙ୍କ ସହଯୋଗୀମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ତୁରନ୍ତ ପିଆର୍‌ଏମ୍ ମେଡିକାଲ୍ କଲେଜର ପ୍ରାକ୍ଟିସିଂ ହସ୍ପିଟାଲ୍‌କୁ ରଙ୍ଗାମାଟିଆସ୍ଥିତ କଲେଜ କ୍ୟାମ୍ପସ୍‌କୁ ସ୍ଥାନାନ୍ତର ପାଇଁ ଦାବି ହୋଇଛି। ଏହି ପ୍ରତିନିଧୀ ମଣ୍ଡଳୀରେ ବିଶ୍ୱଜିତଙ୍କ ସହ ରାଜୀବ କୁମାର ଜେନା, ବୁଦ୍ଧଦେବ କର, ପ୍ରଦୀପ କୁମାର ମିସ୍ତ୍ରୀ, ଆନନ୍ଦାନନ୍ଦ ଶଙ୍ଖୁଆ, ମାନସ ରଞ୍ଜନ ସ୍ୱାଇଁ, ମନୋଜ ବେହେରା, ତପନ କୁମାର ମଣ୍ଡଳ, ବିକର୍ତ୍ତନ ଲେଙ୍କା, ଯୋଗେଶ୍ୱର ପାଲବାବୁ, ସୌରେନ୍ଦ୍ର ପଟ୍ଟନାୟକ ଓ ହରେନ୍ଦ୍ର ନାୟକ ପ୍ରମୁଖ ସାମିଲ୍ ଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

**ବାଲେଶ୍ୱର,୫ା୫/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ରୂପ୍ସା ନୀଳମଣି ମହାବିଦ୍ୟାଳୟ କର୍ମଚାରୀ ପରିଷଦ ଆନୁକୂଲ୍ୟରେ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନ୍‌ଷ୍ଟ୍ରେଟର୍ ବାସନ୍ତୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି, ପ୍ରାଧ୍ୟାପିକା କଳ୍ପନାମଞ୍ଜରୀ ପାତ୍ର, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଅଧ୍ୟାପକ ଶମ୍ଭୁନାଥ ଗିରି, ସତ୍ୟେନ୍ଦ୍ର କୁମାର ପାଲ, ବିଜୟ କୁମାର ବେହେରା, ଡ. ତପନ କୁମାର ଦାସ ଓ



ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରୀମତୀ ସାହୁଙ୍କ ଚାକିରି ଜୀବନର ଗାଥା ଆଲୋଚନା କରିଥିଲେ। ଶ୍ରୀମତୀ ସାହୁ ୧୯୮୭ରୁ ୨୦୨୬ ପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନ୍‌ଷ୍ଟ୍ରେଟର୍ ଭାବେ ଦୀର୍ଘ ୩୯ ବର୍ଷ ନିରବଚ୍ଛିନ୍ନ ସେବା ପ୍ରଦାନ କରି ଚାକିରି କ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି।

## ଏଫ୍‌ଏମ୍‌ୟୁରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର



**ବାଲେଶ୍ୱର,୫ା୫/ଏନ୍‌ଏନ୍‌ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଚଳିତ ମାସ ୨୪ରେ ସମାପ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଏନ୍‌ଇପି-୨୦୨୦ ଓ ଭାରତୀୟ ଜ୍ଞାନ ପରମ୍ପରାର ଧାରଣାକୁ ଆଧାର କରି ସଂଗଠିତ ହୋଇଛି। ଏହି କାର୍ଯ୍ୟକ୍ରମ ସମାଜଶାସ୍ତ୍ର, ରାଜନୀତି ବିଜ୍ଞାନ, ଅର୍ଥନୀତି, ଇତିହାସ, ମାନବଶାସ୍ତ୍ର, ପ୍ରୟୋଗମୂଳକ ମନୋବିଜ୍ଞାନ, ସାମ୍ବାଦିକତା ଓ ଗଣମାଧ୍ୟମ, ଜନସଂଖ୍ୟା ଅଧ୍ୟୟନ ଏବଂ ସମାଜ କାର୍ଯ୍ୟ ବିଭାଗଙ୍କ ଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆଧାରିତ ଅଧ୍ୟୟନ, ଗବେଷଣାମୁଖୀ ଦୃଷ୍ଟିଭଙ୍ଗୀ ଓ ସମକାଳୀନ ସାମାଜିକ ଚିତ୍ର ସହ ସମ୍ପୃକ୍ତ ହେବା ପାଇଁ ଉଦ୍ଦିଷ୍ଟ। କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏପରି ପ୍ରୟାସ ଅନୁଭବମୂଳକ ଶିକ୍ଷା ଓ ଶିକ୍ଷାଗତ କୁଶଳତାକୁ ସୁଦୃଢ଼ କରିବାରେ କିପରି ଭୂମିକା ନେଉଛି ତାହା ଉଲ୍ଲେଖ କରିଥିଲେ। ଏଥିରେ ପ୍ରଫେସର୍ ପବିତ୍ର ମୋହନ ନାୟକ ଏହାର ଶିକ୍ଷାଗତ ମହତ୍ତ୍ୱ ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ଭାସ୍କର ବେହେରା ସାମାଜିକ ବିଜ୍ଞାନ ଶିକ୍ଷା ଓ ଗବେଷଣାରେ ଅନୁଶାସନିକ ପ୍ରବୃତ୍ତିର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଏହାସହ ଯୋଗଦେଇଥିବା ୧୭୦ ଜଣ ଛାତ୍ରଛାତ୍ରୀଙ୍କ ସହ ଏକ ଆଲୋଚନାମୂଳକ ଅଧିବେଶନ ଆୟୋଜିତ ହୋଇଥିଲା। ଡ. ଯଶସ୍ୱୀ ରାଉତ ଧନ୍ୟବାଦ ଦେଇଥିଲେ।

**ଜିଲ୍ଲାସ୍ତରୀୟ ଧରଣୀଧର ଜୟନ୍ତୀ**

# ‘ବିପ୍ଳବୀ ଧରଣୀଧର ଅତ୍ୟାଚାରିତ ସମାଜର ତ୍ରାଣକର୍ତ୍ତା’

**କେନ୍ଦୁଝର,୫ା୫/ଏନ୍‌ଏନ୍‌ଏସ୍:** କେନ୍ଦୁଝରର ବରପୁତ୍ର ତଥା ମହାନ ବିପ୍ଳବୀ ଧରଣୀଧରଙ୍କ ୧୬୨ତମ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଦୈତାରୀ ନାଏକ, ସମ୍ମାନିତ ଅତିଥିଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଭୂୟାଁ ସାଂସ୍କୃତିକ ସଂଗଠନର ସଭାପତି ହରିଶଙ୍କର ନାଏକ, ସମ୍ପାଦକ ଶ୍ୟାମସୁନ୍ଦର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ମାନସ ନାଏକ ଓ ମୁଖ୍ୟବକ୍ତା ଭାବେ ଗବେଷକ ପଣ୍ଡିତ ଦୈତାରୀ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ଗଣ୍ଡ କହିଥିଲେ ଯେ ବିପ୍ଳବୀ ଧରଣୀଧର କେନ୍ଦୁଝରର ଗର୍ବ, ଗୌରବ, ସ୍ପର୍ଦ୍ଧା ଓ ସ୍ୱାଭିମାନର ପ୍ରତୀକ। କେନ୍ଦୁଝରର ବିକାଶ ପାଇଁ ଏହି ମାଟିର ପୁଅ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଯୋଜନା ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇ ଏହାର ସୁଫଳ



ନେବାସହ କେନ୍ଦୁଝରକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ ଶ୍ରୀ ଗଣ୍ଡ ଆହ୍ୱାନ ଜଣାଇଥିଲେ। ଉପବାଚସ୍ପତି ଶ୍ରୀ ଭୋଇ ଧରଣୀଧରଙ୍କୁ ଅତ୍ୟାଚାରିତ ସମାଜର ତ୍ରାଣକର୍ତ୍ତା ଭାବେ ବର୍ଣ୍ଣନା କରିବା ସହିତ ରାଜତନ୍ତ୍ରର ଅନ୍ୟାୟ, ଅନୀତି, ବେଠି, ବ୍ୟଭିଚାର ଓ ପ୍ରଜାବିରୋଧୀ ଶାସନ ବିରୋଧରେ କିପରି ଆଦିବାସୀଙ୍କୁ ସଂଗଠିତ କରି ବିପ୍ଳବ କରିଥିଲେ ତାହା ଅବତାରଣା କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ବିପ୍ଳବୀ ଧରଣୀଧରଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୂୟାଁ ସାଂସ୍କୃତିକ ସଂଗଠନ କେନ୍ଦୁଝରର ସମ୍ପାଦକ ଶ୍ୟାମସୁନ୍ଦର ନାଏକ ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ସମାରୋହ ସଞ୍ଚାଳନ କରିଥିଲେ। କେନ୍ଦୁଝର ପ୍ରକଳ୍ପ ନିର୍ଦ୍ଦେଶକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଶିବଶଙ୍କର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିପ୍ଳବୀ ଧରଣୀଧରଙ୍କ ଜୀବନାଦର୍ଶର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବିନ୍ଦ୍ର ନାଏକଙ୍କୁ ‘ଧରଣୀଧର ସମ୍ମାନ’ ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ ମସିହା ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାରେ କେନ୍ଦୁଝର ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜନଜାତି ବର୍ଗର ଛାତ୍ରଛାତ୍ରୀ, ଭୂୟାଁ ବର୍ଗର ଛାତ୍ରଛାତ୍ରୀ, +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ୨ ଜଣ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନେକେଡ଼ାଘର ଓ ଜେଲ ରୋଡ୍ ସମେତ ବିଭିନ୍ନ ସ୍ଥାନରେ ଥିବା ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବରେଣ୍ୟ ଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା ଏବଂ ସକାଳେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା।

**ଯୋଡ଼ା:** କେନ୍ଦୁଝର ଜିଲ୍ଲା ଯୋଡ଼ା ସହରର କୋମାରଯୋଡ଼ାରେ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଆଦିବାସୀଙ୍କ ଗର୍ବ ଓ ସ୍ୱାଭିମାନର ପ୍ରତୀକ ଧରଣୀଧର ଭୂୟାଁଙ୍କ ସ୍ମୃତିକୁ ଅମର କରିବା ପାଇଁ ସକାଳେ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ବିଭିନ୍ନ ଆଦିବାସୀ ସଂଗଠନ, ବୁଦ୍ଧିଜୀବୀ ଓ ସମାଜସେବୀମାନେ ଆୟୋଜିତ ସ୍ମୃତିସଭାରେ ଯୋଗଦେଇ ଧରଣୀଧର ଭୂୟାଁ କେବଳ ଏକ ନାମ ନୁହେଁ, ସେ ଆଦିବାସୀ ଅସ୍ମିତା ଓ ସଂଘର୍ଷର ପ୍ରତୀକ ବୋଲି କହିଥିଲେ। ଶେଷରେ ସମସ୍ତେ ଧରଣୀଧର ଭୂୟାଁଙ୍କ ଆଦର୍ଶକୁ ଅନୁସରଣ କରି ସମାଜର ଉନ୍ନତି ଓ ଅଧିକାର ପାଇଁ ସଂଗଠିତ ହେବାକୁ ସଙ୍କଳ୍ପ ନେଇଥିଲେ।



## ବିଜେପି ପକ୍ଷରୁ ବିଜୟ ଉତ୍ସବ

**ନୟାହାଟ,୫।୫/ଏନ୍ଏନ୍ଏସ୍:** ପଶ୍ଚିମବଙ୍ଗରେ ବିଜେପିର ମହାବିଜୟ ପରେ ଗୋପ ବ୍ଲକ ନୟାହାଟ ଅଞ୍ଚଳରେ ସୋମବାର ରାତିରେ ବାଜା ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ଜଗତସିଂହପୁର ଏମ୍‌ପିଙ୍କ ଗୋପ ବ୍ଲକ୍ ପ୍ରତିନିଧି ରାଜଲକ୍ଷ୍ମୀ ଦାସ, ଅନନ୍ତ ସାହୁ, କେଦାର ସାହୁ, ପବନ ପାତ୍ରଙ୍କ ନେତୃତ୍ୱରେ ବାଜା ବଜାଇ ବାଣ ଫୁଟାଇ ବିଜୟର ଆନନ୍ଦ ଉଲ୍ଲାସ ମନାଇବା ସହିତ ବାଟୋଇମାନଙ୍କୁ ମିଠା ବଣ୍ଟନ କରିଥିଲେ।

ନିତିଦିନ NITIDIN

## ପ୍ରଥମ ପୃଷ୍ଠାରୁ

### ନ୍ୟାୟ ମାଗୁଥିବା ...

କରିଥିଲା। କିନ୍ତୁ ୧୫ ଦିନ ପରେ ମଧ ଜିଷ୍ଣୁଙ୍କ କୌଣସି ସନ୍ଧାନ ମିଳିନଥିଲା। ଏହା ପରେ ପୂଜା ତାଙ୍କର ଶିଶୁ କନ୍ୟାକୁ ନେଇ ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଥିଲେ। ଏହି ସମୟରେ ତାଙ୍କ ସହ ଏପ୍ରକାର ଅଘଟଣ ଘଟିଛି। ତେବେ ଘଟଣାର ସୂଚନା ପାଇ ହିଞ୍ଜିଳି ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି। ଏହି ଘଟଣାରେ ପୁଲିସ କେସ୍ ନଂ ୨୯୭/୨୬ ରେ ଆଉ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ସ୍ଥାନୀୟ ଲୋକେ ନ୍ୟାୟ ଦାବି କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ମା'ର ମୃତ ଶରୀର ପାଖରେ ବସି ୩ ବର୍ଷର ନୀରିହ ଝିଅଟି କାନ୍ଦୁଥିବାର ଦୃଶ୍ୟ ସ୍ଥାନୀୟ ଲୋକେ ତଥା ଘଟଣାସ୍ଥଳରେ ପହଞ୍ଚିଥିବା ପୁଲିସ୍ ଟିମ୍‌କୁ ମଧ ସ୍ଥାଣୁ କରିଦେଇଛି।

### ଛୁରୀ ଦେଖାଇ ...

ପ୍ରଥମ ଥର ଏତେବଡ଼ ଡକାୟତି ଘଟଣା ଘଟିଥିବାବେଳେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏନେଇ ଲାଞ୍ଜିଗଡ଼ ଥାନା କେସ ନଂ ୪୧/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ଥିବା ସୂଚନା ମିଳିଛି।

### ଭାରତର ପୂର୍ବାଞ୍ଚଳକୁ ...

ବୟନ ଓ ବସ୍ତ୍ର ଶିଳ୍ପ ସମ୍ପର୍କିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଥିବା ଗଭୀର ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୁରୀର ଶ୍ରୀଜଗନ୍ନାଥ ଧାମରୁ ଗୁଜରାଟର ଦ୍ୱାରକା ପର୍ଯ୍ୟନ୍ତ ଆମ ରାଜ୍ୟଗୁଡ଼ିକ ମଧ୍ୟରେ ଏକ ଅତୁଟ ସାଂସ୍କୃତିକ ସମ୍ପର୍କ ରହିଛି। ଗୁଜରାଟ ବସ୍ତ୍ର ଶିଳ୍ପରେ ଅଗ୍ରଣୀ ହୋଇଥିବାବେଳେ ଓଡ଼ିଶା ଏବେ ଏକ ଉତ୍ତମ ପରିବେଶ ଓ କୁଶଳୀ କାରିଗରଙ୍କ ସହିତ ଏହି କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଏକ ଦୀର୍ଘ ଉପକୂଳ ଏବଂ ବନ୍ଦରଗୁଡ଼ିକ ମାଧ୍ୟମରେ ଓଡ଼ିଶା ବିଶ୍ୱ ବଜାର ସହ ସିଧାସଳଖ ଯୋଡ଼ି ହେବାର ଏକ ଶକ୍ତିଶାଳୀ ମାଧ୍ୟମ ସୃଷ୍ଟି କରୁଛି ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ସୁଦୃଢ଼ ଭିତ୍ତିଭୂମି, ବନ୍ଦରଭିତ୍ତିକ ଯୋଗାଯୋଗ ଏବଂ ସ୍ଥିର ନୀତି ଯୋଗୁଁ ଓଡ଼ିଶା ଏକ ଭବିଷ୍ୟତ-ଉପଯୋଗୀ ଶିଳ୍ପ ହବ୍ ଭାବରେ ନିଜକୁ ପ୍ରତିଷ୍ଠିତ କରୁଛି। ଅହମ୍ମଦାବାଦରେ ଆୟୋଜିତ ଏହି ସଫଳ ରୋଡ୍-ଶୋ ଭାରତର ଶିଳ୍ପ ମାନଚିତ୍ରରେ ଓଡ଼ିଶାର ପ୍ରଭାବକୁ ଆହୁରି ସୁଦୃଢ଼ କରିଛି। ବିଭିନ୍ନ ପ୍ରମୁଖ ସହରଗୁଡ଼ିକରେ ସଫଳ କାର୍ଯ୍ୟକ୍ରମ ପରେ, ଓଡ଼ିଶା ସରକାର ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନିଜର ନିବେଶକ ପରାମର୍ଶ ଅଭିଯାନ ଜାରି ରଖିବେ। ଅହମ୍ମଦାବାଦ ରୋଡ୍-ଶୋ ଭାରତର ଶିଳ୍ପ ପରିସୀମାରେ ଓଡ଼ିଶାର ବଢୁଥିବା ଭୂମିକାକୁ ଅଧିକ ଶକ୍ତିଶାଳୀ କରିଛି। ରାଜ୍ୟର ଷ୍ଟ୍ରାଟେଜିକ୍ ଅବସ୍ଥିତି, ସୁଦୃଢ଼ ପ୍ରଶାସନ ପ୍ରଣାଳୀ ଏବଂ ଭବିଷ୍ୟତ ପାଇଁ ଏକ ସ୍ୱଷ୍ଟ ଦୂରଦୃଷ୍ଟି ସହିତ ଓଡ଼ିଶା ପୂର୍ବ ଭାରତରେ ଏକ ଅଗ୍ରଣୀ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅଭିଯାନ ଆରମ୍ଭ କରିଛି। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ...

ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ୨୦୬ ଆସନ ବିଜୟୀ ହୋଇଥିବାବେଳେ ତୃଣମୂଳ କଂଗ୍ରେସ ୮୦, କଂଗ୍ରେସ ଦୁଇଟି ଆସନ ଏବଂ ସିପିଆଇ(ଏମ୍) କେବଳ ଗୋଟିଏ ଆସନ ଜିତିଛି। ସରକାର ଗଠନ ପାଇଁ ରାଜ୍ୟପାଳ ସଂଖ୍ୟା ଗରିଷ୍ଠ ଦଳ ବିଜେପିକୁ ହିଁ ଡାକିବେ। ବିଧାୟକ ଦଳ ବୈଠକ ପରେ ଯିଏ ନେତା ନିର୍ବାଚିତ ହେବେ ସେ ହେବେ ପଶ୍ଚିମବଙ୍ଗର ପରବର୍ତ୍ତି ମୁଖ୍ୟମନ୍ତ୍ରୀ। ତେଣୁ ମଇ ୯ ପଶ୍ଚିମବଙ୍ଗ ପାଇଁ ଗୁରୁତ୍ୱପୂର୍ଣ୍ଣ ଦିନ। ତିନି ଦିନିଆ ଗୁଜୁରାଟ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଧାସଳଖ କୋଲକାତା ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

### ଇସ୍ତଫା ଦେବିନି ...

ସମାରୋହ ଅନୁଷ୍ଠିତ ହେବ। ବିଜେପି ଜଣେ ନେତା ମୁଖ୍ୟମନ୍ତ୍ରୀ ଭାବେ ଏବଂ ଅନ୍ୟ କିଛି ନେତା ମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ଏହା ପୂର୍ବରୁ ରାଜ୍ୟରେ ମମତାଙ୍କ ଏପ୍ରକାର ମେଲୋ ଡ୍ରାମା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷେ ଆସାମ ଓ ପୁଡୁଚେରୀରେ ମଧ ପୁଣିଥରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଶପଥ ଗ୍ରହଣ ଉତ୍ସବ ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତାମିଲନାଡୁରେ ମଧ ଏମ୍‌କେ ଷ୍ଟାଲିନ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇସାରିଥିବା ବେଳେ ଟିଭିକେ ମୁଖ୍ୟ ଥଲାପତି ବିଜୟଙ୍କ ମୁଖ୍ୟମନ୍ତ୍ରୀ ଭାବେ ଶପଥ ସମାରୋହ ପାଇଁ ପ୍ରସ୍ତୁତି ଚାଲିଛି। ଟିଭିକେ, କଂଗ୍ରେସ ଏବଂ ବାମଦଳଙ୍କୁ ମେଣ୍ଟ ପାଇଁ ଆହ୍ୱାନ କରିଥିବା ସୂଚନା ମିଳିଛି। ତେବେ ଆସନ୍ତା ୭ ତାରିଖରେ ବିଜୟ ଶପଥ ନେଇପାରନ୍ତି ବୋଲି ଅନୁମାନ କରାଯାଉଛି। ସେହିପରି କେରଳରେ ମଧ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ମେଣ୍ଟର କ୍ଷମତା ଆହରଣ ପାଇଁ ଜୋରଦାର ପ୍ରସ୍ତୁତି ଜାରି ରହିଛି।

### କାଳବୈଶାଖୀ ବର୍ଷା...

ବାରଣ କରାଯାଇଛି। ଗତ ୨୪ ଘଣ୍ଟାରେ ୪ଟି ଜିଲ୍ଲାରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ କରାଯାଇଛି। କିଛି ସ୍ଥାନରେ ପ୍ରବଳ ବର୍ଷା ବି ହୋଇଛି। ବୌଦ୍ଧରେ ୪୨.୦ ସର୍ବାଧିକ ତାପମାତ୍ରା ସହ ଅନୁଗୋଳରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି।

### ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ...

କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଗ୍ରାହକଙ୍କ ସମସ୍ତ ଅଭିଯୋଗକୁ ଜରୁରୀକାଳୀନ ଭିତ୍ତିରେ ଗ୍ରହଣ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରାଯିବା ଉଚିତ୍। ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ରୋକିବା ଏବଂ ବ୍ୟବସ୍ଥାର ବିଶ୍ୱସନୀୟତା ବୃଦ୍ଧି ପାଇଁ ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର କାର୍ଯ୍ୟରେ କେବଳ ଉଚ୍ଚମାନର ସରଞ୍ଜାମ ଓ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାହକ-କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିଭାଗୀୟ କର୍ମଚାରୀ ଗ୍ରାହକଙ୍କ ସହ ନମ୍ରତାର ସହ କଥା ହେବା ସହ ସକ୍ରିୟ ଭାବେ ସେବା ଯୋଗାଇବା ଆବଶ୍ୟକ। ଅଭିଯୋଗର ପ୍ରତିକାର ବ୍ୟବସ୍ଥାକୁ ଅଧିକ ମଜବୁତ୍ କରିବା ପାଇଁ ସେ ଗ୍ରାହକଙ୍କ ଅଭିଯୋଗ ବୁଝିବା ପାଇଁ ସମର୍ପିତ ଦଳର ସଂଖ୍ୟା ବୃଦ୍ଧି କରିବାକୁ କହିଛନ୍ତି। ଏହାବ୍ୟତୀତ, ଉପ-ମୁଖ୍ୟମନ୍ତ୍ରୀ ବିଦ୍ୟୁତ ଭିତ୍ତିଭୂମି ସହିତ ଜଡ଼ିତ ଜନସାଧାରଣଙ୍କ ସୁରକ୍ଷା ଦିଗର ମଧ ସମୀକ୍ଷା କରିଛନ୍ତି। ବିଦ୍ୟୁତ୍ ଲାଇନ କିମ୍ବା ବିଦ୍ୟୁତ୍ ପ୍ରତିଷ୍ଠାନ ନିକଟରେ ହୋର୍ଡିଂ ଏବଂ ବିଜ୍ଞାପନ ବୋର୍ଡ ଲଗାଇବା ସମ୍ପର୍କରେ ସେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବାକୁ କହିଛନ୍ତି। ପ୍ରବଳ ବେଗରେ ପବନ ବହିବା ଏବଂ କାଳବୈଶାଖୀ ସମୟରେ ଦୁର୍ଘଟଣା ରୋକିବା ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କ ସହ ସମନ୍ୱୟ ରକ୍ଷା କରି ସମସ୍ତ ହୋର୍ଡିଂ ଏବଂ ବିଜ୍ଞାପନ ବୋର୍ଡର ଗଠନମୂଳକ ସୁରକ୍ଷା ନିୟମାବଳୀର କଠୋର ଅନୁପାଳନ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ କୁହାଯାଇଛି। ଓଡ଼ିଶାର ଜନସାଧାରଣଙ୍କୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇବା ପାଇଁ ସରକାରଙ୍କ ସର୍ବଦା ଚେଷ୍ଟିତ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏଥିସହିତ ଗ୍ରୀଷ୍ମ ମାସଗୁଡ଼ିକରେ ସମସ୍ତ ଅଧିକାରୀଙ୍କୁ ହାଇଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ଏବଂ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ଆଲୋଚିତ ବିଷୟବସ୍ତୁ ଉପରେ ସାପ୍ତାହିକ ଅନୁପାଳନ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

### ବଙ୍ଗୋପସାଗର ଉପରେ ...

ଏପିଜେ ଅବଦୁଲ କଲାମ ଦ୍ୱୀପ (ହୁଇଲର୍ ଆଇଲାଣ୍ଡ)ରୁ ଭାରତ ମହାସାଗର ପର୍ଯ୍ୟନ୍ତ ପ୍ରାୟ ୩,୫୬୦ କିଲୋମିଟର ପର୍ଯ୍ୟନ୍ତ ଏହି ନିଷିଦ୍ଧାଞ୍ଚଳ ବ୍ୟାପିଛି। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ଦୂରତାକୁ ଦେଖିଲେ ମନେହେଉଛି ଯେ ଭାରତ ଅଗ୍ନି-୪ ଭଳି କୌଣସି ଇଣ୍ଟରମିଡିଏଟ୍ ରେଞ୍ଜ ବାଲିଷ୍ଟିକ୍ ମିସାଇଲର ପରୀକ୍ଷଣ କରିପାରେ। ଅଗ୍ନି-୪ ର ଲକ୍ଷ୍ୟଭେଦ କ୍ଷମତା ପ୍ରାୟ ୩,୫୦୦ ରୁ ୪,୦୦୦ କିଲୋମିଟର। ଏହା ଏକ ନିୟମିତ ସାମରିକ ଅଭ୍ୟାସ ହୋଇଥିବା ବେଳେ ଏହା ଭାରତର ପ୍ରତିରକ୍ଷା କ୍ଷମତା ଓ ରଣନୀତିକ ପ୍ରସ୍ତୁତିକୁ ପରଖିବା ପାଇଁ କରାଯାଉଛି। ଏହା ପୂର୍ବରୁ ମେ ୨ ତାରିଖରେ ହାଇପରସୋନିକ୍ ଆଣ୍ଟି-ସିପ୍ ମିସାଇଲର ସଫଳ ପରୀକ୍ଷଣ ମଧ କରାଯାଇଥିଲା। ସାଧାରଣତଃ ଯେତେବେଳେ କୌଣସି କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଏ, ସେତେବେଳେ ସୁରକ୍ଷା ଦୃଷ୍ଟିରୁ ସେହି ଆକାଶ ମାର୍ଗକୁ ବିମାନ ଚଳାଚଳ ବନ୍ଦ ରଖାଯାଏ। ଏସମ୍ପର୍କରେ ଜାରି ହେଉଥିବା ସୂଚନାକୁ 'ନୋଟାମ୍' କୁହାଯାଏ।

### କ୍ୱିଣ୍ଟାଲ ପିଛା ଚାଷୀଙ୍କୁ...

(୧ଅକ୍ଟୋବର, ୨୦୨୬ରୁ ଆରମ୍ଭ) ରେ ଚାଷୀଙ୍କଠାରୁ ଆଖୁ କ୍ରୟ ପାଇଁ ପ୍ରଯୁଜ୍ୟ ହେବ। ଚିନି କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ କୃଷିଭିତ୍ତିକ କ୍ଷେତ୍ର। ଏହାଉପରେ ପ୍ରାୟ ୫ କୋଟି ଆଖୁଚାଷୀ ଏବଂ ସେମାନଙ୍କ ପରିବାରବର୍ଗ ସହିତ ଚିନିକଳରେ କାର୍ଯ୍ୟରତ ପ୍ରାୟ ୫ ଲକ୍ଷରୁ ଅଧିକ ଶ୍ରମିକ ନିର୍ଭରଶୀଳ। ଏହାବ୍ୟତୀତ କୃଷିଶ୍ରମ ଓ ପରିବହନ ସମେତ ଆନୁସଙ୍ଗିକ କାର୍ଯ୍ୟକଳାପରେ ବହୁଲୋକଙ୍କ ଜୀବିକା ମଧ ଏହି କ୍ଷେତ୍ର ସହ ଜଡ଼ିତ। ସୂଚନାଯୋଗ୍ୟ, କୃଷି ବ୍ୟୟ ଏବଂ ମୂଲ୍ୟ ଆୟୋଗ (ସିଏସିପି)ର ସୁପାରିସ ଆଧାରରେ ଏବଂ ରାଜ୍ୟ ସରକାର ତଥା ଅନ୍ୟ ଅଂଶୀଦାରମାନଙ୍କ ସହିତ ପରାମର୍ଶ ପରେ ଏହି ନୂଆ ଏଫ୍‌ଆରପି ନିର୍ଦ୍ଧାରଣ କରାଯାଇଛି। ପୂର୍ବ ଚିନି ଋତୁ ୨୦୨୪-୨୫ରେ, ୧,୦୨,୬୮୭ କୋଟି ଟଙ୍କା ଆଖୁ ବକେୟା ମଧ୍ୟରୁ ୨୦ ଏପ୍ରିଲ ୨୦୨୬ ସୁଦ୍ଧା ଚାଷୀମାନଙ୍କୁ ପ୍ରାୟ ୧,୦୨,୨୦୯ କୋଟି ଟଙ୍କା ଆଖୁ ବକେୟା ପରିଶୋଧ କରାଯାଇଛି। ସେହିପରି, ପ୍ରାୟ ୯୯.୫% ଆଖୁ ବକେୟା ପରିଶୋଧ କରାଯାଇଛି। ଚଳିତ ଚିନି ଋତୁ ୨୦୨୫-୨୬ରେ, ୧,୧୨,୭୪୦ କୋଟି ଟଙ୍କା ଆଖୁ ବକେୟା ମଧ୍ୟରୁ ୨୦ ଏପ୍ରିଲ ୨୦୨୬ ସୁଦ୍ଧାଚାଷୀମାନଙ୍କୁ ପ୍ରାୟ ୯୯,୯୬୧ କୋଟି ଟଙ୍କା ଆଖୁ ବକେୟା ପରିଶୋଧ କରାଯାଇଛି; ଏହିପରି, ପ୍ରାୟ ୮୮.୬% ଆଖୁ ବକେୟା ପରିଶୋଧ କରାଯାଇଛି।

## ମାଟ୍ରିକ୍ ପରୀକ୍ଷାରେ ଖୋର୍ଦ୍ଧା ଜିଲ୍ଲାର ସଫଳତା

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଓଷ୍ଟାର ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୫।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ମାଟ୍ରିକ ପରୀକ୍ଷାରେ ସଫଳତା ନେଇ ଓଷ୍ଟା ଖୋର୍ଦ୍ଧା ଜିଲ୍ଲା ତରଫରୁ କର୍ମକର୍ତ୍ତାମାନେ ଜିଲ୍ଲାଶିକ୍ଷାଧିକାରୀ ସୋନାମିକା ରାୟ, ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ଼ ପ୍ରଜ୍ଞା ପରମିତା ଜେନା, ରଶ୍ମିବାଳା ପରିଡା, ବିଜୟ କୁମାର ବେହେରାଙ୍କ ସମେତ ଖୋର୍ଦ୍ଧା ବ୍ଲକ୍ ଶିକ୍ଷାଧିକାରୀ ଯାଜ୍ଞସେନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଜିଲ୍ଲାଶିକ୍ଷାଧିକାରୀ ଶ୍ରୀମତୀ ରାୟଙ୍କ ତତ୍ତ୍ୱାବଧାନ ତଥା ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଷ୍ପାପର ଭାବରେ ଛାତ୍ରଛାତ୍ରୀମାନଙ୍କ ପାଇଁ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ଅନୁରୂପ ଭାବରେ ଜିଲ୍ଲାଶିକ୍ଷାଧିକାରୀ ପ୍ରାଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ, ଓଷ୍ଟାର କର୍ମକର୍ତ୍ତା ମାନଙ୍କୁ ଏହି ସଫଳତା ପାଇଁ ଶ୍ରେୟ ଦେଇଥିଲେ। ତୁଳନାତ୍ମକ ଭାବରେ ୨୦୨୪, ୨୦୨୫ ଫଳାଫଳ ଠାରୁ ୨୦୨୬ ର ଫଳାଫଳରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଥିଲା ବିଶେଷ ଭାବରେ ପାସ୍ ହାରରେ ବିଗତ ବର୍ଷମାନଙ୍କ ଠାରୁ ଚଳିତବର୍ଷ ବୃଦ୍ଧି ଘଟିଛି। ରାଜ୍ୟର ପାସ୍ ହାର ଶତକଡା ୯୫.୩୩ ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାର ପାସ୍ ହାର ଶତକଡା ୯୭.୧୭ ହୋଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ଜେନା ଖୁବ୍‌ଶୀଘ୍ର ଏହା ଉପରେ ସମୀକ୍ଷା କରାଯାଇ ଚଳିତ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି କରାଯିବ ବୋଲି କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ବର୍ଷ କିଭଳି ଭାବରେ ଅଧିକରୁ ଅଧିକ ଉନ୍ନତି ହେବ ସେ ଦିଗରେ ଓଷ୍ଟା ତରଫରୁ ବିଭିନ୍ନ ପ୍ରସ୍ତାବ ଦିଆଯିବା ସହିତ ସହଯୋଗ କରାଯିବ ବୋଲି ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି। ଜିଲ୍ଲା ସମ୍ପାଦକ ଶ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରକାଶ କୁମାର ପଲାଇ, ରାଜ୍ୟ ସମ୍ପାଦକ ରାମାକାନ୍ତ ମହାପାତ୍ର, ଖୋର୍ଦ୍ଧା ବ୍ଲକ୍ ସମ୍ପାଦକ ଶରତ ଚନ୍ଦ୍ର ରାଉତ, ଜଟଣୀ ବ୍ଲକ୍ ସଭାପତି ସନ୍ତୋଷ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ନିରଞ୍ଜନ ସାହୁ ଓ ସନ୍ତୋଷ ପଟ୍ଟନାୟକ, ଶିକ୍ଷକ ଚିତ୍ତରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଉତ୍କଳ ପବ୍ଲିକ୍ ସ୍କୁଲ୍‌ର ପଞ୍ଚଦଶ ବାର୍ଷିକ ଉତ୍ସବ

**ଶରଣକୁଳ,୫।୫/ଏନ୍ଏନ୍ଏସ୍:** ଉତ୍କଳ ପବ୍ଲିକ ସ୍କୁଲ ଗୋଡିପଡାର ପଞ୍ଚଦଶତମ ବାର୍ଷିକ ଉତ୍ସବ ସୋମବାର ସ୍କୁଲ ପରିସରରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ଶରତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଶିକ୍ଷାବିତ, ସ୍ତମ୍ଭକାର ତଥା ନୟାଗଡ଼ ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ମାନସ ରଞ୍ଜନ ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡଗାଁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାଜକିଶୋର ସାହୁ ମୁଖ୍ୟବକ୍ତା, ଶିକ୍ଷାପରିଷଦ ସଭାପତି ଶିକ୍ଷାବିତ ପ୍ରଶାନ୍ତ କୁମାର ଦାଶ, ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ଗୋଡିପଡା ସିଆରସିସି ବିଜୟ କୁମାର ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବାର୍ଷିକ ଉତ୍ସବ ଶିଶୁର ଶିକ୍ଷା ସହିତ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଓ ଶିଶୁକୁ ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ ସମ୍ପାଦିକା ତଥା ଅଧ୍ୟକ୍ଷା ରଞ୍ଜିତାରାଣୀ ଷଡଙ୍ଗୀ ବାର୍ଷିକ ବିବରଣୀ ପାଠ କରିବା ସହିତ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ୱେତକୁମାର ମିଶ୍ର ଓ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନେ କଣ୍ଠ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଶ୍ରବଣ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିରରେ ୯୨ ଭିନ୍ନକ୍ଷମ



**ଡେଲାଙ୍ଗ,୫।୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଓ ଡେଲାଙ୍ଗ ପଞ୍ଚାୟତ ସମିତି ପକ୍ଷରୁ ସୋମବାର ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାଦେବୀ ରାଉତରାୟ, ବିଡ଼ିଓ ସମୀର ବେହେରା, ଅତିରିକ୍ତ ବିଡ଼ିଓ ନୀଳଶୈଳ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ, ମହତାବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ବ୍ଲକ ସହକାରୀ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ ପ୍ରମୁଖ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ୪୭ ଅସ୍ଥି ବାଧିତ, ୧୦ ଜଣ ମାନସିକ ଅନଗ୍ରସର, ୧୬ଜଣ ଦୃଷ୍ଟି ବାଧିତ, ୧୧ଜଣ କର୍ଣ୍ଣ, ନାସା, ଗଳା ବାଧିତ ଓ ଭେଷଜ ରୋଗୀ ୮ଜଣ ମୋଟ ୯୨ଜଣଙ୍କୁ ପରୀକ୍ଷା କରାଯାଇଥିଲା। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତର ସୁଶିଲ କୁମାର ନାୟକ, ଡା. ରାହୁଲ ମହାନ୍ତି, ଡା. ନାରାୟଣ ବେହେରା, ଡା. ସମ୍ବିତ ପାତ୍ର, ଡା. ଶୁଭ୍ରକାଳୀ ପରମଗୁରୁ, ଡା ରବୀନ୍ଦ୍ର ଘଡେଇ ଭିନ୍ନକ୍ଷମଙ୍କ ଆନୁପାତିକ ସାମର୍ଥ୍ୟ ପରୀକ୍ଷା କରିଥିଲେ। ଦିପୁନା ମହାନ୍ତି, ଚନ୍ଦନ ମହାନ୍ତି, ରାଜଶ୍ରୀ ମହାନ୍ତି, ରଶ୍ମିରଂଜନ ସାହୁ, ବର୍ଷା ମିଶ୍ର ପ୍ରମୁଖ ପରୀକ୍ଷାରେ ବିଶେଷଜ୍ଞ ଡାକ୍ତରଙ୍କୁ ସହାୟତା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ସହାୟିକା ସୁଜାତା ଭୁଜବଳ, ବିଭାଗୀୟ ଅଧିକାରୀ ଆଶୀଷ କୁମାର ପାତ୍ର, ସୁଶାନ୍ତ ପଟନାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ତେବେ ୧ଟାରେ ପଞ୍ଜିକରଣ ଓ ପରୀକ୍ଷା ବନ୍ଦ ହୋଇଯାଇଥିବାରୁ ପ୍ରାୟ ଦଶଜଣ ଭିନ୍ନକ୍ଷମ ନିରାଶ ହୋଇ ଫେରିଥିବା ଆରୋପ କରିଛନ୍ତି।

## ଅଧାଗଢ଼ା ଅବସ୍ଥାରେ ଗୋଡ଼ିପଡ଼ା ଓ ଡିମିଶର ସ୍ୱାସ୍ଥ୍ୟକେନ୍ଦ୍ର

# ଅବଧି ପରେ ବି ସରୁନି ନିର୍ମାଣ କାର୍ଯ୍ୟ, ରୋଗୀ ହନ୍ତସନ୍ତ



**ଓଡ଼ଗାଁ,୫।୫/ଏନ୍ଏନ୍ଏସ୍:** ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ପାଇଁ ରାଜ୍ୟସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ସରକାରୀ ବଡ଼ପଣ୍ଡାଙ୍କ ଅବହେଳାପାଇଁ ସବୁ ଯୋଜନା ବାଟବଣା ହେବାରେ ଲାଗିଛି। ଓଡ଼ଗାଁ ବ୍ଲକ୍ ଗୋଡ଼ିପଡ଼ା ଓ ଡ଼ିମିଶର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି। ଅବଧିପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧାଗଢା ଅବସ୍ଥାରେ ପଡ଼ି ରହିଥିବାରୁ ରୋଗୀ ସ୍ୱାସ୍ଥ୍ୟ ସେବା ନପାଇ ବାରଦୁଆର ହେଉଛି। ସୂଚନା ଅନୁଯାୟୀ ଗୋଡ଼ିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଅର୍ଥ ବ୍ୟୟବରାଦ ହେବାପରେ କାର୍ଯ୍ୟ ଆରମ୍ଭହେଲା। ଠିକାଦାର ଟେଣ୍ଡର ମାଧ୍ୟମରେ କାମକୁ ନେଇ ମନ୍ଥର ଗତିରେ କରୁଥିବାରୁ କାମ ସରିବାର ନାଁ ଧରୁନି। ଫଳରେ ପ୍ରତିଦିନ ରୋଗୀମାନେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଗୋଡ଼ିପଡ଼ାରୁ ନୟାଗଡ଼ ଏବଂ ଶରଣକୁଳ ୧୨ କିଲୋମିଟର ଦୂର ହୋଇଥିବାରୁ ଅଟୋ କିମ୍ବା କାରରେ ରୋଗୀଙ୍କୁ ନେବାଆଣିବା କରିବାକୁ ପଡୁଛି। ଏଥିପାଇଁ ରୋଗୀଙ୍କୁ ଅଧିକ ବୋଝ ସହିବାକୁ ପଡୁଥିବା କହିଛନ୍ତି। କାମଶେଷ ପର୍ଯ୍ୟାୟରେ ପହଞ୍ଚିନଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର କଳର କାମ ଆଗୁଆ କରାଯାଇଛି। ଯାହାକୁ ନେଇ ଗୋଡ଼ିପଡ଼ାରେ ଚର୍ଚ୍ଚା ଯୋରଧରିଛି। ସେହିପରି ଗୋଡ଼ିପଡ଼ାକୁ ଲାଗି ଡ଼ିମିଶର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଠିକାଦାର କାମକୁ ନେଇ ବର୍ଷବର୍ଷ ଧରି ପକାଇ ରଖିଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୋଟିଏ ପଟେ ସ୍ୱାସ୍ଥ୍ୟ କର୍ମଚାରୀ ନଥିବାବେଳେ ଆଉ ଗୋଟିଏ ପଟେ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀଙ୍କ ଉପରେ ଦାଉ ସାଜିଛି। ଘର ଅଭାବରୁ ଲାବୋଟାରୀରେ ରକ୍ତ ନମୁନା ପରୀକ୍ଷା କରିବା ଓ ଅନ୍ୟାନ୍ୟ ପରୀକ୍ଷା ମୂଳକ କାର୍ଯ୍ୟ କରିବାରେ ବାଧା ଉପୁଜିଛି। ବର୍ଷ ବର୍ଷ ଧରି ସ୍ୱାସ୍ଥ୍ୟକେନ୍ଦ୍ର ଅଧାଗଢ଼ା ଅବସ୍ଥାରେ ପଡ଼ିଥିଲେ ମଧ ଏଥିରେ କାହାର କିଛି ବି ଯାଏ ଆସେ ନାହିଁ। ଅଧିକାରୀ ନିଜ ମୁଣ୍ଡରୁ ଦୋଷ ଖସେଇ ଅନ୍ୟମୁଣ୍ଡରେ ଦୋଷ ଢାଳୁଥିବା ଜଣାପଡ଼ିଛି। ଏବେ ଏହି ଦୁଇ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ୨୦ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ସହ ଠିକାସଂସ୍ଥା ଓ ସ୍ୱାସ୍ଥ୍ୟବିଭାଗ ଖେଳ ଖେଳୁଥିବା ଅଭିଯୋଗ ହୋଇଛି। ରୋଗୀମାନେ ବହୁ ହଇରାଣ ଓ ହନ୍ତସନ୍ତ ହେଉଥିବା ଜଣାପଡ଼ିଛି। ଏଥିପ୍ରତି ସ୍ୱାସ୍ଥ୍ୟବିଭାଗ ଅଧିକାରୀ ଓ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବିହୋଇଛି।

## ଚାରିଛକ ପୁଲିସ ଦ୍ୱାରା ୩ ନାବାଳକ ଉଦ୍ଧାର

**ଚାରିଛକ,୫।୫/ଏନ୍ଏନ୍ଏସ୍:** ଚାରିଛକ ପୁଲିସ ଆଜି ସକାଳୁ ୩ଜଣ ନାବାଳକକୁ ଚାରିଛକ ବଜାରରୁ ଉଦ୍ଧାରକରି ଥାନାରେ ଅଟକ ରଖିଥିବା ଜଣାପଡିଛି। ସୂଚନା ମୁତାବକ ବିହାର ଅଞ୍ଚଳର କିଛି ନାବାଳକ କାକଟପୁରରେ ଏକ ମାଦ୍ରାସାରେ ରହି ପାଠ ପଢୁଥିଲେ। ପିଲାମାନଙ୍କ କହିବା ମୁତାବକ ମାଦ୍ରାସା ସ୍କୁଲରେ ତାଙ୍କୁ ମାରଧର କରିବା ସହ ନିର୍ଯାତନା ଦେଉଥିଲେ। ମାତ୍ର ସହିନପାରି ଗତକାଲି ରାତିରେ ୩ଜଣ ନାବାଳକ ସେଠାରୁ ଖସି ଆସିଥିଲେ। ଚାରିଛକ ଠାରେ କିଛିଲୋକ ପିଲାମାନଙ୍କୁ ଦେଖି ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ପୁଲିସ ଚାରିଛକ ବଜାରରୁ ସେ ୩ଜଣ ନାବାଳକକୁ ଉଦ୍ଧାରକରି ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ସେମାନେ ବିହାର ଅଞ୍ଚଳର ବୋଲି କହିଥିଲେ। ନାବାଳକ ୩ଜଣ ହେଲେ ମହମ୍ମଦ ମୁମତାସିର(୧୪), ମହମ୍ମଦ ମତାଲିଭ(୧୪), ମହମ୍ମଦ ଫିରୋଜ(୧୪) ନାବାଳକ ତିନିଜଣଙ୍କୁ କାକଟପୁର ଥାନାକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ଡେଲାଙ୍ଗ,୫।୫/ଏନ୍ଏନ୍ଏସ୍:** ଜଳାଶୟକୁ ପୋତି ପ୍ରାୟ ୮ଡ଼ିସିମିଲ ସରକାରୀ ଜମିକୁ ଦୀର୍ଘ ଦିନଧରି ଗ୍ରାମର ୨ପରିବାର ଜବରଦଖଲ କରିଥିବା ବେଳେ ଡେଲାଙ୍ଗ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବର ଦାଖଲ ଉଚ୍ଛେଦ କରାଯାଇଛି। ବେରବୋଇ ପଞ୍ଚାୟତ ଉଦୟପୁର ଗୌଡ଼ସାହିରେ ସରକାରୀ ଜମିରେ ବେଆଇନ ଭାବେ ଶୌଚାଳୟ ନିର୍ମାଣ



କରିବା, ନଡ଼ିଆ ଗଛ ଲଗାଇ ପଥର ଓ ତାରବାଡ଼ ଦ୍ୱାରା ଆବଧ କରାଯାଇଥିଲା। ଏହାକୁ ଗ୍ରାମବାସୀ ମାନେ ବିରୋଧ କରିବା ସହ ଡେଲାଙ୍ଗ ତହସିଲଦାର ଓ ଉପ ଜିଲ୍ଲାପାଳଙ୍କ ନିକଟରେ ଜବର ଦଖଲ ଉଚ୍ଛେଦ ପାଇଁ ଅଭିଯୋଗ ହୋଇଥିଲା। ତହସିଲ ପକ୍ଷରୁ ଜବରଦଖଲକାରୀଙ୍କୁ ଉକ୍ତ ଜମି କୁ ଜବରଦଖଲମୁକ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପ୍ରତିପକ୍ଷ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ପକ୍ଷରୁ ରହିତାଦେଶ ଆଦେଶ ଜାରି ହୋଇଥିଲା। ରହିତାଦେଶ ଆଦେଶ ସମାପ୍ତ ହେ୍ବା ପରେ ଆଜି ତହସିଲ ପକ୍ଷରୁ ଉକ୍ତ ସ୍ଥାନରେ ବୁଲଡୋଜର୍ ଲଗାଇ ଉକ୍ତ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣା, ରାଜସ୍ୱ ନିରୀକ୍ଷକ ଶୁଭ୍ରନାରାୟଣ ଦାଶ, ସୁପରଭାଇଜର ଅଭିଲପ୍ସା ପାଣ୍ଡି, ବିରଞ୍ଚି ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଏସଆଇ ସୁଧାଂଶୁ ବାରିକଙ୍କ ସହିତ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## ନୀଳମାଧବ ମନ୍ଦିର ଲିଫ୍ଟ କାର୍ଯ୍ୟ ଶେଷ

**କଣ୍ଟିଲୋ,୫।୫/ଏନ୍ଏନ୍ଏସ୍:** ବହୁ ପ୍ରତୀକ୍ଷିତ ଆଦିପୀଠ ପ୍ରଭୁ ଶ୍ରୀ ନୀଳମାଧବଙ୍କ ପଶ୍ଚିମ ପାର୍ଶ୍ୱ ଲିଫ୍ଟ କାର୍ଯ୍ୟ ଦୀର୍ଘ ୪୮ମାସ ପରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିବା ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ସୂଚନା ମିଳିଛି। ହେଲେ ବର୍ତ୍ତମାନ ଏହା ସର୍ବ ସାଧାରଣ ଜନତାଙ୍କ ପାଇଁ ସାର୍ବଜନୀନ ହୋଇପାରି ନାହିଁ। ବିଭାଗୀୟ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁସାରେ ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଖଣ୍ଡପଡ଼ା ଏହାର ଗାଇଡ୍‌ଲାଇନ ପ୍ରସ୍ତୁତ କରି ସମସ୍ତ ନୀତି ନିୟମ ନିର୍ଦ୍ଧାରଣ କରିବା ସହିତ ଅପରେଟ୍ ପାଇଁ ଜଣେ ଅଭିଜ୍ଞ ଇଲେକ୍ଟ୍ରିସିଆନ୍‌ଙ୍କୁ ନିଯୁକ୍ତିଦେଲେ ଏହା ଠିକ୍‌ରେ ଚାଲିବ। ତେଣୁ ଯଥାଶୀଘ୍ର ଖଣ୍ଡପଡ଼ା ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳମାଧବଙ୍କ ଦର୍ଶନ ଚାହୁଁଥିବା ବରିଷ୍ଠ ତଥା ବିକଳାଙ୍ଗ ଲୋକ ମାନଙ୍କୁ ସେବା ଯୋଗାଇଦେବାକୁ ଆବଶ୍ୟକୀୟ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ମାଟ୍ରିକ୍ ଟପ୍ପର୍‌ଙ୍କୁ ପୁରାତନ ଛାତ୍ର ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା



**ବୟାଳିଶମୌଜା,୫।୫/ଏନ୍ଏନ୍ଏସ୍:** କଟକ ସଦର ବୟାଳିଶମୌଜା ସ୍ଥିତ ବେଣ୍ଟକାର ନୋଡାଲ ହାଇସ୍କୁଲର ଚଳିତ ବର୍ଷର ମାଟ୍ରିକ୍ ଟପ୍ପର ସୁଶ୍ରୀ ଗାୟତ୍ରୀ ସ୍ୱାଇଁ ୫୪୦ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ବହଳପଡ଼ା ନିବାସୀ ଦିଲ୍ଲୀପ କୁମାର ସ୍ୱାଇଁ ଓ ଜ୍ୟୋସ୍ନାରାଣୀ ସ୍ୱାଇଁଙ୍କ କନ୍ୟା। ତାଙ୍କର ଏହି ସଫଳତାର ଶ୍ରେୟ ସେ ତାଙ୍କର ପିତାମାତା, ପରିବାରବର୍ଗ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍କୁଲର ପୁରାତନ ଛାତ୍ର ସଙ୍ଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆଗକୁ ଶିକ୍ଷା କ୍ଷେତ୍ରରେ ସେ ଅଧିକ ସଫଳତା ପାଇ ଅଞ୍ଚଳ ପାଇଁ ସୁନାମ ଆଣନ୍ତୁ ବୋଲି ପରାମର୍ଶ ଦେବା ସହ ତାଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବେଣ୍ଟକାର ହାଇସ୍କୁଲ ପରିଚାଳନା ସମିତିର ପୂର୍ବତନ ସଭାପତି ଅଜୟ କୁମାର ଦଳାଇ, ହାଇସ୍କୁଲର ବରିଷ୍ଠ ଆଲମୁନି ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ପୁରାତନ ଛାତ୍ର ସୌମ୍ୟରଞ୍ଜନ ଦାସ ଓ କାହ୍ନୁ ଚରଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ବିଜେପି ସଭାପତି ନିଯୁକ୍ତ

**ଫୁଲନଖରା,୫।୫/ଏନ୍ଏନ୍ଏସ୍:** ବରିଷ୍ଠ ସଂଗଠକ ଜନାର୍ଦ୍ଦନ ପାତ୍ର ବାରଙ୍ଗ ବ୍ଲକ କୁରାଙ୍ଗଶାସନ ପଞ୍ଚାୟତ ବିଜେପିର ନୂତନ ସଭାପତିଭାବେ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଦଳର ବିଭିନ୍ନ ପଦ ପଦବୀରେ ରହି ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ନୂତନ ନିଯୁକ୍ତି ଫଳରେ କୁରାଙ୍ଗଶାସନ ପରି ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପଞ୍ଚାୟତର ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହେବବୋଲି ନେତୃମଣ୍ଡଳୀ ଆଶା କରିଛନ୍ତି। ଏହି ଅବସରରେ ଶ୍ରୀ ପାତ୍ର ଗବବସ୍ତ ମଣ୍ଡଳ ସଭାପତି ଅଶ୍ୱିନୀକୁମାର କାଣ୍ଡି ଓ ଜିଲା ସଭାପତି ସୁକାନ୍ତକୁମାର ବିଶ୍ୱାଳଙ୍କ ସମେତ ଦଳୀୟ ନେତୃବୃନ୍ଦଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ସୁବୋଧକୁମାର ପାତ୍ର, ପ୍ରତାପଚନ୍ଦ୍ର ପଣ୍ଡା, ଅଶୋକ ସାହୁ, ଅଜିତରଞ୍ଜନ ସାହୁ, ନରେନ୍ଦ୍ର ପାତ୍ର, ସିଦ୍ଧେଶ୍ୱର ରାଉତ ଓ ସୁବାସ ପାତ୍ର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ କୁରାଙ୍ଗଶାସନ ପଞ୍ଚାୟତରେ ବିଜେପି ଦଳ ସପକ୍ଷରେ ସମଗ୍ର ନିଆଳି ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ମତଦାନ ହୋଇଥିଲା।

## ଆଜିର ଇତିହାସ

- ୧୬୩୨-ମୋଗଲ ବାଦଶାହ ଶାହାଜାହାଁ ଓ ଆଦିଲଶାହ ଏକ ସନ୍ଧି ଉପରେ ହସ୍ତାକ୍ଷର କରିଥିଲେ।
- ୧୮୧୮-ରାଜଧାନୀ ରାୟଗଡ଼ରେ ବାଜିରାଓଙ୍କ ପତ୍ନୀ ବାରାଣସୀବାଈଙ୍କୁ ଇଂରେଜମାନେ ପରାଜିତ କଲେ।
- ୧୯୪୪-ପୁନେ ଠାରେ ଆଗା ଖାନ ପ୍ୟାଲେସ୍‌ରୁ ଗାନ୍ଧିଜୀ ମୁକ୍ତ ହେଲେ।
- ୧୯୯୯-ମହାରାଷ୍ଟ୍ରର କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକରେ ମହିଳାମାନଙ୍କୁ ତିନି ପ୍ରତିଶତ ଆରକ୍ଷଣ ଦେବା ପାଇଁ ନିର୍ଣ୍ଣୟ ନିଆଗଲା।
- ୨୦୧୦-ମୁମ୍ବାଇ ଠାରେ ୨୬/୧୧ ଆକ୍ରମଣର ଦୋଷୀ ଆଜମଲ୍ ଆମିର କସାବକୁ ମୃତ୍ୟୁ ଦଣ୍ଡାଦେଶ ମିଳିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ**: ଦିନଟି ଅନୁକୂଳ ରହିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ଗୁପ୍ତ ସୋର୍ସରୁ ଧନ ଲାଭର ସମ୍ଭାବନା ରହିଛି। ଦାମ୍ପତ୍ୟ ଜୀବନରେ ଜୀବନସାଥୀର ସହଯୋଗ ପାଇବେ।

**ବୃଷ**: ଦିନଟି ଉତ୍ଥାନ-ପତନରେ ଭରି ରହିବ। ଖର୍ଚ୍ଚ ବୃଦ୍ଧି ହେବ। କାର୍ଯ୍ୟସ୍ଥଳରେ ଭଲ ପରିଣାମ ପାଇବେ। ଖର୍ଚ୍ଚ ବୃଦ୍ଧି ହେବ। ବଜେଟ୍ ଅନୁସାରେ ଚାଲିବେ। ସମସ୍ୟା କାରଣରୁ ଚିନ୍ତା ବଢ଼ିବ।

**ମିଥୁନ**: ଦିନଟି ସାମାନ୍ୟ ଫଳଦାୟକ ରହିବ। ନିଜକୁ ମଜଭୁତ କରିବେ। ସନ୍ତାନର ସ୍ୱାସ୍ଥ୍ୟ ଚିନ୍ତାରେ ପକାଇବ। ବିରୋଧୀଙ୍କୁ ସମ୍ଭାଳିବାକୁ ପଡ଼ିବ। ସମ୍ପର୍କରେ ମିଠାପଣ ରହିବ।

**କର୍କଟ**: ଦିନଟି ସାଧାରଣ ରହିପାରେ। ଭାଗ୍ୟ ଦୁର୍ବଳ ରହିବ। ଅଟକିଥିବା କାମ ପୂରା କରିବେ। ମଧୁର ବ୍ୟବହାର ରଖିବେ। ଆର୍ଥିକ ସ୍ଥିତି ପ୍ରଭାବିତ ହେବ। ପ୍ରେମ ଜୀବନ ପାଇଁ ଦିନଟି ଭଲ ନୁହେଁ।

**ସିଂହ**: ଦିନଟି ଖୁବ୍ ଭଲ ରହିବ। କାର୍ଯ୍ୟକ୍ଷେତ୍ରରେ ପ୍ରଭାବ ବଢ଼ିବ। ସୁଖ-ସାଧନରେ ବ୍ୟୟ କରିବେ। ଖର୍ଚ୍ଚ ନିୟନ୍ତ୍ରଣରେ ରହିବ। ପରିବାରରେ କାହାର ସ୍ୱାସ୍ଥ୍ୟହାନି ହୋଇପାରେ।

**କନ୍ୟା**: ବୁଝାମଣାର ସହିତ ଚାଲିବାକୁ ପଡ଼ିପାରେ। ଉତ୍ସାହରେ ଭରି ରହିବେ। ପ୍ରଦର୍ଶନ ଖୁବ୍ ଭଲ ରହିବ। ବ୍ୟବସାୟିକ କାର୍ଯ୍ୟରେ ସଫଳତା ପାଇବେ। ଭ୍ରମଣ କିମ୍ବା ମୁଭି ଦେଖିବାକୁ ଯାଇପାରନ୍ତି।

**ତୁଳା**: ଚେହେରାରେ ପ୍ରସନ୍ନ ଭାବ ରହିବ। ନୂଆ ଲୋକଙ୍କ ସହିତ ସାକ୍ଷାତ ହୋଇପାରେ। ସହକର୍ମୀଙ୍କ ସହିତ ଖୁବ୍ ଭଲ ବ୍ୟବହାର କରିବେ। ପ୍ରେମ ମାମଲାରେ ମିଶ୍ରିତ ଫଳ ପାଇବେ।

**ବିଛା**: ଦିନଟି ଅନୁକୂଳ ରହିବ। ଅଟକିଥିବା ଅର୍ଥ ଫେରି ପାଇବେ। ନୂଆ କାର୍ଯ୍ୟ ଯୋଜନା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ରହିବ। ପରିବାରରୁ ଖୁସି ପ୍ରାପ୍ତ କରିବେ।

**ଧନୁ**: ମାନସିକ ଚାପ ରହିବ। ଆୟ ବୃଦ୍ଧି ହେବ। ଖର୍ଚ୍ଚ ମଧ ହେବ। ସମ୍ପର୍କରେ ଫାଟ ସୃଷ୍ଟି ହୋଇପାରେ। ସାବଧାନ ହୋଇ ବାହନ ଚଲାନ୍ତୁ। କାର୍ଯ୍ୟକ୍ଷେତ୍ରରେ କାମର ଚାପ ରହିବ।

**ମକର**: ଦିନଟି ମଧ୍ୟମ ଫଳଦାୟୀ। ଅଧିକ କାମକାର୍ଯ୍ୟ ପ୍ରଭାବ ପକାଇବ। ଜମିଜମା ସଂକ୍ରାନ୍ତରେ ଲାଭ ପାଇବେ। ଗୃହସ୍ଥ ଜୀବନରେ ସାଥୀର ସହଯୋଗ ପାଇବେ। ମନ ପ୍ରସନ୍ନ ରହିବ।

**କୁମ୍ଭ**: ଦିନଟି ଖୁବ୍ ଭଲ ରହିବ। ବ୍ୟାପାରୀଙ୍କର ଆୟ ବୃଦ୍ଧି ଯୋଗ ରହିଛି। ଘରେ କଳହ ହୋଇପାରେ। ମନ ଅଶାନ୍ତ ରହିବ। ବୟସ୍କମାନଙ୍କ ସହିତ ଚର୍ଚ୍ଚା କରିପାରନ୍ତି। ମାନସିକ ସ୍ପଷ୍ଟତା ରହିବ।

**ମୀନ**: ଦିନଟି ଶାନ୍‌ଦାର ରହିବ। ବୁଦ୍ଧିମାନୀ ଯୋଗୁ ଆହ୍ୱାନ ବେଳେ ବିଜୟୀ ହେବେ। ଧନ ମାମଲାରେ ଦିନଟି ଶ୍ରେଷ୍ଠ। ଆର୍ଥିକ ସ୍ଥିତି ଭଲ ରହିବ। ସ୍ୱାସ୍ଥ୍ୟରେ ସୁଧାର ହେବ। ଭବିଷ୍ୟତ ପାଇଁ ଠୋସ୍ ନିର୍ଣ୍ଣୟ ନେଇପାରନ୍ତି।

## ଶ୍ରୀମଦ୍ ଭଗବଦ୍‌ଗୀତା



ସତ୍‌କାରମାନପୂଜାର୍ଥଂ ତପୋ ଦମ୍ଭେନ ଚୈବ ଯତ୍।
କ୍ରିୟତେ ତଦିହ ପ୍ରୋକ୍ତଂ ରାଜସଂ ଚଳମଧ୍ରୁବମ୍। (୧୭/୧୮)

ସତ୍‌କାର, ମାନ ଓ ପୂଜାଲାଭ ପାଇଁ ଯେଉଁ ତପସ୍ୟା ଦମ୍ଭପୂର୍ବକ ଅନୁଷ୍ଠିତ ହୁଏ, ସେହି ଚଞ୍ଚଳ ବା ଅସ୍ଥିର ତପସ୍ୟାକୁ ଶାସ୍ତ୍ରରେ ରାଜସ କୁହାଯାଏ। ଅର୍ଥାତ ଯେଉଁମାନେ ନାଁ କମେଇବା ପାଇଁ, ନିଜକୁ ସମାଜରେ ପ୍ରତିଷ୍ଠା ଓ ଖ୍ୟାତି ଅର୍ଜନ ଏବଂ ଅନେକ ପ୍ରକାର ଲୋକ ଦେଖାଣିଆ କାର୍ଯ୍ୟ କରି ପ୍ରଶଂସା ଗୋଟାଇବାକୁ ଚାହାନ୍ତି ସେମାନେ ଏଭଳି ଯଜ୍ଞ କରନ୍ତି।

ଶ୍ରୀ ରାମକୃଷ୍ଣ କହନ୍ତି - କୌଣସି କାମନା ବାସନା ରଖିବା ଠିକ୍ ନୁହେଁ। କାମନା ବାସନା ରହିଲେ ତାହାକୁ ସକାମ ଭକ୍ତି କହନ୍ତି। କିନ୍ତୁ କାମିନୀ କାଞ୍ଚନ ତ୍ୟାଗ ନ କଲେ କିଛି ହେବନାହିଁ।

# ରାଜଯୋଗ ଦ୍ୱାରା ଆତ୍ମ-ଶୁଦ୍ଧି

ଆତ୍ମାର ମୂଳ ନିବାସ ଆତ୍ମାଲୋକ ବା ପରମଧାମ। ଆମେ ସମସ୍ତେ ଆଧାତ୍ମିକ ଊର୍ଜା ଯାହା ବିଶ୍ୱ ନାଟକରେ ଅଲଗା ଅଲଗା ସମୟରେ ଜନ୍ମ ନେଇଥାନ୍ତି ଓ ପ୍ରତି ଜନ୍ମରେ ନିଜର କର୍ମ କରନ୍ତି। ଏହି ଭୌତିକ ସଂସାରରେ ଅଲଗା ଅଲଗା ଶରୀର ଦ୍ୱାରା ନିଜର ଭୂମିକା ନିଭେଇ ଥାଆନ୍ତି। ପ୍ରତି ଆତ୍ମାର କର୍ମ ତା’ର ମୂଳ ପବିତ୍ରତା ଓ ବିଶେଷ ସଂସ୍କାରଗୁଡ଼ିକ ଅନୁସାରେ ଅଲଗା ଥାଏ। ସବୁ ଆତ୍ମା ଭିନ୍ନ ଭିନ୍ନ ଜନ୍ମରେ ସେମାନଙ୍କ ସମ୍ବନ୍ଧ ନେଇ ଗତି କରିଥାନ୍ତି ଓ ନିଜ ସହିତ ଯାତ୍ରା କରୁଥିବା ଆତ୍ମାମାନଙ୍କୁ ସୁଖ କିମ୍ବା ଦୁଃଖ ଦେଇଥାନ୍ତି। ପ୍ରତି ଜନ୍ମରେ ଆତ୍ମାମାନଙ୍କର ପ୍ରକୃତି, ପଞ୍ଚତତ୍ତ୍ୱଗୁଡ଼ିକ ସହିତ ସମ୍ବନ୍ଧ ତିଆରି କରନ୍ତି। ସେମାନେ ପ୍ରକୃତିକୁ ଯେପରି ଊର୍ଜା ଦିଅନ୍ତି-ସକାରାତ୍ମକ ବା ନକାରାତ୍ମକ ସେହି ଅନୁସାରେ ତାଙ୍କ



ସହିତ କର୍ମର ହିସାବ ହୋଇଥାଏ। ଏହା ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ କାରଣ ଯାହା ଜନ୍ମ-ମରଣର ଯାତ୍ରାରେ ଆତ୍ମା କେତେ ଅପବିତ୍ର ଥାଏ ତାହା ସ୍ଥିର କରିଥାଏ। ଏହା ସହିତ ଅନ୍ୟ ଭୁଲ୍ କାମ ଓ ସମ୍ବନ୍ଧଗୁଡ଼ିକ ପାଇଁ କରାଯାଇଥିବା ନକାରାତ୍ମକ କର୍ମଗୁଡ଼ିକର ପ୍ରଭାବ ପଡ଼ିଥାଏ। ସଂସାରର ଲୋକମାନେ ଏହା ଚିନ୍ତା କରୁଛନ୍ତି ଯେ ଆତ୍ମା ନିଜକୁ କିପରି ଶୁଦ୍ଧ କରି ପୁଣି ଥରେ ଆତ୍ମଲୋକକୁ ଫେରିପାରିବ। ଆତ୍ମା ଯେତେବେଳ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇନଥାଏ ସେ ପର୍ଯ୍ୟନ୍ତ ତାହା ମୂଳ ଘରକୁ ଫେରିପାରିବ ନାହିଁ। ପରମାତ୍ମା ହେଉଛନ୍ତି ସର୍ବୋଚ୍ଚ ପିତା ଓ ପରମ ଆତ୍ମା। ସେ ମନୁଷ୍ୟ ଆତ୍ମା ପରି ବାରମ୍ବାର ଜନ୍ମ-ମରଣ ଚକ୍ରରେ ଆସନ୍ତି ନାହିଁ। ଏଥିପାଇଁ ତାଙ୍କର ପବିତ୍ରତା କେବେ ମଧ କମ୍ ହୁଏ ନାହିଁ। ସେ ସର୍ବଦା ପବିତ୍ରତାର ସାଗର ହୋଇ ରହିଥାନ୍ତି। ସେ ଜାଣନ୍ତି ଯେ ଆତ୍ମ-ଅଭିମାନ ଦ୍ୱାରା କରାଯାଉଥିବା କର୍ମ ହିଁ ସଠିକ୍ କର୍ମ ଓ ଦେହ-ଅଭିମାନରେ କରାଯାଉଥିବା କର୍ମ ହେଉଛି ଭୁଲ୍ କର୍ମ ଯାହା ଆତ୍ମାକୁ ଅପବିତ୍ର କରିଦିଏ। ବର୍ତ୍ତମାନର କଳିଯୁଗରେ ଆତ୍ମା ଯେତେବେଳେ ଅଧିକ ପବିତ୍ର ହୋଇଯାଉଛି ଏ ସମୟରେ ପରମାତ୍ମା ରାଜଯୋଗ ମେଡିଟେସନ୍ କରିବା ପାଇଁ ପ୍ରେରିତ କରୁଛନ୍ତି। ଏହା ନିଜର ଆତ୍ମାକୁ ବୁଝିବା ଓ ପରମାତ୍ମାକୁ ସ୍ମରଣ କରିବାର ଏକ ବିଧି। ଏହି ଧ୍ୟାନ ଯୋଗରେ ଆତ୍ମା, ପରମାତ୍ମାଙ୍କୁ ସର୍ବୋଚ୍ଚ ଜ୍ୟୋତି ବିନ୍ଦୁ ଭାବରେ ଅନୁଭବ କରିଥାଏ।

# ଭିଏତନାମୀ ବ୍ୟଞ୍ଜନ



ଭ୍ରମଣ କରିବା ଦ୍ୱାରା କେବଳ ଯେ ଜ୍ଞାନ ପ୍ରାପ୍ତ ହୁଏ ତାହା ନୁହେଁ ଅନେକ ପ୍ରକାରର ଅଭିଜ୍ଞତା ମଧ ମିଳେ। ବିଭିନ୍ନ ସ୍ଥାନ ଭ୍ରମଣ କରିବା ସହିତ ସେଠିକାର ସଂସ୍କୃତିକୁ ଦେଖିବା, ଆଡ୍‌ଭେଞ୍ଚରକୁ ଉପଭୋଗ କରିବାକୁ ଅନେକ ଲୋକ ପସନ୍ଦ କରନ୍ତି। କିନ୍ତୁ ସେହି ସ୍ଥାନଗୁଡ଼ିକର ଖାଦ୍ୟପେୟକୁ ପର୍ଯ୍ୟଟକମାନେ ପସନ୍ଦ କରିବେ ତାହା ସମ୍ଭବ ନୁହେଁ। ତେଣୁ ଦେଶ ବାହାରକୁ ଗଲେ କେଉଁଠାରେ ଖାଦ୍ୟର ଆନନ୍ଦ ଉଠେଇ ପାରିବେ ସେ ବିଷୟରେ ଜରୁରୀ ତଥ୍ୟ ଜାଣିବା ଉଚିତ। ତେବେ ଭିଏତନାମ ଖାଦ୍ୟର ରହିଛି ଅଲଗା ପରିଚୟ। ଭିଏତନାମର ପ୍ରାକୃତିକ ସୌନ୍ଦର୍ଯ୍ୟ, ସେଠିକାର ବିବିଧ ସଂସ୍କୃତି ଓ ପାହାଡ଼ ଉପରେ ସ୍ଥିତ ଗ୍ରାମଗୁଡ଼ିକ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ଯଥେଷ୍ଟ କିନ୍ତୁ ଏହା ସହିତ ସେଠିକାର ଖାଦ୍ୟପେୟ, ସେଥିରେ ବ୍ୟବହୃତ କରାଯାଇଥିବା ସାମଗ୍ରୀ ଭିଏତନାମକୁ ଦ୍ୱିତୀୟ ଥର ଯିବା ପାଇଁ ବାଧ କରିବ। ଏହି ସୂଚୀରେ ବିଶେଷ କରି ଶ୍ରିମ୍ପ ପେଷ୍ଟ, ଫିସ୍ ସସ୍, ରାଇସ୍, ହର୍ବସ୍, ଥାଇ ବେସିଲ୍, ଫ୍ରୁଟ୍ସ ଓ ଭେଜିଟେବଲ୍ସ ସାମିଲ ଅଛି। ତେବେ ଦୀର୍ଘ ସମୟରୁ ଭିଏତନାମୀ ବ୍ୟଞ୍ଜନ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ରଖିଛି। ଅନ୍ତଃରାଷ୍ଟ୍ରୀୟ ର୍‌ୟାଙ୍କିଂରେ ଲଗାତର ଭିଏତନାମୀ ଷ୍ଟ୍ରିଟ୍ ଫୁଡ୍‌କୁ ସମ୍ମାନିତ କରାଯାଇଛି। ବିଗତ ତିନି ବର୍ଷ ହେଲାଣି ମିଶେଲିନ୍ ଗାଇଡ୍‌ର ଉପସ୍ଥିତି ବୈଶ୍ୱିକ ସ୍ତରରେ କାଜୁଆଲ୍‌ରୁ ଆରମ୍ଭ କରି ହାଇ-ଏଣ୍ଡ ପର୍ଯ୍ୟନ୍ତ ଭିଏତନାମୀ ବ୍ୟଞ୍ଜନଗୁଡ଼ିକୁ ପ୍ରୋତ୍ସାହନ ଦେଉଛି। ଭିଏତନାମୀ ବ୍ୟଞ୍ଜନଗୁଡ଼ିକର ଲୋକପ୍ରିୟତା ମଧ ଏକ ମୁଖ୍ୟ ବିଷୟ ହୋଇ ରହିଛି ଯେଉଁଥିରେ ଏହାର ସମୃଦ୍ଧ ସ୍ୱାଦ, ବିବିଧ ଖାଦ୍ୟ ପ୍ରସ୍ତୁତିର ପ୍ରକ୍ରିୟା, ସ୍ୱାସ୍ଥ୍ୟପ୍ରଦତା ଓ ଉଚ୍ଚ ଗୁଣବତ୍ତା ଥିବା ସାମଗ୍ରୀ ପରି ପ୍ରମୁଖ ତତ୍ତ୍ୱ ସାମିଲ ଅଛି। ତେବେ ଭିଏତନାମର ପାଞ୍ଚଟି ପ୍ରସିଦ୍ଧ ଡିସେସ୍ ନିମ୍ନରେ ଦିଆଗଲା।







**ସ୍ପ୍ରିଙ୍ଗ ରୋଲ୍-** ପୋର୍କ, ଶ୍ରିମ୍ପ, କ୍ରାବ୍ ଓ ଧଣିଆ ପତ୍ର ମିଶାଇ ତିଆରି ହେଉଥିବା ସ୍ପ୍ରିଙ୍ଗ ରୋଲ୍ ଭିଏତନାମରେ ଖୁବ୍ ଲୋକପ୍ରିୟ ଖାଦ୍ୟ। କିଛି ସ୍ଥାନରେ ଲେଟ୍ୟୁସ୍ ଓ ପୋଦିନା ସହିତ ଏହାକୁ ସର୍ଭ କରାଯାଏ। ଶାକାହାରୀ ଲୋକଙ୍କୁ ଏହି ରୋଲ୍ ଖୁବ୍ ପସନ୍ଦ ଆସିବ।

**ସ୍ୟାଣ୍ଡୱିଚ୍-** ମ୍ଲେଟ୍ ଓ ମନପସନ୍ଦର ଫିଲିଂ ସହିତ ତିଆରି ହେଉଥିବା ସ୍ୟାଣ୍ଡୱିଚ୍ ଖାଇବାକୁ ଯେତେ ସ୍ୱାଦିଷ୍ଟ ଏହା ସ୍ୱାସ୍ଥ୍ୟ ପାଇଁ ମଧ ସେତେ ଲାଭକାରୀ।

**ବନ୍‌ଚା-** ହନୋଇର ଏହା ଏକ ଖାସ୍ ଡିସ୍ ଯାହା ପ୍ରତି ଫୁଡ୍ ଷ୍ଟଲ୍ ଓ ରେଷ୍ଟୁରାଣ୍ଟସରେ ମିଳିଯିବ। ଛୋଟ ହ୍ୟାମ୍‌ବର୍ଗର, ପୋର୍କ ପେଟି ଯେଉଁଥିରେ ସ୍ୱାଦ ଓ ସୁଗନ୍ଧ ବୃଦ୍ଧି କରେଇବା ପାଇଁ ଚାରକୋଲ୍‌ରେ ପ୍ରସ୍ତୁତ କରାଯାଏ। ଏହାକୁ ରାଇସ୍ ନୁଡଲ୍ସ ଓ ମିଠା ସସ୍ ସହିତ ସର୍ଭ କରାଯାଏ।



**ସିଜ୍‌ଲିଂ କେକ୍-** ଶ୍ରିମ୍ପ, ପୋର୍କ, ବିନ୍ ସ୍ପ୍ରାଉଟ୍ସ ଓ ଅଣ୍ଡା ମିଶାଇ ପ୍ରସ୍ତୁତ ହେଉଥିବା ଏହି ପ୍ୟାନ୍‌କେକ୍‌କୁ ଫ୍ରାଇ କରି ତାକୁ ରାଇସ୍ ପେପର୍‌ରେ ର୍‌ୟାପ୍ କରାଯାଏ। ଏହାକୁ ସ୍ପାଇସି ସସ୍ ସହିତ ଲୋକମାନେ ଖାଆନ୍ତି।

**ସୁପ୍ ବା ଫୋ-** ଏହା ହେଉଛି ଭିଏତନାମ୍‌ର ନ୍ୟାସନାଲ୍ ଡିସ୍। ଏହାକୁ କେବେ ବି ପିଇପାରିବେ। କିନ୍ତୁ ଅଧିକାଂଶ ଲୋକ ବ୍ରେକ୍‌ଫାଷ୍ଟ ପୂର୍ବରୁ ଏହି ସୁପ୍‌କୁ ଗ୍ରହଣ କରନ୍ତି। ସୁପ୍‌ରେ ବିଫ୍‌ର କିଛି ଖଣ୍ଡ, ଚିକେନ ବ୍ରୋଥ୍, ଅଦା ଓ ଧଣିଆର ବ୍ୟବହାର ହୋଇଥାଏ।

# ଆହାର ନିଷେଧ ଦିବସ



ନିଜ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ହେଲେ ସଠିକ୍ ଉପାୟରେ ଖାଦ୍ୟ ଖାଇବା ବହୁତ ଜରୁରୀ। ଏପରି ସ୍ଥଳେ ଲୋକମାନେ ନିଜ ସ୍ଥିତି ଆନୁସାରେ ସ୍ୱାସ୍ଥ୍ୟକୁ ଠିକ୍ ରଖିବା ପାଇଁ ଓ ଫିଟ୍ ରହିବା ପାଇଁ ନିଜର ଖାଦ୍ୟପେୟକୁ ନିୟନ୍ତ୍ରଣରେ ରଖିଥାନ୍ତି। ଅନେକ ପସନ୍ଦଯୋଗ୍ୟ ଖାଦ୍ୟକୁ ସେମାନେ ଖାଆନ୍ତି ନାହିଁ। ଦୁନିଆରେ ଏପରି ଅଗଣିତ ଲୋକ ଅଛନ୍ତି ଯେଉଁମାନେ ନିଜର ଓଜନ ହ୍ରାସ କରିବା ପାଇଁ, ଫିଟ୍ ରହିବା ପାଇଁ ଓ କୌଣସି ସ୍ୱାସ୍ଥ୍ୟସ୍ଥିତିକୁ ଉତ୍କୃଷ୍ଟ ପରିଣାମ ଦେବା ପାଇଁ ଡାଏଟ୍ ଉପରେ ଧ୍ୟାନ ରଖିଥାନ୍ତି କିମ୍ବା ମନଖୋଲି ଖାଦ୍ୟ ଖାଇଥାନ୍ତି। ଏପରି ସ୍ଥିତି ପାଇଁ ପ୍ରତିବର୍ଷ ମେ’ ମାସର ଆଜିର ଦିନରେ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଏ ନୋ ଡାଏଟ୍ ଦିବସ। ଯେଉଁ ଲୋକମାନେ ଓଜନ କମ୍ କରେଇବା ପାଇଁ ଡାଏଟ୍ ଉପରେ ରହିଥାନ୍ତି ସେହି ଲୋକମାନଙ୍କୁ ଡାଏଟିଂର କଠୋର ନିୟମଗୁଡ଼ିକରୁ ମୁକ୍ତି ଦେବା ପାଇଁ ଓ ନିଜର ପସନ୍ଦଯୋଗ୍ୟ ଖାଦ୍ୟ ଖାଇବା ପାଇଁ ପ୍ରୋତ୍ସାହିତ କରିବା ନୋ ଡାଏଟ୍ ବା ଆହାର ନିଷେଧ ଦିବସର ଉଦ୍ଦେଶ୍ୟ। ଏହି ଦିବସକୁ ଚିଟ୍ ଡେ’ ମଧ କୁହାଯାଏ। ନିଜ ପସନ୍ଦର ଖାଦ୍ୟକୁ ଖାଇ ସୁସ୍ଥ ରହିବାକୁ ଏହି ଦିନ ସ୍ମରଣ କରାଇଦିଏ। ବ୍ରିଟେନର ଜଣେ ମହିଳା ମେରୀ ଇଭାନ୍ସ ୧୯୯୨ରେ ଏହି ଦିନ ‘ଡାଏଟ୍ ବ୍ରେକର୍ସ’ ନାମକ ଏକ ସମୂହର ସ୍ଥାପନା କରିଥିବାରୁ ଲୋକମାନେ ଏହିଦିନ ଆହାର ନିଷେଧ ଦିବସ ପାଳନ କରନ୍ତି। ଶରୀର ଯେପରି ସେହିପରି ରହିବା ଖୁବ୍ ଭଲ, ତେଣୁ ବଡି ସେପ୍‌କୁ ଆପଣାଇବା, ଯେପରି ଦେଖାଯାଉଛନ୍ତି ସେହିପରି ଭାବରେ ନିଜକୁ ସ୍ୱୀକାର କରିବା ଏହି ସମୂହର ଉଦ୍ଦେଶ୍ୟ। ଏହା ସହିତ ଡାଏଟିଂ ଯୋଗୁ ହେଉଥିବା କ୍ଷତିକୁ ମଧ ବୁଝିବା ଉଚିତ। ମେରୀ ଇଭାନ୍ସ ଏନୋରେକ୍ସିଆ ପରି ରୋଗରେ ଗ୍ରସ୍ତ ଥିଲେ। ଏଥିରେ ଶରୀରର ଓଜନ ବୃଦ୍ଧି ହେବାର ବିପଦ ରହିଥାଏ। ସେ ନିଜ ଓଜନକୁ ହ୍ରାସ କରେଇବା ପାଇଁ ବିଭିନ୍ନ ଉପାୟକୁ ଫଲୋ କରୁଥିଲେ। ତେଣୁ ସେ ନୋ ଡାଏଟ୍ ଡେ’ର ଆୟୋଜନ କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଦିବସର ପାଳନ କରାଯାଉଛି।

# ଭୂତ ଦେଖିବା ପଛରେ ବିଜ୍ଞାନ



କେବେ ଆପଣ କୌଣସି କୋଠରି ବା ପୁରୁଣା ଅଟ୍ଟାଳିକାରେ ପ୍ରବେଶ କରିଲେ ତୁରନ୍ତ ଆପଣଙ୍କ ଲୋମମୂଳ ଟାଙ୍କୁରି ଉଠେ କି ? ସେଠାରେ ନା ଥାଏ କୌଣସି ଶବ୍ଦ, ନା କୌଣସି ମଣିଷ। କିନ୍ତୁ ଏକ ଅଜବ ପ୍ରକାରର ଭୟଭୀତ ହେବା ପରି ସ୍ଥିତି ଅନୁଭବ ହୁଏ। ଏକ ଭାରୀପଣର ଅନୁଭବ ହୁଏ। ଏହି ସ୍ଥିତିକୁ ପାରାନର୍ମାଲ୍ ଆକ୍ଟିଭିଟି ବା ଭୂତ-ପ୍ରେତର ଛାଇ ବୋଲି କୁହାଯାଏ। ଭୂତ ରହିଛି ଭାବି ମନରେ ଭୟ ପଶିଯାଏ। କିନ୍ତୁ ନିକଟରେ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି ଯେ ଏହା କୌଣସି ଭୂତ-ପ୍ରେତର ମାମଲା ନୁହେଁ, ଇନ୍‌ଫ୍ରାସାଉଣ୍ଡର ଖେଳ। ତେବେ ଇନ୍‌ଫ୍ରାସାଉଣ୍ଡର ଖେଳ କାରଣରୁ ମଣିଷ ଭୟ କରିଥାଏ। ଇନ୍‌ଫ୍ରାସାଉଣ୍ଡ ଏପରି ଏକ ଧ୍ୱନିର ତରଙ୍ଗ ଯାହାର ଫ୍ରିକ୍ୱେନ୍ସି ୨୦ ହର୍ଟଜ୍ ମଧ୍ୟରେ ଥାଏ। ମଣିଷର କାନ ୨୦-୨୦,୦୦୦ ହର୍ଟଜ୍ ପର୍ଯ୍ୟନ୍ତ ସ୍ୱରକୁ ଶୁଣିପାରେ। ଏଥିପାଇଁ ଇନ୍‌ଫ୍ରାସାଉଣ୍ଡ ଆମକୁ ଶୁଭେନାହିଁ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହା ଆମ ଶରୀର ଉପରେ ପ୍ରଭାବ ପକାଏ ନାହିଁ। କାନାଡାର ଅଧ୍ୟୟନକାରୀମାନଙ୍କ ଅନୁସାରେ ଏହି ଅଦୃଶ୍ୟ ସ୍ୱର ଆମର ମୁଡ୍‌କୁ ଖରାପ କରିଦେଇପାରେ। ଅଧ୍ୟୟନ ସମୟରେ ୩୬ ଜଣ ଲୋକଙ୍କୁ ୧୮ ହର୍ଟଜ୍ ଇନ୍‌ଫ୍ରାସାଉଣ୍ଡ ମଧ୍ୟରେ ରଖାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଶବ୍ଦ କାହାକୁ ବି ଶୁଭିନାହିଁ କିନ୍ତୁ ଶରୀର ପ୍ରତିକ୍ରିୟା ଦେଇଥିଲା। ଯେତେବେଳେ ଲୋକମାନଙ୍କର ଲାଳର ନମୁନା ନିଆଗଲା ସେମାନଙ୍କର କୋର୍ଟିସୋଲ୍‌ର ସ୍ତର ଅଧିକ ରହିଥିଲା। ଏହା ହେଉଛି ଶରୀରର ମୁଖ୍ୟ ଷ୍ଟ୍ରେସ୍ ହର୍ମୋନ୍। ଇନ୍‌ଫ୍ରାସାଉଣ୍ଡ ସମ୍ପର୍କରେ ଆସିବା ଦ୍ୱାରା ଲୋକମାନେ ଅଧିକ ଚିଡ଼ଚିଡ଼ା, ଦୁଃଖୀ ଷ୍ଟ୍ରେସ୍ ଥିବାର ଅନୁଭବ କରିଥିଲେ। ଇନ୍‌ଫ୍ରାସାଉଣ୍ଡର ଉପସ୍ଥିତି ଯୋଗୁ ଲୋକମାନଙ୍କୁ ଶାନ୍ତ ସଙ୍ଗୀତ ବି ଭୟଙ୍କର ମନେହେଲା। ପୂର୍ବ ଅଧ୍ୟୟନରେ ୧୮-୧୯ ହର୍ଟଜ୍ ଫ୍ରିକ୍ୱେନ୍ସି ଆଖିର ପିତୁଳାରେ କମ୍ପନ ସୃଷ୍ଟି କରିପାରେ ବୋଲି କୁହାଯାଇଥିଲା ଯେଉଁଥି ପାଇଁ ମଣିଷକୁ ଅସ୍ପଷ୍ଟ ଆକୃତି ବା ଛାଇ ଦେଖାଯାଏ। ଶରୀରରେ ଷ୍ଟ୍ରେସ୍ ରହିଲେ ଆଖିରେ ଭ୍ରମ ସୃଷ୍ଟି ହୁଏ ଓ ତୁରନ୍ତ ମଣିଷ ତାକୁ ଭୂତ ବୋଲି ଭାବିନିଏ।

# ହିଙ୍ଗୁ ନଗରୀ



ହିଙ୍ଗୁ କଥା ଉଠିଲେ ଉତ୍ତରପ୍ରଦେଶର ଏହି ସହରର ଚର୍ଚ୍ଚା ନିଶ୍ଚିତ ଭାବରେ ହୁଏ। ଆମ ଦେଶର ବ୍ୟଞ୍ଜନଗୁଡ଼ିକରେ ସ୍ୱାଦ ବୃଦ୍ଧି କରଉଥିବା ଏକ ପ୍ରସିଦ୍ଧ ସାମଗ୍ରୀ ହେଉଛି ହିଙ୍ଗୁ। ହିଙ୍ଗୁ ପାଚନରେ ସହାୟକ ହୋଇଥାଏ, ପେଟର ଗ୍ୟାସ୍ ହ୍ରାସ କରାଏ, ଏସିଡିଟି ଓ ମାସିକଧର୍ମର ଯନ୍ତ୍ରଣାରୁ ମୁକ୍ତି ଦିଏ। ହିଙ୍ଗୁର ରହିଛି ଅନେକ ପ୍ରକାରର ଔଷଧୀୟ ଗୁଣ। ହିଙ୍ଗୁରେ ରହିଛି ଯନ୍ତ୍ରଣା ହ୍ରାସ କରେଇବାର ଗୁଣ ଯାହା ମାଂସପେଶୀ ଓ ଯୋଡ଼ଗୁଡ଼ିକରୁ ଯନ୍ତ୍ରଣା ହ୍ରାସ କରାଇଥାଏ। ସ୍କିନ୍ ଓ କେଶ ପାଇଁ ହିଙ୍ଗୁ ଲାଭକାରୀ। ଆଲର୍ଜି ଓ ଆସ୍ଥମାରୁ ମୁକ୍ତି ଦିଏ ହିଙ୍ଗୁ। ଏଥିରେ ଆଣ୍ଟି-ଷ୍ଟ୍ରେସ୍ ଗୁଣ ଥାଏ ଯାହା ଚାପ ଓ ଚିନ୍ତା ହ୍ରାସ କରାଏ। ହିଙ୍ଗୁ ମୁଖ୍ୟତଃ ଇରାନ, ଆଫଗାନିସ୍ତାନ ଓ ଉଜ୍‌ବେକିସ୍ତାନର ମୂଳ ଗଛ। ଏବେ ହିମାଚଳ ପ୍ରଦେଶ ଓ ଲଦ୍ଦାଖରେ ହିଙ୍ଗୁ ଚାଷ ପ୍ରଚୁର ମାତ୍ରାରେ ହୁଏ। କିନ୍ତୁ ହାତରସରେ ବିଗତ ଶହେ ବର୍ଷ ହେଲାଣି ହିଙ୍ଗୁର ଉତ୍ପାଦନ ହେଉଛି। ହାଥରସ ଠାରେ ତିଆରି ହେଉଥିବା ହିଙ୍ଗୁର ମହକ ଦେଶ-ବିଦେଶରେ ପ୍ରସିଦ୍ଧ। ଇରାନ, ଆଫଗାନିସ୍ତାନ, ଉଜ୍‌ବେକିସ୍ତାନ, ତାଜାକିସ୍ତାନରୁ ଆମଦାନୀ ହେଉଥିବା ଲିକ୍ୱିଡ୍‌କୁ ଫିଲ୍ଟର କରି କମ୍ପାଉଣ୍ଡ ବା ବନ୍ଧାନୀ ହିଙ୍ଗୁ ପ୍ରସ୍ତୁତ କରାଯାଏ। ଖାଇବା ଗୋନ୍ଦ, ତେଲ ଓ ଷ୍ଟାର୍ଚ୍ଚ ଆଦିକୁ ମିଶାଇ ହିଙ୍ଗୁର କମ୍ପାଉଣ୍ଡ୍ ପ୍ରସ୍ତୁତ କରାଯାଏ। ତେବେ ହିଙ୍ଗୁକୁ ତିଆରି କରିବା ପାଇଁ କୌଣସି ମେସିନ୍‌ର ଆବଶ୍ୟକ ହୁଏ ନାହିଁ। ଏହାର ପ୍ରୋସେସିଂ ହୁଏ ହାତରେ। ହିଙ୍ଗୁକୁ ଖାଇବାଯୋଗ୍ୟ କରିବା ପାଇଁ ହାଥରସରେ ଅନ୍ୟ ସାମଗ୍ରୀ ମିଶାଯାଏ। ହିଙ୍ଗୁରେ ମଇଦା, ଶୁଦ୍ଧ ରିଫାଇଣ୍ଡ୍ ତେଲ ଓ ଗୋନ୍ଦ ମିଶାଇ ପ୍ରସ୍ତୁତ କରାଯାଏ। ଇତିହାସ ଅନୁସାରେ ଆଫଗାନିସ୍ତାନରୁ ଆଡ୍ଡୁ ନାମକ ଜଣେ ବ୍ୟବସାୟୀ ହାଥରସରେ ଯାଇ ରହିଥିଲେ ଓ ସେହିଠାରୁ ସେ ଆରମ୍ଭ କରିଥିଲେ ହିଙ୍ଗୁ ବ୍ୟବସାୟ। ହାଥରସରେ ଏବେ ବି ରହିଛି ୫୦-୬୦ ଛୋଟ ବଡ଼ ଫ୍ୟାକ୍ଟ୍ରି ଯେଉଁଥିରେ କାମ କରୁଛନ୍ତି ୨୫୦୦ରୁ ଅଧିକ କର୍ମଚାରୀ।

# ନିରାଶ କଲେ ସାଇ



ଦକ୍ଷିଣର ଷ୍ଟାର୍ ଅଭିନେତ୍ରୀ ସାଇ ପଲ୍ଲବୀ ଫିଲ୍ମ ‘ଏକ୍ ଦିନ୍’ ଜରିଆରେ ବଲିଉଡ୍ ଡେବ୍ୟୁ କରିଥିଲେ ଯେଉଁଥିରୁ ଦର୍ଶକମାନେ ବହୁତ କିଛି ଆଶା ରଖିଥିଲେ। କିନ୍ତୁ ଫିଲ୍ମଟି ଆଶାଜନକ ଭାବରେ ସଫଳତା ପାଇନାହିଁ। ଅମିର ଖାନଙ୍କ ପ୍ରଡକ୍ସନ୍ ହାଉସ୍ ଅନ୍ତର୍ଗତ ନିର୍ମିତ ହୋଇଥିବା ଏହି ଫିଲ୍ମରେ ତାଙ୍କ ପୁଅ ଜୁନୈଦ ଖାନଙ୍କ ସହିତ ସାଇଙ୍କ କେମିଷ୍ଟ୍ରିକୁ ଦର୍ଶକମାନେ ଯଦିଓ ପସନ୍ଦ କରିଛନ୍ତି କିନ୍ତୁ ଫିଲ୍ମଟି ଫ୍ଲପ୍ ହୋଇଛି। ମେ’ ୧ ତାରିଖରେ ରିଲିଜ ହୋଇ ପୂରା ବିଶ୍ୱରେ ଫିଲ୍ମଟି ଆୟ କରିଛି ମାତ୍ର ତିନି କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ଏବେ ଷ୍ଟ୍ରଗଲ୍ କରୁଛି ଥିଏଟର୍‌ରେ। ଏହି ଫ୍ଲପ୍ ଡେବ୍ୟୁ ପରେ ସାଇ ପଲ୍ଲବୀ ୪୦୦୦ କୋଟି ବଜେଟ୍‌ର ଫିଲ୍ମ ଜରିଆରେ ଦର୍ଶକମାନଙ୍କୁ ବାନ୍ଧି ରଖିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ସାଇ ଜଣେ ଦମ୍‌ଦାର କଳାକାର ଏଥିରେ ସନ୍ଦେହ ନାହିଁ ଓ ଦର୍ଶକମାନଙ୍କର ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିବାରେ ସେ ମାହିର ଅଛନ୍ତି। ତେବେ ଡେବ୍ୟୁ ଫିଲ୍ମ ଯେପରି ବି ହୋଇଥାଉ ନା କାହିଁକି ସାଇ ଫିଲ୍ମ ‘ରାମାୟଣ’ରେ ନଜର ଆସିବେ ଯେଉଁଥିରେ ମାତା ସୀତାଙ୍କ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିବ। ଫିଲ୍ମରେ ରନ୍‌ବୀର କପୁର ରାମ, ସନି ଦେଓଲ, ହନୁମାନଜୀ ଓ ୟଶ ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟି ଦୁଇଟି ପାର୍ଟରେ ରିଲିଜ ହେବ ଯେଉଁଥି ପାଇଁ ଦର୍ଶକମାନଙ୍କର ଉତ୍ସାହ ବୃଦ୍ଧି ପାଇଛି। ନିତେଶ ତିୱାରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମଟି ବଲିଉଡ୍ ଇତିହାସର ସବୁଠାରୁ ଦାମୀ ଓ ବଡ଼ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ‘ରାମାୟଣ’ର ପ୍ରଥମ ପାର୍ଟ ରିଲିଜ ହେବ ଦୀପାବଳି ଅବସରରେ ଓ ଏହାର ଦ୍ୱିତୀୟ ପାର୍ଟ ଆସନ୍ତା ବର୍ଷ ଥିଏଟର୍‌ରେ ରିଲିଜ ହେବାର ଅଛି।



**ଆଜିର ମ୍ୟାଚ୍**

**ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ପଞ୍ଜାବ କିଙ୍ଗ୍‌ସ**

**ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ହାଇଦ୍ରାବାଦ**

ନିତିଦିନ NITIDIN

# ଭାରତ ଟି-୨୦ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷରେ କାଏମ



**ଟିମ୍‌କୁ ବିଶ୍ୱକପ୍ ବିଜୟର ଲାଭ ମିଳିଛି**

**ଇଂଲଣ୍ଡ ଦ୍ୱିତୀୟ ଓ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ**

**ଦୁବାଇ,୫।୫/ଏଜେନ୍ସି:** ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଚଳିତ ବର୍ଷ ଟି-୨୦ ବିଶ୍ୱକପ୍ ଜିତି ଇତିହାସ ରଚିଥିବା ଭାରତୀୟ ଟିମ୍ ଆଇସିସି ଟି-୨୦ ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ନିଜର ପ୍ରଥମ ସ୍ଥାନ ବଜାୟ ରଖିଛି। ମଙ୍ଗଳବାର ଆଇସିସି ବାର୍ଷିକ ଅପ୍‌ଡେଟ୍ ଜାରୀ କରିଛି। ଅପ୍‌ଡେଶନ୍ ପରେ ଟି-୨୦ରେ ଟିମ୍ ଇଣ୍ଡିଆ ୨୭୫ ପଏଣ୍ଟ୍ ସହ ପ୍ରଥମ ସ୍ଥାନରେ କାଏମ ରହିଛି। ଇଂଲଣ୍ଡ (୨୬୨) ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆ (୨୫୮) ତୃତୀୟ ସ୍ଥାନରେ ରହିଛନ୍ତି।

ନୂଆ ଅପ୍‌ଡେଶନ୍ ପରେ ଟି-୨୦ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ-୭ ସ୍ଥାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେବେ ଏଥିରେ ଶ୍ରୀଲଙ୍କାକୁ ୬ ସ୍ଥାନର କ୍ଷତି ହୋଇଛି ଏବଂ ଟିମ୍ ନବମ ସ୍ଥାନକୁ ଖସିଆସିଛି। ଏହାର ଲାଭ ବାଂଲାଦେଶକୁ ମିଳିଛି। ଟିମ୍ ଏବେ ୮ମ ସ୍ଥାନରେ ପହଞ୍ଚିଛି। ସେହିପରି ଆମେରିକା ୬ ପଏଣ୍ଟର ସୁଧାର ସହିତ ୧୩ଶ ସ୍ଥାନ ହାସଲ କରିଛି। ଆମେରିକା ଏଥିରେ ନେଦରଲାଣ୍ଡ ଓ ସ୍କଟ୍‌ଲାଣ୍ଡ ପରି ଅନୁଭବୀ ଟିମ୍‌କୁ ପଛରେ ପକାଇ ଦେଇଛି। ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ଥର ସାମିଲ ହୋଇଥିବା ଇଟାଲୀ ଚମତ୍କାର ପ୍ରଦର୍ଶନ ଦମ୍‌ରେ ର୍‍ୟାଙ୍କିଙ୍ଗ୍‌ରେ ୩ ସ୍ଥାନର ଲମ୍ଫ ପ୍ରଦାନ କରିଛି। ନେପାଳକୁ ୧୦ ୱିକେଟ୍‌ରେ ହରାଇଥିବା ଇଟାଲୀ ଏବେ ୨୩ତମ ସ୍ଥାନରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ସାମିଲ ଟିମ୍ ସଂଖ୍ୟା ୧୦୨ରୁ ହ୍ରାସ ପାଇ ୯୮ ହୋଇଛି। ଫିଜି, ଗାମ୍ବିଆ, ଗ୍ରୀସ୍ ଏବଂ ଇସ୍ରାଏଲ୍‌କୁ ର୍‍ୟାଙ୍କିଙ୍ଗ୍‌ରୁ ବାହାର କରାଯାଇଛି। ଏହାର କାରଣ ଗତ ତିନିବର୍ଷ ମଧ୍ୟରେ ଏହି ଟିମ୍‌ଗୁଡ଼ିକ ନ୍ୟୁନତମ ୮ ଟି-୨୦ ମ୍ୟାଚ୍ ଖେଳିନଥିଲେ।

ମହିଳା ବର୍ଗରେ ଅଷ୍ଟ୍ରେଲିଆର ଦବ୍‌ଦବା ଜାରୀ। ମହିଳା ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲୀୟ ଟିମ୍ ନିଜର ନମ୍ବର ଏକ ସ୍ଥାନ ବଜାୟ ରଖିଛି। ସଦ୍ୟତମ ର୍‍ୟାଙ୍ଗିଂରେ ଅଷ୍ଟ୍ରେଲିଆର ୨୮୭ ପଏଣ୍ଟ୍ ହୋଇଛି। ଇଂଲଣ୍ଡ ୨୭୫ ପଏଣ୍ଟ୍ ସହ ଦ୍ୱିତୀୟ ଏବଂ ଟିମ୍ ଇଣ୍ଡିଆ ୨୬୪ ପଏଣ୍ଟ୍ ସହ ତୃତୀୟ ସ୍ଥାନରେ କାଏମ୍ ଅଛନ୍ତି। ର୍‍ୟାଙ୍କିଙ୍ଗ୍‌ର ଟପ୍-୬ ସ୍ଥାନରେ କୌଣସି ପରିବର୍ତ୍ତନ ହୋଇନାହିଁ।

**ସଞ୍ଜୁ ସାମ୍‌ସନ୍‌ଙ୍କ ଝଡ଼ରେ ଉଡ଼ିଲା ଦିଲ୍ଲୀ**

# ୮ ୱିକେଟ୍‌ରେ ହରାଇଲା ଚେନ୍ନାଇ



**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ୱିକେଟ୍‌କିପର୍ ବ୍ୟାଟର୍ ସଞ୍ଜୁ ସାମ୍‌ସନ୍‌ଙ୍କ ବିସ୍ଫୋରକ ଇନିଂସ୍ ବଳରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମଙ୍ଗଳବାର ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ୱିକେଟ୍‌ରେ ହରାଇ ଚଳିତ ଆଇପିଏଲ୍ ସିଜନ୍‌ରେ ପଞ୍ଚମ ବିଜୟ ହାସଲ କରିଛି। ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଜବାବରେ ଚେନ୍ନାଇ ୧୭.୩ ଓଭର୍‌ରେ ମାତ୍ର ଦୁଇଟି ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି।

୧୫୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଚେନ୍ନାଇର ଆରମ୍ଭ ଭଲ ନଥିଲା। କ୍ୟାପ୍‌ଟେନ୍ ଋତୁରାଜ ଗାଏକ୍‌ୱାଡ୍ ପୁଣିଥରେ ଫ୍ଲପ୍ ହୋଇଥିଲେ। ସେ ୬ ରନ୍ କରି ଚତୁର୍ଥ ଓଭର୍‌ରେ ଲୁଙ୍ଗି ଏନ୍‌ଗିଡିଙ୍କ ବଲ୍‌ରେ ସମୀର ରିଜ୍‌ଭୀଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଏହାପରେ ସଞ୍ଜୁ ସାମ୍‌ସନ୍ ଇନିଂସ୍ ସମ୍ଭାଳି ଉର୍ବିଲ୍ ପଟେଲ୍ (୧୭)ଙ୍କ ସହ ୨୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ପରେ କାର୍ତ୍ତିକ ଶର୍ମାଙ୍କ ସହ ଅବିଭାଜିତ ୩ୟ ୱିକେଟ୍ ପାଇଁ ୧୧୪ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ୧୫ ବଲ୍ ପୂର୍ବରୁ ବିଜୟୀ କରାଇଥିଲେ। ସାମ୍‌ସନ୍ ୫୨ ବଲ୍‌ରେ ୭ ଚୌକା ଓ ୬ ଛକା ସହାୟତାରେ ୮୭ ରନ୍ କରି କାର୍ତ୍ତିକ ଶର୍ମା (୪୧ ରନ୍)ଙ୍କ ସହ ଅପରାଜିତ ଫେରିଥିଲେ। କାର୍ତ୍ତିକଙ୍କ ୩୧ ବଲ୍‌ର ଇନିଂସ୍‌ରେ ୪ ଚୌକା ଓ ୨ ଛକା ସାମିଲ ଥିଲା। ଦିଲ୍ଲୀ ପକ୍ଷରୁ ଲୁଙ୍ଗି ଏନ୍‌ଗିଡି ଓ ଅକ୍ଷର ପଟେଲ୍ ୧-୧ ୱିକେଟ୍ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଦିଲ୍ଲୀ କ୍ୟାପିଟାଲ୍ସର ଆରମ୍ଭ ବହୁ ଖରାପ ଥିଲା। ଟିମ୍ ୬୯ ରନ୍ ମଧ୍ୟରେ ୫ ୱିକେଟ୍ ହରାଇଥିଲା। ତେବେ ଏହାପରେ ସମୀର ରିଜ୍‌ଭୀ ଓ ଟ୍ରିଷ୍ଟନ୍ ଷ୍ଟବ୍ସ ଇନିଂସ୍ ସମ୍ଭାଳି ଟିମ୍‌ର ସ୍କୋର୍ ୧୫୫ ରନ୍‌ରେ ପହଞ୍ଚାଇଥିଲେ। ଉଭୟ ୬ଷ୍ଠ ୱିକେଟ୍ ପାଇଁ ୪୭ ବଲ୍‌ରେ ୬୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ସମୀର ରିଜ୍‌ଭୀ ୨୪ ବଲ୍‌ରେ ୪ ଛକା ସହାୟତାରେ ସର୍ବାଧିକ ୪୦ ରନ୍ କରି ଅପରାଜିତ ରହିଥିବା ବେଳେ ଷ୍ଟବ୍ସ ୩୧ ବଲ୍‌ରେ ୩୮ ରନ୍‌ର ଯୋଗଦାନ ଦେଇଥିଲେ। କ୍ୟାପ୍‌ଟେନ୍ ଅକ୍ଷର ପଟେଲ୍ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିବା ବେଳେ ପାଥୁମ ନିସଙ୍କା ୧୯, କେଏଲ୍ ରାହୁଲ ୧୨, ନିତିଶ ରାଣା ୧୫, କରୁଣ ନାୟର୍ ୧୩ ଏବଂ ଆଶୁତୋଷ ଶର୍ମା ୧୪ ରନ୍ କରିଥିଲେ। ଚେନ୍ନାଇ ପକ୍ଷରୁ ନୂର୍ ଅହମଦ ଦୁଇଟି ୱିକେଟ୍ ଅକ୍ତିଆର କରିଥିଲେ।

# ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ୍ ଖେଳିବେ ଭାରତୀୟ ପୁରୁଷ ଓ ମହିଳା ଅଣ୍ଡର୍-୧୮ ହକି ଟିମ୍



**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ଭାରତୀୟ ଅଣ୍ଡର-୧୮ ପୁରୁଷ ଓ ମହିଳା ହକି ଟିମ୍ ଏସିଆ କପ୍ ପ୍ରସ୍ତୁତିକୁ ମଜଭୁତ କରିବା ପାଁ ମେ’ ୧୫ରୁ ୨୦ ତାରିଖ ମଧ୍ୟରେ ଅଷ୍ଟ୍ରେଲିଆ ବିପକ୍ଷରେ ଚାରି ମ୍ୟାଚ୍‌ର ସିରିଜ୍ ଖେଳିବେ। ଏହି ମ୍ୟାଚ୍ ଭୋପାଳରେ ଆୟୋଜିତ ହେବ। ନିକଟରେ ଭୋପାଳର ସାଇ ସେଣ୍ଟର୍‌ରେ ହିଁ ଦୁଇଟି ଟିମ୍‌ର ଟ୍ରେନିଂ କ୍ୟାମ୍ପ୍ ଚାଲିଥିଲା। ନିଜ ରଣନୀତି ଓ ସଂଯୋଜନକୁ ଅନ୍ତିମ ରୂପ ଦେବାକୁ ଏହି ସିରିଜ୍ ଖେଳାଳିମାନଙ୍କ ପାଇଁ ଉନ୍ନତ ସୁଯୋଗ କୁହାଯାଉଛି। ଚଳିତ ମାସ ଶେଷରେ ଜାପାନର କାକାମିଗାହାରାରେ ଅଣ୍ଡର-୧୮ ଏସିଆ କପ୍ ଆରମ୍ଭ ହେବାକୁ ଥିବା ଏହି ସିରିଜ୍ ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ। ଅଷ୍ଟ୍ରେଲିଆ ପରି ଶକ୍ତିଶାଳୀ ଟିମ୍ ବିପକ୍ଷରେ ଖେଳିବା ଫଳରେ ଭାରତୀୟ ଖେଳାଳିଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଅନୁଭବ ମିଳିବ, ଯାହା ଟୁର୍ଣ୍ଣାମେଣ୍ଟ୍‌ରେ ସେମାନଙ୍କ ପ୍ରଦର୍ଶନ ପାଇଁ ବହୁ ଜରୁରୀ ସାବ୍ୟସ୍ତ ହୋଇପାରେ।

ପୁରୁଷ ଟିମ୍ କୋଚ୍ ସରଦାର ସିଂହ କହିଛନ୍ତି, କ୍ୟାମ୍ପ୍ ଅବସରରେ ଖେଳାଳିଙ୍କ ମୂଳଭୁତ କୌଶଳ ଏବଂ ଫିଟ୍‌ନେସ୍ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ସେ କହିଛନ୍ତି, ଆମର ଉଦ୍ଦେଶ୍ୟ ଖେଳାଳିଙ୍କୁ ଆଧୁନିକ ହକିର ଦାବି ଅନୁସାରେ ପ୍ରସ୍ତୁତ କରିବା। ଅଷ୍ଟ୍ରେଲିଆ ବିପକ୍ଷ ଏହି ସିରିଜ୍ ଆମ ପ୍ରସ୍ତୁତିର ପ୍ରମୁଖ ଅଂଶବିଶେଷ ହେବ। ସେହିପରି ମହିଳା ଟିମ୍ କୋଚ୍ ରାଣୀ ରାମପାଲ୍ ମଧ୍ୟ ଏହି ସିରିଜ୍‌କୁ ଖେଳାଳିମାନଙ୍କ ପାଇଁ ବଡ଼ ସୁଯୋଗ ବୋଲି କହିଛନ୍ତି। ସେ କହିଛନ୍ତି, ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଖେଳାଳିଙ୍କୁ ଉଚ୍ଚ ସ୍ତରରେ ଖେଳିବାକୁ ଅନୁଭବ ପ୍ରଦାନ କରିବ। ଏହା ଏସିଆ କପ୍ ପୂର୍ବରୁ ନିଜର କ୍ଷମତା ପ୍ରଦର୍ଶନ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଚମତ୍କାର ଅବସର।

# ଆଇପିଏଲ୍ ଫାଇନାଲ୍ ଭେନ୍ୟୁକୁ ନେଇ ସଂଶୟ

**ବେଙ୍ଗାଲୁରୁରେ ଟିକେଟ୍ ବିବାଦରୁ ଅଡୁଆ**

**ପଞ୍ଜାବ ଓ କର୍ଣ୍ଣାଟକରେ ହୋଇପାରେ ପ୍ଲେଅଫ୍**

**ମୁମ୍ବାଇ,୫।୫/ଏଜେନ୍ସି:** ଆଇପିଏଲ୍ ୨୦୨୬ର ଫାଇନାଲ୍ ମ୍ୟାଚ୍‌ର ଭେନ୍ୟୁକୁ ନେଇ ଅସମଞ୍ଜସ୍ୟ ଲାଗି ରହିଛି। ସାଧାରଣତଃ ଫାଇନାଲ୍ ଡିଫେଣ୍ଡିଂ ଚାମ୍ପିଅନ୍‌ର ହୋମ୍ ଗ୍ରାଉଣ୍ଡ୍‌ରେ ହୋଇଥାଏ। ମାତ୍ର ବେଙ୍ଗାଲୁରୁରେ ରାଜନୈତିକ ବିବାଦ କାରଣରୁ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଫାଇନାଲ୍ ହେବାର ସମ୍ଭାବନା କମ୍ ଲାଗୁଛି। ବିସିସିଆଇର ଏକ ସୂତ୍ରକୁ ଉଦ୍ଧାର କରି ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇ କହିଛନ୍ତି, ବେଙ୍ଗାଲୁରୁରେ ‘ବିଧାୟକ ଟିକେଟ୍’ ପ୍ରସଙ୍ଗ ଅସୁବିଧା ସୃଷ୍ଟି କରିଛି। ଯଦି ଏହାର ସମାଧାନ ହୋଇନପାରେ, ତେବେ ବିସିସିଆଇ ଫାଇନାଲ୍ ମ୍ୟାଚ୍ ଅନ୍ୟ କୌଣସି ସହରକୁ ସ୍ଥାନାନ୍ତରିତ କରିପାରେ। ଚଳିତ ଆଇପିଏଲ୍‌ର ଫାଇନାଲ୍ ମ୍ୟାଚ୍ ମେ’ ୩୧ ତାରିଖକୁ ନିର୍ଦ୍ଧାରିତ ହୋଇଛି। ମାତ୍ର ଏବେ ପ୍ଲେଅଫ୍‌ର ଭେନ୍ୟୁ ଘୋଷଣା କରାଯାଇ ନାହିଁ। ପ୍ଲେଅଫ୍ ମ୍ୟାଚ୍ ପଞ୍ଜାବ ଓ କର୍ଣ୍ଣାଟକ ମଧ୍ୟରେ ବଣ୍ଟାଯାଇପାରେ ବୋଲି ସମ୍ପୃକ୍ତ ସୂତ୍ର ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଘୋଷଣା କରିଥିଲେ ଯେ ଚଳିତ ଆଇପିଏଲ୍‌ରେ ବିଧାୟକ ଏବଂ ସାଂସଦଙ୍କୁ ଆର୍‌ସିବି ମ୍ୟାଚ୍‌ଗୁଡ଼ିକ ପାଇଁ ତିନିଟି ଟିକେଟ୍ ଦିଆଯିବ। ମାତ୍ର କଂଗ୍ରେସ ବିଧାୟକ ବିଜୟାନନ୍ଦ କାଶପ୍ପନଓ୍ୱର୍ ପରାମର୍ଶ ଦେଇଥିଲେ ଯେ ପ୍ରତ୍ୟେକ ବିଧାୟକଙ୍କୁ ଅତିକମ୍‌ରେ ୫ ଆଇପିଏଲ୍ ଟିକେଟ୍ ମିଳିବା ଉଚିତ। ସେ ଯୁକ୍ତି ବାଢ଼ିଥିଲେ ଯେ ନିର୍ବାଚିତ ଜନପ୍ରତିନିଧି ଭିଆଇପି ଏବଂ ସେମାନେ ଲାଇନ୍‌ରେ ଛିଡ଼ାହେବା ଉଚିତ ନୁହେଁ।

ତେବେ ବିଧାୟକଙ୍କ ଟିକେଟ୍‌ର ଦୁରୁପଯୋଗ ହୋଇପାରେ ବୋଲି କେତେକ ମହଲରୁ ଅଭିଯୋଗ ହେବା ପରେ ରାଜ୍ୟ ଗୃହମନ୍ତ୍ରୀ ଜି. ପରମେଶ୍ୱର ଏହାର ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, ଟିକେଟ୍ ଅନ୍‌ଲାଇନ୍ ବୁକ୍ ହୋଇଥାଏ। ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ମ୍ୟାଚ୍ ପାଇଁ ଟିକେଟ୍ ‘ନନ୍-ଟ୍ରାନ୍ସଫରେବଲ୍’। ଏହାର ଅର୍ଥ ବିଧାୟକଙ୍କ କିମ୍ବା ତାଙ୍କ ପରିବାର ସଦସ୍ୟ ହିଁ ମ୍ୟାଚ୍ ଦେଖିପାରିବେ। ଅନ୍ୟ ବ୍ୟକ୍ତି ଏହି ଟିକେଟ୍‌ର ବ୍ୟବହାର କରିପାରିବେ ନାହିଁ।

# ଟିଏମ୍‌ସି ଛାଡ଼ିଲେ କ୍ରିକେଟର୍ ମନୋଜ ତିୱାରୀ

**ଟିକେଟ୍ ପାଇଁ ୫ କୋଟି ଦାବି ଅଭିଯୋଗ**



**କୋଲ୍‌କାତା,୫।୫/ଏଜେନ୍ସି:** ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର୍ ମନୋଜ ତିୱାରୀ ମଙ୍ଗଳବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସହ ନିଜ ସମ୍ପର୍କ ଛିନ୍ନ କରିଛନ୍ତି। ପଶ୍ଚିମବଙ୍ଗ ବିଧାନସଭାରେ ଟିଏମ୍‌ସିର ଶୋଚନୀୟ ପରାଜୟର ଗୋଟିଏ ଦିନ ପରେ ମନୋଜ ତିୱାରୀ ଅଭିଯୋଗ କରିଛନ୍ତି ଯେ ସେ ୫ କୋଟି ଟଙ୍କା ଦେବାକୁ ରାଜି ନହେବାରୁ ପାର୍ଟି ତାଙ୍କୁ ହାୱଡ଼ାର ଶିବପୁର ଆସନରୁ ଟିକେଟ୍ ଦେବାକୁ ମନା କରିଦେଇଥିଲା।

ସୂଚନାଯୋଗ୍ୟ, ମମତା ବାନାର୍ଜୀ ସରକାରରେ ମନୋଜ ତିୱାରୀ ଖେଳ ରାଜ୍ୟ ମନ୍ତ୍ରୀ ଥିଲେ। ପାର୍ଟି ଛାଡ଼ିବା ଘୋଷଣା କରି ମନୋଜ ତିୱାରୀ କହିଛନ୍ତି, ‘କେବଳ କୋଟି କୋଟି ଟଙ୍କା ଦେଇଥିପାରିଥିବା ଲୋକମାନେ ହିଁ ଟିକେଟ୍ କିଣିପାରିଥିଲେ। ଚଳିତ ଥର ଅତିକମ୍‌ରେ ୭୦ରୁ ୭୨ ପ୍ରାର୍ଥୀ ଟିକେଟ୍ ପାଇଁ ପ୍ରାୟ ୫ କୋଟି ଟଙ୍କା ଦେଇଛନ୍ତି। ମୋତେ ଅର୍ଥ ମଗାଯାଇଥିଲା, କିନ୍ତୁ ମୁଁ ଦେବାକୁ ମନା କରିଥିଲି। ଏବେ ମୋ ପାଇଁ ଟିଏମ୍‌ସି ଅଧ୍ୟାୟ ସମ୍ପୂର୍ଣ୍ଣ ଶେଷ ହୋଇଯାଇଛି।’ ତିୱାରୀଙ୍କ ଅନୁସାରେ ଯଦିଓ ତୃଣମୂଳ ତାଙ୍କୁ ୨୦୧୯ରେ ଲୋକସଭା ଟିକେଟ୍ ଦେବାକୁ ପ୍ରସ୍ତାବ ଦେଇଥିଲା, ରାଜନୀତିକୁ ଆସିବା ପାଇଁ ତାଙ୍କର କୌଣସି ଉଦ୍ଦେଶ୍ୟ ନଥିଲା। ଶେଷରେ ୨୦୨୧ ବିଧାନସଭା ନିର୍ବାଚନରେ ସେ ଶିବପୁର ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ ତୃଣମୂଳ କଂଗ୍ରେସରେ ଆଭ୍ୟନ୍ତରୀଣ ଗଣତନ୍ତ୍ରର ଅଭାବ ରହିଛି। ମୋତେ ରାଜ୍ୟମନ୍ତ୍ରୀ ଭାବେ କେବଳ ଏକ ‘ଲଲିପପ୍’ ଧରାଇ ଦିଆଯାଇଥିଲା, ଯାହାର ପ୍ରକୃତରେ କୌଣସି ଅର୍ଥ ନଥିଲା। ପାର୍ଟି ମିଟିଂରେ ମୋ ଅଞ୍ଚଳର ସମସ୍ୟା ଶୁଣିବା ପାଇଁ ମମତା ବାନାର୍ଜୀଙ୍କ ପାଖରେ ସମୟ ନଥାଏ।

**ରାଜସ୍ଥାନ ରୟାଲ୍ସ ନିଲାମ ପ୍ରକ୍ରିୟାକୁ ନେଇ ଉଠିଲା ପ୍ରଶ୍ନ**

# ଆମ ସହିତ ଭେଦଭାବ ହୋଇଛି: ସୋମାନୀ ଗ୍ରୁପ୍

**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ଆଇପିଏଲ୍ ଫ୍ରାଞ୍ଚାଇଜି ରାଜସ୍ଥାନ ରୟାଲ୍ସର ନିଲାମ ପ୍ରକ୍ରିୟାରେ ଏକ ନୂଆ ବିବାଦ ଦେଖାଦେଇଛି। ଏଥିରେ ସାମିଲ ଆମେରିକୀୟ ବ୍ୟବସାୟୀ କାଲ୍ ସୋମାନୀଙ୍କ ନେତୃତ୍ୱାଧୀନ ସୋମାନୀ ଗ୍ରୁପ୍ ନିଲାମ ପ୍ରକ୍ରିୟା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଗ୍ରୁପ୍ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରୀକରି ନିଜର ନୈରାଶ୍ୟ ବ୍ୟକ୍ତ କରିଛି। ଗ୍ରୁପ୍ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଅନ୍ତିମ ନିଷ୍ପତ୍ତି ନିରପେକ୍ଷ ନଥିଲା ଏବଂ ତାଙ୍କୁ ସମାନ ସୁଯୋଗ ଦିଆଯାଇ ନାହିଁ।

ନିକଟରେ ବିଶିଷ୍ଟ ଉଦ୍ୟୋଗପତି ଲକ୍ଷ୍ମୀ ନିବାସ ମିତ୍ତଲ ଏବଂ ତାଙ୍କ ପୁତ୍ର ଆଦିତ୍ୟ ମିତ୍ତଲ ସିରମ୍ ମାଲିକ ଅଦାର ପୁନାୱାଲଙ୍କ ସହ ମିଶି ରାଜସ୍ଥାନ ରୟାଲ୍ସର ୯୩% ଅଂଶଧନ ପ୍ରାୟ ୧୫,୬୦୦ କୋଟି ଟଙ୍କାରେ କିଣିଛନ୍ତି।

ସୋମାନୀ ଗ୍ରୁପ୍ (ଯେଉଁଥିରେ ୱାଲ୍ମାର୍ଟ ଓ ଫୋର୍ଡ ଗ୍ରୁପ୍ ସାମିଲ ଥିଲେ)ର କହିବା ଅନୁସାରେ ସେମାନଙ୍କ ବିଡ୍ ୧.୬୩ ବିଲିୟନ୍‌ର ଡଲାର ଥିଲା ଏବଂ ଡିଲ୍ କ୍ଲୋଜ୍ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ। ଗ୍ରୁପ୍ ନିକଟରେ ପର୍ଯ୍ୟାପ୍ତ ଫଣ୍ଡିଂ ଥିବାବେଳେ ଅନ୍ତିମ ମୁହୂର୍ତ୍ତରେ ସେମାନଙ୍କ ବିଡ୍‌କୁ ଅଣଦେଖା କରାଯାଇଛି ବୋଲି ସୋମନୀ ଗ୍ରୁପ୍ ଅଭିଯୋଗ କରିଛି। ଗ୍ରୁପ୍ ଅନୁସାରେ ଏ ପ୍ରକାରର ବଡ଼ ନିଲାମରେ ପାରଦର୍ଶିତା ଏବଂ ସଚ୍ଚୋଟତାର ଅଭାବ ଚିନ୍ତାଜନକ।

# ବୁମ୍‌ରାଙ୍କ ଫର୍ମକୁ ନେଇ ରବି ଶାସ୍ତ୍ରୀ ଚିନ୍ତିତ

**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ଭାରତର ପୂର୍ବତନ କ୍ୟାପ୍‌ଟେନ୍ ଏବଂ କୋଚ୍ ରବି ଶାସ୍ତ୍ରୀ ଆଇପିଏଲ୍ ୨୦୨୬ରେ ଦେଶର ଶୀର୍ଷ ଫାଷ୍ଟ୍ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ଫର୍ମ ହ୍ରାସକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଶାରୀରିକ ଏବଂ ମାନସିକ ଥକାପଣକୁ ସେ ଏହାର କାରଣ ବୋଲି କହିବା ସହିତ ଆଗାମୀ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କ୍ୟାଲେଣ୍ଡର୍ ଦୃଷ୍ଟିରୁ ନିଜର ଏହି ମୁଖ୍ୟ ଫାଷ୍ଟ୍ ବୋଲର୍‌ଙ୍କ ଧ୍ୟାନ ରଖିବା ପାଇଁ ମୁମ୍ବାଇ ଇଣ୍ଡିଆନ୍ସକୁ ଅନୁରୋଧ କରିଛନ୍ତି। ଶାସ୍ତ୍ରୀ କହିଛନ୍ତି, ବୁମ୍‌ରା ଗତ ୧୨ ବାସରେ ଭାରତୀୟ ଟିମ୍ ସହିତ ବହୁ ଅଧିକ ୱାର୍କ ଲୋଡ୍ (କାମ ବୋଝ) ପରେ ଏହି ଆଇପିଏଲ୍ ଖେଳୁଛନ୍ତି। ତାଙ୍କ ଅସୁବିଧା କେବଳ ଶାରୀରିକ ନୁହେଁ। ମାନସିକ ଥକାପଣ ମଧ୍ୟ ଏକ ବଡ଼ କାରଣ। ମୁମ୍ବାଇ ଇଣ୍ଡିଆନ୍ସକୁ ତାଙ୍କ ଧ୍ୟାନ ରଖିବାକୁ ହେବ। ଆଗାମୀ ଦୁଇବର୍ଷରେ ବହୁତ ବ୍ୟସ୍ତ କାର୍ଯ୍ୟକ୍ରମ ରହିଛି। କେତେକ ଟେଷ୍ଟ ସିରିଜ୍ ଏବଂ ଦିନିକିଆ ବିଶ୍ୱକପ୍ ଆୟୋଜିତ ହେବ। ତେଣୁ ତାଙ୍କ ଫିଟ୍‌ନେସ୍ ଏବଂ ୱାର୍କ ଲୋଡ୍‌କୁ ଧ୍ୟାନର ସହିତ ମ୍ୟାନେଜ୍ କରିବାକୁ ହେବ।

## ଦେଶ ବିଦେଶ

# ଇଣ୍ଡିଗୋ ବିମାନରେ ପାୱାର୍ ବ୍ୟାଙ୍କ୍ ବ୍ଲାଷ୍ଟ୍, ୫ ଆହତ

**ଏମର୍ଜେନ୍ସି ଗେଟ୍‌ରେ ସମସ୍ତ ଯାତ୍ରୀଙ୍କୁ ବାହାର କରାଗଲା**



**ଚଣ୍ଡିଗଡ଼,୫।୫/ଏଜେନ୍ସି:** ହାଇଦ୍ରାବାଦରୁ ଚଣ୍ଡିଗଡ଼ ଆସିଥିବା ଇଣ୍ଡିଗୋର ଏକ ବିମାନ (୬ଇ ୧୦୮)ରେ ମଙ୍ଗଳବାର ପାୱାର୍ ବ୍ୟାଙ୍କ୍‌ରେ ବ୍ଲାଷ୍ଟ ହୋଇ ୫ ଯାତ୍ରୀ ଆହତ ହୋଇଛନ୍ତି। ପାୱାର୍ ବ୍ୟାଙ୍କ୍ ଜଣେ ଯାତ୍ରୀଙ୍କ ବ୍ୟାଗ୍‌ରେ ଥିଲା। ବିମାନଟି ଏୟାରପୋର୍ଟରେ ଛିଡ଼ା ହୋଇଥିବା ବେଳେ ଏହି ବ୍ଲାଷ୍ଟ ହୋଇଥିଲା। ବ୍ଲାଷ୍ଟ ପରେ ବିମାନରେ ଧୂଆଁ ଭରିଯାଇଥିଲା, ଯାହାକୁ ନେଇ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। କ୍ରୁ ସଦସ୍ୟମାନେ ତୁରନ୍ତ ଫାୟାର୍ ସେଫ୍‌ଟି ଉପକରଣ ଦ୍ୱାରା ନିଆଁକୁ କାବୁ କରିବା ସହିତ ଯାତ୍ରୀମାନଙ୍କୁ ତୁରନ୍ତ ଏମର୍ଜେନ୍ସି ଗେଟ୍ ଦେଇ ବାହାର କରାଯାଇଥିଲା। ତେବେ ପାୱାର୍ ବ୍ୟାଙ୍କ କିପରି ବ୍ଲାଷ୍ଟ ହେବା ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ପୁଲିସ୍ ଏବଂ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଟିମ୍ ଏହାର ଯାଞ୍ଚ କରୁଛନ୍ତି।

ସୂତ୍ର ଅନୁସାରେ ହାଇଦ୍ରାବାଦରୁ ଆସିଥିବା ଇଣ୍ଡିଗୋ ବିମାନଟି ପ୍ରାୟ ୩.୨୯ ସମୟରେ ଚଣ୍ଡିଗଡ଼ ବିମାନ ବନ୍ଦରରେ ସୁରକ୍ଷିତ ଲ୍ୟାଣ୍ଡିଂ କରିଥିଲା। ଏଥିରେ ଦୁଇଜଣ ଶିଶୁ ଏବଂ ଛଅ କ୍ରୁ ସଦସ୍ୟଙ୍କ ସମେତ ମୋଟ ୧୯୮ ଯାତ୍ରୀ ଥିଲେ। ଲ୍ୟାଣ୍ଡିଂ ପରେ ବିମାନଟି ନମ୍ବର-୧ ରନ୍‌ୱେରେ ଆଗକୁ ଗତି କରୁଥିବା ବେଳେ ୩୧ସି ଆସନରେ ବସିଥିବା ଯାତ୍ରୀଙ୍କ ବ୍ୟାଗ୍‌ରେ ଥିବା ପାୱାର୍ ବ୍ୟାଙ୍କ୍‌ରେ ନିଆଁ ଲାଗିଯାଇଥିଲା। କ୍ରୁ ସଦସ୍ୟ ତୁରନ୍ତ ଫାୟାର୍ ସେଫ୍ଟି ଉପକରଣ ସହାୟତାରେ ନିଆଁକୁ କାବୁ କରିଥିଲେ। କିନ୍ତୁ ବିମାନରେ ଧୂଆଁ ଭରିଯାଇଥିଲା। ସତର୍କତାମୂଳକ ଏମର୍ଜେନ୍ସି ପ୍ରୋଟୋକଲ୍ ଲାଗୁ କରାଯିବା ସହିତ କ୍ରୁ ସଦସ୍ୟ ଏମର୍ଜେନ୍ସି ଗେଟ୍ ଖୋଲି ସ୍ଲାଇଡ୍ ଜରିଆରେ ଯାତ୍ରୀଙ୍କୁ ବାହାର କରିଥିଲେ। ସୂଚନା ପାଇଁ ଏୟାର୍‌ଫୋର୍ସର ଫାୟାର୍ ଟେଣ୍ଡର୍ ଟିମ୍ ୩.୩୮ ବେଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ସେତେବେଳକୁ ନିଆଁ ଲିଭିସାରିଥିଲା।

# ଆଉ ୮-୯ ବର୍ଷ ରାଷ୍ଟ୍ରପତି ରହିବି: ଟ୍ରମ୍ପ୍



**ୱାଶିଂଟନ୍, ଡିସି,୫।୫/ଏଜେନ୍ସି:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣିଥରେ ରାଷ୍ଟ୍ରପତି ହେବାକୁ ଇଚ୍ଛାପ୍ରକାଶ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟ୍ରମ୍ପ୍ କହିଛନ୍ତି, ସେ ୮-୯ ବର୍ଷ ପରେ ପଦ ଛାଡ଼ିବେ। ଏହା ଶୁଣି ସେଠାରେ ଉପସ୍ଥିତ ଲୋକମାନେ ହସିବାରୁ ଟ୍ରମ୍ପ୍ କହିଥିଲେ, ସେ ମଜା କରୁନାହାନ୍ତି। କାମ କରିବା ତାଙ୍କର ପସନ୍ଦ। ଟ୍ରମ୍ପ୍ ଆହୁରି କହିଛନ୍ତି, ଏବେ ତାଙ୍କ କାର୍ଯ୍ୟକାଳ ଆରମ୍ଭ ହୋଇଛି ଏବଂ ବହୁ କାମ କରିବାକୁ ବାକି ଅଛି। ଟ୍ରମ୍ପ୍ ଆସନ୍ତା ମାସରେ ୮୦ ବର୍ଷ ବୟସର ହେବେ। ତାଙ୍କ ବୟସକୁ ନେଇ ମଧ୍ୟ ଟ୍ରମ୍ପ୍ ମଜାକ୍ କରିଛନ୍ତି। ସେ କହିଛନ୍ତି, ମୁଁ ବୟସ୍କ ହୋଇନାହିଁ, ବୟସ୍କଠାରୁ ବହୁ ଅଧିକ ଯୁବକ। ମୁଁ ଆଜି ସେପରି ଅନୁଭବ କରୁଛି, ଯେପରି ୫୦ ବର୍ଷ ତଳେ ହେଉଥିଲା। ଏହା ପୂର୍ବରୁ ମଧ୍ୟ ଟ୍ରମ୍ପ୍ ବହୁଥର ତୃତୀୟ କାର୍ଯ୍ୟକାଳ ସମ୍ପର୍କରେ ସଙ୍କେତ ଦେଇସାରିଛନ୍ତି।

# ଝଡ଼ ବାତ୍ୟାରେ ୟୁପି-ବିହାରରେ ୩୧ ମୃତ

**ଦିଲ୍ଲୀରେ କୁଆପଥର ବର୍ଷା, ହରିଆଣାରେ ଉପୁଡ଼ିଲା ୧୫ ହଜାର ଗଛ**

**ନୂଆଦିଲ୍ଲୀ,ପାଟନା,୫।୫/ଏଜେନ୍ସି:** ରାଜସ୍ଥାନର ଦକ୍ଷିଣ-ପଶ୍ଚିମରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କାରଣରୁ ଦେଶର ବଡ଼ ଭାଗରେ ପାଣିପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦକ୍ଷିଣ-ପୂର୍ବ ଉତ୍ତର ପ୍ରଦେଶରୁ ନେଇ ତାମିଲନାଡୁ ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ୍ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଉତ୍ତର, ମଧ୍ୟ ଏବଂ ଦକ୍ଷିଣ ଭାରତରେ ବର୍ଷା ହେଉଛି। ଗତ ୨୪ ଘଣ୍ଟାରେ ଉତ୍ତର ପ୍ରଦେଶ, ବିହାର ସମେତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଝଡ଼ବାତ୍ୟା ହୋଇଛି। ଉତ୍ତର ପ୍ରଦେଶ ଓ ବିହାରରେ ଝଡ଼ବାତ୍ୟା ଏବଂ ବଜ୍ରାଘାତରେ ୩୧ ଲୋକଙ୍କର ମୃତ୍ୟୁ ଘଟିଛିଥିବା ବେଳେ ପ୍ରବଳ ପବନ କାରଣରୁ ହରିଆଣାରେ ପ୍ରାୟ ୧୫ ହଜାର ଗଛ ଉପୁଡ଼ି ପଡ଼ିଛି। ଘୂର୍ଣ୍ଣି ବଳୟ ପ୍ରଭାବରେ ଦିଲ୍ଲୀରେ ମଙ୍ଗଳବାର ଅପରାହ୍ନରେ କୁଆପଥର ବର୍ଷା ହୋଇଥିଲା। ଉତ୍ତର ପ୍ରଦେଶରେ ପ୍ରବଳ ବର୍ଷା କାରଣରୁ ୮ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ପିଲିଭିତିରେ ଇଟାଭାଟିର ୧୦୦ ଫୁଟ ଉଚ୍ଚ ଚିମ୍‌ନୀ ଭୁଶୁଡ଼ି ପଡ଼ିଛି। ବିହାରର ୨୨ ଜିଲ୍ଲାରେ ପ୍ରବଳ ପବନ ସହ ବର୍ଷା ହୋଇଛି। ବଜ୍ରାଘାତରେ ୭ ଶିଶୁଙ୍କ ସମେତ ୨୩ ଲୋକଙ୍କ ମୃତ୍ୟୁ ଘଟିଛି। ବଜ୍ରାଘାତରେ ଦୁଇଜଣ ମହିଳା ପୋଡ଼ିଯାଇଛନ୍ତି।

# ଜଳନ୍ଧର ବିଏସ୍‌ଏଫ୍ ମୁଖ୍ୟାଳୟ ବାହାରେ ବିସ୍ଫୋରଣ

**ସ୍କୁଟିରେ ବିସ୍ଫୋରକ ରଖାଯାଇଥିବା ଆଶଙ୍କା**

**ଜଳନ୍ଧର,୫।୫/ଏଜେନ୍ସି:** ପଞ୍ଜାବର ଜଳନ୍ଧରସ୍ଥିତ ବିଏସ୍‌ଏଫ୍ ମୁଖ୍ୟାଳୟ ବାହାରେ ରଖାଯାଇଥିବା ଏକ ସ୍କୁଟିରେ ମଙ୍ଗଳବାର ରାତିରେ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ବିସ୍ଫୋରଣ ଶବ୍ଦ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଯେଉଁ ଆକ୍ଟିଭା ସ୍କୁଟିରେ ବିସ୍ଫୋରଣ ହୋଇଛି, ତାହା ଜଣେ ଡେଲଭରୀ କର୍ମୀଙ୍କର ବୋଲି କୁହାଯାଉଛି। ସେ ରାତି ପା ୮.୧୫ ବେଳେ ସ୍କୁଟି ରଖି ମୁଖ୍ୟାଳୟ ଭିତରକୁ ପାର୍ସଲ୍ ଦେବାକୁ ଯାଇଥିବା ବେଳେ ଏହି ବିସ୍ଫୋରଣ ଘଟିଛି। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୁରକ୍ଷା ଏଜେନ୍ସି ଏବଂ ବିଏସ୍‌ଏଫ୍ ଯବାନ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ଯାଞ୍ଚ ପରେ ସ୍ଥିତି ସ୍ପଷ୍ଟ ହୋଇପାରିବ ବୋଲି ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra